# ବନଜା

# BANAJA 2013

## (ଶରୀର ଚିତ୍ରକଳା)




**Academy of Tribal Languages & Culture**

ST & SC Development Department

Bhubaneswar

# ବନଜା

# BANAJA 2013

## (ଶରୀର ଚିତ୍ରକଳା)

ସମ୍ପାଦକ

ପ୍ରଫେସର (ଡ଼ଃ) ଅଖିଳ ବିହାରୀ ଓଟା

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

୨୦୧୩

# ବନଜା-୨୦୧୩

ସମ୍ପାଦକ : ପ୍ରଫେସର (ଡ଼ଃ) ଅଖିଳ ବିହାରୀ ଓତା, ଆଇ.ଏ.ଏସ୍.
ସଦସ୍ୟ ସଚିବ

ପ୍ରକାଶକ : ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପଡ଼ିଆ
ୟୁନିଟ୍-୧, ଭୁବନେଶ୍ୱର-୭୫୧୦୦୯

ପ୍ରକାଶନ : ଜାନୁୟାରୀ - ୨୦୧୩

ମୁଦ୍ରଣ : କ୍ୟାପିଟାଲ୍ ବିଜ୍‌ନେସ୍ ସର୍ଭିସ୍ ଏଣ୍ଡ୍ କନ୍‌ସଲ୍‌ଟାନ୍‌ସି
ବି-୫୧, ଶହୀଦନଗର, ଭୁବନେଶ୍ୱର

# BANAJA-2013

**Editor**
Prof. (Dr.) Akhila Bihari Ota, IAS
Member Secretary

**Publisher :**
Member Secretary
Academy of Tribal Languages & Culture
Adivasi Exhibition Ground
Unit-1, Bhubaneswar-751009

January 2013

Printed at : Capital Business Service & Consultancy
B-51, Sahid Nagar, Bhubaneswar

## ସଂପାଦକଙ୍କ କଲମରୁ ...

ଚିତାକୁଟା, ଗଦ୍‌ନା, ବନାକୁଦା ପ୍ରମୁଖ ଜନଜାତି ସମାଜର ଏକ ବିଶିଷ୍ଟ ଅଳଂକରଣ କଳା, ଯାହା ଜନଜାତି ସମାଜର ବିଶେଷତ୍ୱ । ମହିଳାମାନେ ନିଜ ଶରୀରକୁ ଏହି ଚିତା କୁଟେଇ ସୌନ୍ଦର୍ଯ୍ୟ ବିମଣ୍ଡିତ କରିଥାନ୍ତି । ଏହି ଚିତାକୁଟାର ପରଂପରା ଖୁବ୍ ପ୍ରାଚୀନ । ଖ୍ରୀଷ୍ଟପୂର୍ବ ୨୦୦୦ ମସିହାରେ ନିର୍ମିତ ଇଜିପ୍ଟର ପିରାମିଡ୍ ଗର୍ଭରେ ଗଚ୍ଛିତଥିବା ମମି ଦେହରେ ଏହି ଚିତାକୁଟାର ନମୁନା ପରିଲକ୍ଷିତ ହୋଇଥାଏ । ଦୁଇଜଣ ରାଜ ନର୍ତ୍ତକୀ ଏବଂ ଜଣେ ରାଜ ଗଣିକାଙ୍କ ବାହୁ, ଗୋଡ଼, ଏବଂ ତଳି ପେଟରେ ଅଙ୍କିତ ଗାଢ଼ ନୀଳ ରଙ୍ଗର ବିନ୍ଦୁସମୂହରୁ ଚିତାକୁଟା ପରଂପରାର ପ୍ରାଚୀନତା ବିଷୟରେ ସୂଚନା ମିଳେ । ପ୍ରାଚୀନ ମିଶର ସଭ୍ୟତା ଛଡ଼ା ଲୋହିତ ଭାରତୀୟ, ଏସ୍କିମୋ, ଜାପାନିଜ, ତଥା ମାଓରିଙ୍କ ମଧ୍ୟରେ ଏହି ପ୍ରଥାର ପ୍ରଚଳନ ବହୁଳ ଭାବରେ ଥିଲା । ଅଷ୍ଟାଦଶ ଶତାବ୍ଦୀରେ କ୍ୟାପ୍‌ଟେନ୍ ଜେମ୍‌ସ୍ କୁକ୍ ପ୍ରଶାନ୍ତ ମହାସାଗରକୁ ଯାତ୍ରା ସହ ପଶ୍ଚିମ ଜଗତରେ ଚିତାକୁଟା ପରଂପରାକୁ ପୁନଃ ପ୍ରବେଶ କରାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ।

ଜନଜାତିଙ୍କ ମଧ୍ୟରେ ଚିତାକୁଟାର ପରଂପରା ମଧ୍ୟ ତତୋଧିକ ପ୍ରାଚୀନ । ନାନ୍ଦନିକତା ଫୁଟେଇ ହେବା ପାଇଁ ଚିତାକୁଟା ପରଂପରା ମାଧ୍ୟମରେ ଏକ ପ୍ରଥାର ପ୍ରଚଳନ ହୋଇଥିବା ମନେ ହୁଏ । ଦେହକୁ କୌଣସି ରଂଗରେ ସଜେଇ ହେବା ଅପେକ୍ଷା ଏକ ସ୍ଥାୟୀ ରଂଗରେ ସଜେଇ ହେବା ଜନଜାତି ସମାଜ ଶ୍ରେୟ ମନେ କରିଛି ଏବଂ ଏହି କ୍ରମରେ ନିଜ ଶରୀରକୁ ଗୋଷ୍ଠୀ ପରିଚିତି ଦେବା ସହ ବିଭିନ୍ନ ଚିତ୍ରରେ ଚିତ୍ରିତ କରିଛି ।

ଓଡ଼ିଶାର ଗଣ୍ଡମାନଙ୍କ ଚିତାକୁଟା ପରଂପରା ଖୁବ୍ ବିଦିତ । ଏହାଛଡ଼ା କନ୍ଧମାନଙ୍କର ଚିତାକୁଟେଇ ମୁଖ ମଣ୍ଡନ କରିବା ଏକ ଅନନ୍ୟ ପରଂପରା । ଚିତା କୁଟାକୁ ନେଇ ବହୁ ମତ ପ୍ରକାଶ ପାଇଥାଏ । କେହି କେହି ପୁରୁଷର ଲୋଲୁପ ଦୃଷ୍ଟିରୁ ନିଜକୁ ରକ୍ଷା କରିବା ପାଇଁ ଶରୀରକୁ ଚିତା ମାଧ୍ୟମରେ କଦାକାର କରିବାର ପରଂପରା ସୃଷ୍ଟି ହୋଇଥିବାର ମତ ଦେଇଥାନ୍ତି । କିନ୍ତୁ ଏହି ମତ ଯଥାର୍ଥ ମନେ ହୁଏ ନାହିଁ । ପ୍ରାଚୀନ କାଳରୁ ଜନଜାତି ସମାଜ ନିଜ ଶରୀରକୁ ବିଭିନ୍ନ ପ୍ରଲେପ ଦ୍ୱାରା ଚିତ୍ରିତ କରିବାର ଯେଉଁ ପରଂପରା ରଖିଥିଲା ତାକୁ ସ୍ଥାୟୀ ରୂପରେ ପ୍ରସ୍ଫୁଟିତ କରିବାର ଅନ୍ୟତମ କୌଶଳ ଚିତାକୁଟେଇବାର ପରଂପରାରେ ପରିବର୍ତ୍ତିତ ଓ ଆଦରି ହୋଇଥିବା ଯୁକ୍ତିଯୁକ୍ତ ମନେ ହୁଏ । ପ୍ରଜାତିକ ବିଶ୍ୱାସ କ୍ରମରେ ମୃତ୍ୟୁ ଲୋକରେ ସେମାନଙ୍କ ଅସ୍ମିତାକୁ ପ୍ରଦର୍ଶିତ କରିବାର ଯେଉଁ କିମ୍ବଦନ୍ତୀ ରହିଛି ତାହାର ଯଥାର୍ଥ ଏହି ପରଂପରା ପୁଷ୍ଟ କରେ ।

ଓଡ଼ିଶାରେ ଚିତାକୁଟାର ପରଂପରା ଖୁବ୍ ପ୍ରାଚୀନ ଥିଲେ ମଧ୍ୟ ଏହା ଉପରେ କୌଣସି ଅଧ୍ୟୟନ ହୋଇଥିବା ମନେ ହୁଏ ନାହିଁ । ଏହି ପରଂପରାର ଯଥାଯୁକ୍ତ ବିଜ୍ଞାନ ସମ୍ମତ-ନୃତାତ୍ତ୍ୱିକ ଅଧ୍ୟୟନ କରିବାର ଏକ ଭିତ୍ତି ସୂତ୍ରଟିଏ ସୃଷ୍ଟି କରିବା ପାଇଁ ଆଦିବାସୀ ମେଳା ଅବସରରେ ବନଜାର ସ୍ୱତନ୍ତ୍ର ସଂଖ୍ୟା ପ୍ରସ୍ତୁତ କରାଯାଇଛି । ଏହା ଆଗାମୀ ପିଢ଼ି ପାଇଁ କିଛି ଖୋରାକ୍ ଯୋଗାଇବ ବୋଲି ଆଶା ଓ ବିଶ୍ୱାସ । ବନଜା ପ୍ରକାଶନ ଅବସରରେ ସମସ୍ତ ଲେଖକ /ଲେଖିକାଙ୍କୁ ମୁଁ ଶୁଭେଚ୍ଛା ଜଣାଉଛି ଓ ତାଙ୍କ ସହଯୋଗ ଆମ ସହ ଦୀର୍ଘ ସ୍ଥାୟୀ ହେଉ ଏତିକି କାମନା କରୁଛି ।

**ଅଖିଳ ବିହାରୀ ଓତା**
ସଦସ୍ୟ ସଚିବ

# ସୂଚୀପତ୍ର

## ଓଡ଼ିଆ ବିଭାଗ


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | କନ୍ଧମାଳର ଶରୀରଚିତ୍ର : ବନାକୁଦା | କ୍ଷେତ୍ରବାସୀ ମାନସେଠ | ୧ |
| ୨. | ଦେଶିଆ କନ୍ଧଙ୍କ ଚିତାକୁଟା ପରମ୍ପରା | ରଘୁନାଥ ରଥ | ୮ |
| ୩. | କୋରାପୁଟ ଆଦିବାସୀ ଲୋକଗୀତରେ ଲୋକକଳା- "ବାନାଗୁଦା" ବା ଚିତାକୁଟା | ଜଳଧର ସ୍ୱାଇଁ | ୧୪ |
| ୪. | ଉତ୍ତର ଓଡ଼ିଶାର ଆଦିବାସୀମାନଙ୍କ ଚିତାକୁଟା (Tattooing) ଲୋକସଂସ୍କୃତି | ଡକ୍ଟର ଆଦିକନ୍ଦ ମହାନ୍ତ | ୨୧ |
| ୫. | ଦେଶିଆ କନ୍ଧ ସଂପ୍ରଦାୟର ଚିତାକୁଟା ପରଂପରା : ଏକ ଅନୁଶୀଳନ | ଡକ୍ଟର ରାଜେନ୍ଦ୍ର ପାଢ଼ୀ | ୨୬ |
| ୬. | ଆଦିବାସୀ ଲୋକ ସଂସ୍କାରରେ ଚିତା କୁଟାଇବା | ସୁବାସ ଚନ୍ଦ୍ର ମିଶ | ୩୦ |
| ୭. | ସାନ୍ତାଳ ସମାଜରେ 'ଖଦା' (ଚିତାକୁଟା ) ପରଂପରା | ଦମୟନ୍ତୀ ବେଶ୍ରା | ୪୪ |
| ୮. | କନ୍ଧମାଳର ଲୋକକଳା : କୁଟେଇ ଚିତା | ଡକ୍ଟର ସରୋଜ କୁମାର ପରିଡ଼ା | ୫୧ |
| ୯. | ସାନ୍ତାଳ ସମାଜରେ ଖଦା (ଚିତାକୁଟା) | ଡଃ. ନାକୁ ହାଁସଦା | ୫୬ |
| ୧୦. | ଚିତାକୁଟା ବା ବାନା ଗୋଦନା | ହେମଲତା ମାଝୀ | ୬୧ |


## ENGLISH SECTION


| Sl.No. | Creation | Creator | Page |
|---|---|---|---|
| 1. | Tattoos-A cultural tradition among the tribes of Odisha | Dr. Kedarnath Dash | 68 |
| 2. | TATTOING -The Core of Tribal Art | Dr. A. K. Patnaik, M. A | 73 |

# Our Contributors

| | | | |
|---|---|---|---|
| 1. | Kshetrabasi Manseth | : | Tumudibandha, Kandhamal |
| 2. | Raghunath Rath | : | Panasapadi, Baliguda, Kandhamal |
| 3. | Jaladhar Swain | : | Pujariput Road, Koraput |
| 4. | Adikanda Mohanta | : | Chitrada, Mayurbhanj |
| 5. | Rajendra Padhi | : | Jeypore, Koraput |
| 6. | Subash Chandra Mishra | : | Umarkote, Nowarangpur, Odisha |
| 7. | Damayanti Besra | : | Takhatpur, Baripada |
| 8. | Saroj Kumar Parida | : | Lecturer, Odia Department,<br>Kalinga Mahavidyalaya,<br>Udayagiri, Kandhamal |
| 9. | Naku Hansda | : | Lecturer, Odia Department<br>Sambalpur University, Burla |
| 10. | Hemalata Majhi | : | District Office, Nowrangpur |
| 11. | Kedarnath Dash | : | Reader in Anthropology<br>B.B. Mahavidyalaya, Chandikhole |
| 12. | A.K. Patnaik | : | Jeypore, Koraput |

# କନ୍ଧମାଳର ଶରୀରଚିତ୍ର : ବନାକୁଦା

**କ୍ଷେତ୍ରବାସୀ ମାନସେଠ୍**

ମୁଖମଣ୍ଡଳ ସମେତ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ସ୍ଥାୟୀ ବା ଅସ୍ଥାୟୀ ଭାବେ ଚିତ୍ରିତ କରିବା ପରମ୍ପରା ପୃଥିବୀର ଅନେକ ଆଦିମ ଜନଗୋଷ୍ଠୀଙ୍କ ମଧ୍ୟରେ ପ୍ରଚଳିତ । ପର୍ବପାଳନ ଏବଂ ଲୋକନାଟ୍ୟ ଅବସରରେ ମୁହଁ ତଥା ଶରୀରକୁ ବାଘ, ମାଙ୍କଡ଼ ଆଦି ଜୀବଙ୍କ ଭଳି ଚିତ୍ରିତ କରିବା, ହାତରେ ମଞ୍ଜୁଆତି ଲଗାଇବା ଇତ୍ୟାଦି ଅସ୍ଥାୟୀ ଶରୀର ଚିତ୍ର ଶ୍ରେଣୀର ଅନ୍ତର୍ଭୁକ୍ତ । ଅନ୍ୟ ପକ୍ଷରେ ଶରୀରକୁ ଅଲିଭା ଚିତ୍ରଦ୍ୱାରା ଚିତ୍ରିତ କରିବା ପ୍ରଥା ମଧ୍ୟ କେତେକ ଜନଗୋଷ୍ଠୀଙ୍କ ମଧ୍ୟରେ ରହିଛି । ଏହାକୁ ସ୍ଥାୟୀ ଶରୀର ଚିତ୍ର ବୋଲି କୁହାଯାଇଥାଏ । ଏଭଳି ଏକ ଅଦ୍ଭୁତ ଚିତ୍ରକଳାର ନମୁନା କନ୍ଧମାଳର ରମଣୀଙ୍କ ମଧ୍ୟରେ ପ୍ରଚଳିତ ଥିବା ଅଦ୍ୟାବଧି ବହୁଳ ଭାବେ ଦେଖିବାକୁ ମିଳେ । ଏହାର ନାଁ 'ବନାକୁଦା' । ଅନୁସନ୍ଧାନରୁ ଜଣାଯାଇଛି ଯେ 'ବନା' ଅର୍ଥ 'ଚିତ୍ର' ଓ 'କୁଦା' ଅର୍ଥ 'ଖୋଦେଇ' । ସ୍ଥାନୀୟ କୁଇ (କନ୍ଧ) ଭାଷାରେ ଏହାକୁ 'ଟିକାଙ୍ଗ୍ - ଉପ୍‌ପା' କୁହଯାଇଥାଏ । ଦେଖିବାକୁ ଗଲେ ଏହା ମଣିଷ ଦେହରେ ଖୋଦେଇ ହୋଇଥିବା 'ଝୋଟି'; ଏକରକମ ଅଲିଭା - ମଞ୍ଜୁଆତି ଚିତ୍ର ।

ବନାକୁଦା କନ୍ଧମାଳ ବ୍ୟତୀତ ଅବିଭକ୍ତ କଳାହାଣ୍ଡି, ବଲାଙ୍ଗିର, କୋରାପୁଟ ଓ ଓଡ଼ିଶାର ଅନ୍ୟାନ୍ୟ କେତେକ ପ୍ରାନ୍ତରେ ମଧ୍ୟ ଭିନ୍ନ ନାମ ଓ ଭିନ୍ନ ରୂପରେ ଦେଖିବାକୁ ମିଳିଥାଏ । ଆଲୋଚ୍ୟ ପ୍ରବନ୍ଧଟି କନ୍ଧମାଳ ଜିଲ୍ଲାର ତୁମୁଡ଼ିବନ୍ଧ ଅ ଳରେ ସ୍ଥାୟୀ ଭାବେ ବସବାସ କରିଆସୁଥିବା କିଛି ଜନଜାତିଙ୍କ ପରମ୍ପରାକୁ ଅଧ୍ୟୟନ କରି ପ୍ରସ୍ତୁତ କରାଯାଇଛି ।

ବନାକୁଦେଇ ହେବା ପରମ୍ପରା ଯଦିଓ କନ୍ଧମାଳର ମୂଳବାସିନ୍ଦା ରମଣୀଙ୍କ ମଧ୍ୟରେ ଆଦୃତ, ବନା କୁଦିବା କୌଶଳ ଖୁବ୍ କମ୍ ସ୍ଥାନୀୟ ସ୍ତ୍ରୀଲୋକଙ୍କୁ ଜଣା । ଏହି କାମ କରିବା ପାଇଁ କଳାହାଣ୍ଡି ଅ ଳରୁ ଏକ ଅର୍ଦ୍ଧ ଯାଯାବର ଜାତିର ସ୍ତ୍ରୀଲୋକମାନେ ବର୍ଷରେ ଥରେ / ଦୁଇଥର ଗାଁ-ଗାଁ ବୁଲି ବନାକୁଦି ଦେବାକୁ ଆସନ୍ତି । ସେମାନେ 'ଘୁଗିଆ' ସମ୍ପ୍ରଦାୟଭୁକ୍ତ ହୋଇଥିବାରୁ 'ଘୁଗିଆନ୍' ନାମରେ ପରିଚିତ ।

'ବନାକୁଦା' ସମୟ ସାପେକ୍ଷ ବା କଷ୍ଟଦାୟକ ହେଉଥିଲେ ହେଁ ପ୍ରଣାଳୀଟି ଖୁବ୍ ସରଳ । ଏଥିରେ ବ୍ୟବହୃତ ଉପାଦାନଗୁଡ଼ିକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇପାରେ । ଯଥା-

**୧. କଳାରଙ୍ଗ :**

ବ୍ୟବହୃତ କଳା ରଙ୍ଗର ମଣ୍ଡ ନଡ଼ିଆ କତାକୁ ନିଆଁରେ ପୋଡ଼ି ଜଡ଼ାତେଲରେ ଆଉଟି ବହଳିଆ ପ୍ରଲେପ ପ୍ରସ୍ତୁତ କରାଯାଇଥାଏ । ଘୁଗିଆନ୍‌ମାନେ ଏହାକୁ ଗୋଟିଏ ନଡ଼ିଆ ସଢ଼େଇରେ ଭରି ମୁଣ୍ଡାଇ ଥିବା ଟୋକେଇରେ ରଖିଥାନ୍ତି ।

୨. **ଫୋଡ଼ିବା ଛୁ଼ :**

ବନାକୁଦାର ମୁଖ୍ୟ ସାଧନ ହେଲା ଛୁ଼ । ଏକତ୍ର ବନ୍ଧା ହୋଇଥିବା ସମାନ ଆକାରର ତିନୋଟି ଛୁ଼ ବନାକୁଦା କାମରେ ବ୍ୟବହୃତ ହୋଇଥାଏ । ପୂର୍ବେ ଛୁ଼ ସ୍ଥାନରେ ଗହରିଆ ବା ସପ୍ତଫେଣୀ ଇତ୍ୟାଦି ଗଛର କ । ବ୍ୟବହୃତ ହେଉଥିଲା ।

୩. ହଳଦୀ ବଟା ଓ ଜଡ଼ାତେଲ ମିଶ୍ରିତ ମଣ୍ଡ :

ବନାକୁଦା କାମ ତିନୋଟି ପର୍ଯ୍ୟାୟରେ ସମାପନ ହୋଇଥାଏ । ପ୍ରଥମେ ବନାକୁଦି ଦେବା ଶିଳ୍ପୀ (ଘୁଗିଆନ୍) ପୂର୍ବ ପ୍ରସ୍ତୁତ କଳାରଙ୍ଗକୁ ବ୍ୟବହାର କରି ଦିଆସିଲି କାଠି ରକମର କାଠିରେ ଶରୀରର ଆବଶ୍ୟକ ଅଂଶରେ ଉପଯୁକ୍ତ ଛବିଟି ଆଙ୍କିଦିଏ । ଅବଶ୍ୟ ଗ୍ରାହିକାର ଇଚ୍ଛା, କାମ ପାଇଁ ଦେୟ ପରିମାଣ ଓ ଶରୀରର ରଙ୍ଗ ଅନୁଯାୟୀ ବନାକୁଦା ଛବିଟି କେଉଁ ଆୟତନର ତଥା କିଭଳି ହେବ ତାହା ନିର୍ଣ୍ଣୟ କରାଯାଇଥାଏ ।

ଦ୍ୱିତୀୟ ପର୍ଯ୍ୟାୟର କାମ ହେଲା ଛୁ଼ରେ ଫୋଡ଼ିବା । ଛବି ମନୋନୀତ ହେବାପରେ ତା'ର ରେଖା/ ବିନ୍ଦୁ ଉପରେ ଆବଶ୍ୟକ ମତେ ଛୁ଼ରେ ବାରମ୍ବାର ଫୋଡ଼ିବାକୁ ହୁଏ । ଜାଣିବାକୁ ମିଳିଛି କି ଗୋଟିଏ ବିରି ଆକାରର ବିନ୍ଦୁ କୁଦାଇବା ପାଇଁ ତିନିରୁ ଚାରିଥର ଆଘାତ କରିବାକୁ ପଡ଼ିଥାଏ । ଛୁ଼ଗୁଡ଼ିକ ଉପର ଚମଡ଼ା ଭେଦ କରି ମାଂସ ସ୍ତରକୁ ସ୍ପର୍ଶ କରୁଥିବାରୁ ଆଘାତ ସ୍ଥାନମାନଙ୍କରୁ ସାମାନ୍ୟ ରକ୍ତ ନିର୍ଗତ ହୋଇଥାଏ । ଏଣୁ ଏହା ଅଳ୍ପେ ବହୁତେ କଷ୍ଟଦାୟକ ନିଶ୍ଚୟ । ଫଳରେ କିଛି କୁମାରୀ କନ୍ୟା ବନାକୁଦା ବନ୍ଦ କରିବାକୁ କହନ୍ତି । ସେତିକିବେଳେ ଘୁଗିଆନ୍‌ମାନେ ମନ ଭୁଲାଇବା ପାଇଁ କିଛି ମନ ମତାଣିଆ ହାସ୍ୟୋଦ୍ଦିପକ ଗୀତ ଗାଇ ଶୁଣାନ୍ତି । ସେଭଳି ଗୀତରୁ ସଂଗୃହୀତ ଗୋଟଏ ପଦ ହେଲା :

ଛି କରିଦେ, ନେଇଁ କରିଦେ, ମନ୍ ମାରିଦେ
　　　　ଅଲୁଆ ଚଉଲ୍ ଭଜା
ଘଏଁତା ଆଏଲେ ମୁଁ ଫୁଲା ଫୁଲି
　　　　ଦିଓର୍ ଆଏଲେ ମଜା ।

ଏଭଳି ଗୀତ ଶୁଣି ବନା କୁଦେଇ ହେଉଥିବା ଝିଅଟି ଲୁହ ଛଳ ଛଳ ଆଖିରେ ମଧ ହସି ଉଠେ । ଦେଖୁଥିବା ତା'ର ସାଙ୍ଗସାଥୀ ମଧ ହସି ଉଠନ୍ତି । ଅବଶ୍ୟ ଛୁ଼ ଫୋଡ଼ିଲା ବେଳେ ଘୁଗିଆନ୍ ଅଳ୍ପ ଅଳ୍ପ ସମୟ ବ୍ୟବଧାନରେ ଆଘାତ କରୁଥିବା ସ୍ଥାନକୁ ଫୁଙ୍କି ଚାଲିଥାଏ ।

ଗୋଟିଏ ନିର୍ଦ୍ଦିଷ୍ଟ ବନା (ଚିତ୍ର) ଖୋଦେଇ କାମ ସମାପ୍ତ ହେବାପରେ ତା' ଉପରେ ବଟା ହଳଦୀ ଓ ଜଡ଼ାତେଲର ମିଶ୍ରିତ ମଣ୍ଡକୁ ଘଷି ରଗଡ଼ି ଦିଆଯାଏ । ଘୁଗିଆନ୍ ତା'ର ଗ୍ରାହିକାକୁ ଧାନ କୁଟିବା, ମାଣ୍ଡିଆ ଚୁରିବା ଭଳି କଠିନ ଗୃହକାର୍ଯ୍ୟ ସବୁ କରିବାକୁ ମଧ ପରାମର୍ଶ ଦିଏ । ଏସବୁ କରିବା ଦ୍ୱାରା କୁଦା ହୋଇଥିବା କ୍ଷତ ଅକ୍ଳେଶରେ ଶୁଖିଯାଇଥାଏ ।

ବନାକୁଦାର ମୁଖ୍ୟ ଆଧାର ହେଉଛି ନାରୀ ଶରୀରର ବିଭିନ୍ନ ଅଙ୍ଗ । ଏଇଥିପାଇଁ ନିର୍ଦ୍ଦିଷ୍ଟ ବୟସ ସୀମା ନଥିଲେ ସୁଦ୍ଧା ଝିଅମାନେ ବିବାହପୂର୍ବରୁ ବାପଘରେ ହିଁ ବନାକୁଦେଇ ହୋଇଥାନ୍ତି । ଅବଶ୍ୟ ଅଧିକ ବନା ଦରକାର ହେଲେ ବିବାହ ପରେ ମଧ କୁଦେଇ ହେଉଥିବାର ଦୃଷ୍ଟାନ୍ତ ରହିଛି । ଖମ୍‌ରିଆ କନ୍ଧ ଓ କୁଇ ଡମାଙ୍ଗା

ରମଣୀମାନେ ମୁହଁ ସାରା 'ଟିକାଙ୍ଗ୍ ଉପ୍‌ପା' ବା ବନାକୁଦା କରାଉଥିବା ବେଳେ କନ୍ଧମାଳର ଡମ୍ ରମଣୀଙ୍କ ଶରୀର ଅନେକ ଅଂଶରେ ବନାକୁଦା କରାଉଥିବା ଦେଖିବାକୁ ମିଳିଛି । କହିବାକୁ ଗଲେ ବନାକୁଦା କନ୍ଧମାଳର ରମଣୀର ତାଳୁରୁ ତଳିପା ଯାଏଁ ମଣ୍ଡନ କରୁଥିବା ଏକ ଅଦ୍ଭୁତ ଲୋକଚିତ୍ର । ନାରୀର ବିଭିନ୍ନ ଅଙ୍ଗରେ କିଭଳି ବନାକୁଦା କରାଯାଏ ତାହାର ଏକ ବର୍ଣ୍ଣନା ନିମ୍ନରେ ପ୍ରଦ   ହେଲା ।

**୧.  ମୁଖମଣ୍ଡଳ :**


ଅତୀତରେ କନ୍ଧମାଳର ବାଲିଗୁଡ଼ା ସବ୍‌ଡ଼ିଭିଜନ୍‌ର କନ୍ଧ ଓ ଡମ୍ ସ୍ତ୍ରୀଲୋକମାନେ ମୁହଁରେ ଝୋଟି କାଟୁଥିଲେ । ଅବଶ୍ୟ ଏହି ପ୍ରଥା ବ ର୍ମାନ ବାଲିଗୁଡ଼ା, ତୁମୁଡ଼ିବନ୍ଧ ଓ କୋଟଗଡ଼ ଅ  ଳରେ ବାସ କରୁଥିବା ଖମ୍‌ରିଆ କନ୍ଧା, କୁଇ ଭାଷାଭାଷୀ ଡମ୍ ରମଣୀଙ୍କଠାରେ ହିଁ ସୀମିତ ରହିଛି । ମୁହଁର ବନାକୁଦାରେ ଚିତ୍ରିତ ହୁଏ କପାଳ, ଦୁଇଗାଲ, ଥୋଡ଼ି ଓ ନାକ । ସରଳ ରୈଖିକ ବନା ବ୍ୟତୀତ କପାଳ ଓ ଥୋଡ଼ିର ଦୁଇ ପାର୍ଶ୍ୱରେ ଗୋଟିଏ ଲେଖାଏଁ ବିନ୍ଦୁ ନିର୍ମିତ ଚକ୍ର ଚିହ୍ନ ମଧ କରନ୍ତି । (ଚିତ୍ର ୧ ଓ ୨ ଦିଆଯିବ)






**୨.  ବକ୍ଷଦେଶ :**

ବକ୍ଷଦେଶରେ ଫୁଲମାଳ ଓ ଝରା ଫୁଲର ଚିତ୍ର କୁଦେଇ ହେବା ପରମ୍ପରା ବ ର୍ମାନ ମଧ ପ୍ରଚଳିତ ଅଛି । (ଚିତ୍ର ୩ ଦିଆଯିବ)







୩. **ବାହୁର ବାହ୍ୟଭାଗ :**

ବାହୁର ବାହ୍ୟଭାଗ ବନାକୁଦା ପାଇଁ ଏକ ପ୍ରକୃଷ୍ଟ କ୍ଷେତ୍ର । ଏଥିରେ ଝୋଟି ଅଙ୍କନ କରୁଥିବା ଶିଳ୍ପୀ ନାନା ଫୁଲ ଫଳ ସମାବେଶ କରିବାରେ ଯଥେଷ୍ଟ ଅବସର ପାଇଥାଏ ।(ଚିତ୍ର ୪ ଓ ୫ ଦିଆଯିବ)






୪. **ହାତ କହୁଣୀର ନିମ୍ନଭାଗ :**

**କ. ସମ୍ମୁଖ ଭାଗ :** ହାତର ଏହି ଅଂଶ ମାଂସଳ ଓ ଟିକିଏ ଚଉଡ଼ା । ଏଣୁ ଏହି ଅଙ୍ଗରେ ବନାକୁଦା ଛବି ଅତି ସୁନ୍ଦର ଭାବେ ଫୁଟି ଦିଶିଥାଏ । ବନାଗୁଡ଼ିକ ମଧ୍ୟରେ ଢ଼େଉ ଢ଼େଉ ଚିତ୍ର ସହ ବିନ୍ଦୁ, ଫୁଲକଢ଼, ଝରା ଫୁଲ, ଦେବଦେବୀ ଚିତ୍ର, ନିଜ ନାଁ ଇତ୍ୟାଦି ଅଙ୍କିତ ହୋଇଥିବା ଦେଖିବାକୁ ମିଳେ । (ଚିତ୍ର ୬,୭,୮ ଓ ୯ ଦିଆଯିବ)


**ଖ. ପଶ୍ଚାତ୍ ଭାଗ :** ଅନ୍ୟାନ୍ୟ ବନାକୁଦା ଅପେକ୍ଷା ଏହି ଅଂଶ ଉପରେ କୁଦା ଯାଇଥିବା ବନାର ମହ ୍ୱ ଅଧିକ । ଡମ୍ ଜନଗୋଷ୍ଠୀର ରମଣୀମାନେ ବିଶ୍ୱାସ କରନ୍ତି ଯେ ମୃତ୍ୟୁ ପରେ ଯମ ସମ୍ମୁଖ ଭାଗରୁ ସବୁକିଛି ପୋଛି ଓଲାରି ନେଇ ଚାଲିଯାନ୍ତି । କେବଳ ବ ୍ ରହିଯାଏ ହାତର କହୁଣୀ ତଳ ପଶ୍ଚାତ୍ଭାଗର ବନାକୁଦା । ମୃତ

ଆମ୍ଭ ବା ତୁମ୍ଭମାନେ, ପରେ ଏହାକୁ ଦେଖାଇ ଯମଦୂତମାନଙ୍କଠାରୁ ପାଣି ମାଗି ପିଇ ତୃଷା ଁ ଆମ୍ଭାକୁ ଶାନ୍ତ କରିଥାନ୍ତି । ଏହି ସ୍ଥାନର ଝୋଟିଚିତ୍ର ଗୁଡ଼ିକ ମଧ୍ୟରେ ମନ୍ଦିର, ଝରାଫୁଲ ଘେରରେ ବହୁ ଦଳ ବିଶିଷ୍ଟ ପୁଷ୍ପ, ଝରାଫୁଲ ସହିତ ଚନ୍ଦ୍ର ଓ ଅର୍ଦ୍ଧଚନ୍ଦ୍ରାକୃତି ସଜ୍ଜିତ ଚିତ୍ର ଦେଖିବାକୁ ମିଳେ । (ଚିତ୍ର ୧୦, ୧୧ ଓ ୧୨ ଦିଆଯିବ)

**୫. ହାତ ପାପୁଲିର ପଶ୍ଚାତ୍ ଭାଗ :**

ଝିଅମାନେ ଶରୀରର ବିଭିନ୍ନ ଅଂଶରେ ବନା କୁଦେଇ ହେଲାବେଳେ ବୟସ୍କ ସ୍ତ୍ରୀ ଲୋକମାନେ ହାତ ପାପୁଲିର ପଶ୍ଚାତ୍ ଭାଗରେ ବନା ଆଙ୍କିବା ପାଇଁ ବାଧ କରନ୍ତି । ଏହାର ପଛରେ ଗୋଟିଏ ଲୋକବିଶ୍ୱାସ ରହିଛି । ସେମାନେ କହନ୍ତି ଯେ ହାତର ଏହି ଅଂଶରେ ବନାକୁଦା ନଥିଲେ ସେ ଝିଅର ଡାଲି, ତରକାରି ଛୁଙ୍କ ଧରେ ନାହିଁ । ଏଥିରେ ଅଙ୍କିତ ବନାକୁଦା ଭିତରେ ସୁସଜ୍ଜିତ ବିନ୍ଦୁମାଳ, ଧାଡ଼ିଧାଡ଼ି ଫୁଲ ଓ ସୁସଜ୍ଜିତ ଝରାଫୁଲ ମଧ୍ୟରେ ବିନ୍ଦୁ ଅଙ୍କିତ ପୁଷ୍ପ ଚିତ୍ର ଦେଖିବାକୁ ମିଳିଥାଏ । ଏତଦ୍‌ବ୍ୟତୀତ ପ୍ରତ୍ୟେକ ଆଙ୍ଗୁଠିର ମୂଳରୁ ଅଗ୍ରଭାଗ ପର୍ଯ୍ୟନ୍ତ ଢେଉ ଢେଉକା ଚିତ୍ର ବା ଅର୍ଦ୍ଧବୃ ।କାର ମାଳ ଦ୍ୱାରା ଚିତ୍ରିତ କରାଯାଇଥାଏ ।(ଚିତ୍ର ୧୩ ଦିଆଯିବ)



**୬. ଗୋଡ଼ ପେଣ୍ଡା ଚର୍ତୁପାର୍ଶ୍ୱ :**

ଶରୀର ଅନ୍ୟ ସମସ୍ତ ଅଙ୍ଗର ସମତଳ ଭାଗରେ ବନାକୁଦା ହେଉଥିବା ବେଳେ ଗୋଡ଼ ପେଣ୍ଡାର ଚତୁପାର୍ଶ୍ୱରେ ବ ୍ଳାକାରରେ ବନା କୁଦାଯାଇଥାଏ । ମଝିରେ ମଝିରେ ଅପେକ୍ଷାକୃତ ବଡ଼ ଫୁଲ ସବୁ ସଜାଇ ରଖି ତା ତଳେ ଓ ଉପରେ ଝରାଫୁଲ, ବିନ୍ଦୁ ବିନ୍ଦୁକା ଫୁଲ, ତାରାଫୁଲ, କାନଫୁଲ ଇତ୍ୟାଦି ଚିତ୍ରର ବନା ଏହି ଅଙ୍ଗରେ କୁହାଯାଏ ।

**୭. ପାଦ :**

ପାଦର ଦୁଇ ଅଂଶରେ ବନାକୁଦିବା ପ୍ରଥା ପ୍ରଚଳିତ । ପାଦର ଓସାରିଆ ସମ୍ମୁଖ ବା ଉପର ଭାଗରେ ଆଙ୍ଗୁଠି ମୂଳ ପର୍ଯ୍ୟନ୍ତ ଏକାଧିକ ଧାଡ଼ି ଝରାଫୁଲ, ତାରାଫୁଲ ଓ ବିନ୍ଦୁ ନିର୍ମିତ ଛବି ଅଙ୍କାଯିବା ଲକ୍ଷ୍ୟ କରାଯାଇଛି ।

ଦ୍ୱିତୀୟତଃ ଗୋଇଠିର ଉପର ଅଂଶର ଚତୁପାର୍ଶ୍ୱରେ ତଳମୁହାଁ ବା ଉପର ମୁହାଁ ଝରାଫୁଲର ମାଳ ରମଣୀଙ୍କ ପାଦରେ ପିନ୍ଧାଇ ଦିଏ ବନାକୁଦାର ପାଉଁଜୀ । ଏହା ରୁଣୁଝୁଣୁ ଶବ୍ଦ କରିପାରେନା ସତ, କିନ୍ତୁ ଆମେ ଅନୁଧାନ କଲେ ତାରି ଭିତରେ ଏକ ଜନଗୋଷ୍ଠୀର ଲୁକ୍‌କାୟିତ ଇତିହାସ ଝଙ୍କୃତ ହେଉଥିବା ଶୁଣିପାରିବା । (ଚିତ୍ର ୧୪, ୧୫ ଓ ୧୬ ଦିଆଯିବ)



କିଛି ଗବେଷକ ମୁଖମଣ୍ଡଳର ବନାକୁଦକୁ ଆଦିବାସୀ ରମଣୀଙ୍କର ଚେହେରାକୁ କଦାକାର କରିବାର ଏକ ଅବଲମ୍ବନ ବୋଲି ଅଭିହିତ କରିଛନ୍ତି । ସେମାନେ କହନ୍ତି ଭଞ୍ଜରାଜାଙ୍କର ଅତ୍ୟାଚାରରୁ ନିଜ ଝିଅ ବୋହୂଙ୍କୁ ରକ୍ଷା କରିବା ପାଇଁ ମୁହଁରେ ଝୋଟି ଦେବା ପ୍ରଥା ଆରମ୍ଭ ହୋଇଥିଲା । କିନ୍ତୁ ଏହା ଗ୍ରହଣଯୋଗ୍ୟ ମନେ ହୁଏ ନାହିଁ । କାରଣ ଅତୀତରେ ବନାକୁଦା ଆଦିବାସୀ ଜନ ସମୁଦାୟଠାରୁ ସାଧାରଣ ସମାଜ ପର୍ଯ୍ୟନ୍ତ ଆଦର ଲାଭ କରିଥିଲା । ଦିନେ ଏହି ବନାକୁଦା ରାଧାକୃଷ୍ଣଙ୍କର ପ୍ରେମ ମିଳନର ସଂଯୋଗ ସେତୁ ସଦୃଶ ବ୍ୟବହୃତ ହୋଇଥିବା କଥା ପୁରାଣରେ ବର୍ଣ୍ଣିତ । କେଉଁ ସମୟରୁ ଏହାର ପ୍ରଚଳନ ହୋଇଆସୁଛି ତାହା ଠିକ୍ ଭାବେ କହିବା ଆଉ ସମ୍ଭବ ନୁହେଁ । ବନାକୁଦା ଏକ ସୌନ୍ଦର୍ଯ୍ୟ ବର୍ଦ୍ଧକ ଲୋକଚିତ୍ର । ଏହାର ପ୍ରୟୋଗରେ କାହାରି ସୌନ୍ଦର୍ଯ୍ୟ ହାନୀ

ଘଟେ ନାହିଁ । ଏହାକୁ ଯୁଗେ ଯୁଗେ ଏକ ପ୍ରେମବ୍ୟଞ୍ଜକ, କମୋଦ୍ଦୀପକ ତଥା ମନମୋହକ ଉପାଦାନ ରୂପେ ବ୍ୟବହୃତ ହୋଇଆସିଛି । ବିଶ୍ୱାସ କରାଯାଏ କି ଅନୁସନ୍ଧିତ୍ସୁ ଗବେଷକ ଆଦିବାସୀ ରମଣୀଙ୍କୁ ଯଦି ଏକ ଆଦିବାସୀର ଆଖିନେଇ ଦେଖିବାକୁ ଚେଷ୍ଟା କରନ୍ତି, ତେବେ ତା' ଭିତରେ ନିଶ୍ଚୟ ଏକ କମନୀୟ ମୁଖମଣ୍ଡଳର ସନ୍ଧାନ ପାଇପାରିବେ । ଏହା ସତ୍ୟ ହୋଇନଥିଲେ କନ୍ଧମାଳର ଡମ୍ ଲୋକଉକ୍ତିରେ କହିନଥାନ୍ତେ -

"କାଲୀର୍ ଯେ ସୁନା
ଗୁରୀର୍ ଯେ ବନା ।"

ଏହାର ତାତ୍ପର୍ଯ୍ୟ ହେଲା କାଳୀ ଝିଅଟିକୁ ସୁନା ଅଳଙ୍କାର ଯେପରି ମାନେ ଗୋରୀ ଝିଅକୁ ବନା ସେହିଭଳି ଶ୍ରୀବୃଦ୍ଧି ସାଧନ କରିଥାଏ ।

ଆଜିକାଲି ନାରୀ ଶିକ୍ଷା ଓ ଆଧୁନିକତାର ପ୍ରଭାବରେ ଗାଁ ଗହଳିରେ ଏହାର ଚାହିଦା ଅବଶ୍ୟ ଦିନକୁ ଦିନ କମିବାରେ ଲାଗିଛି । ଝିଅମାନେ ବନାକୁଦିବା ସପକ୍ଷରେ ନାହାନ୍ତି । ତଥାପି ବନା, ସମୟର ପରିବ ର୍ନରେ, ପରିବର୍ି ତ ଭାବେ ସମାଜରେ ଦେଖାଦେଇଛି । ଭାରତର ପ୍ରମୁଖ ନଗର ବାସିନୀ ତଥା ବିଦେଶୀ ତରୁଣୀମାନେ ଏହା ପ୍ରତି ଆଗ୍ରହ ପ୍ରକାଶ କରୁଥିବା ଜାଣିବାକୁ ମିଳିଛି । ସେମାନେ ବାଆଁ ଗାଲର ବନା କୁଦାକୁ ସୁନ୍ଦରୀର ସଙ୍କେତ (Beauty Symbol) ଓ ନାଭିମଣ୍ଡର ବନାକୁଦାକୁ ଆଦିରସର ସଙ୍କେତ (Sex Symbol) ରୂପେ ପ୍ରୟୋଗ କରୁଛନ୍ତି । କିଛି ବନାକୁଦା ସଙ୍କେତକୁ ଶୁଭପ୍ରଦ ବିଶ୍ୱାସ କରି ମଲ୍ଲ ଯୋଦ୍ଧା /ଖେଳାଳୀ ପୁରୁଷମାନେ ମଧ୍ୟ ବାହୁ ଇତ୍ୟାଦି ଅଙ୍ଗରେ ଧାରଣ କରୁଥିବା ଜଣାଯାଇଛି । ବନାକୁଦାର ଇତିବୃ ବା ଉପଯୋଗିତା ଉପରେ ଯାହା ମତଭେଦ ଥାଉନା କାହିଁକି, ଏହା ନିଃସନ୍ଦେହରେ ଏକ ବହୁଜନାଦୃତ ଲୋକ ପରମ୍ପରା; ଲୋକଚିତ୍ରର ଏକ ସ୍ୱତନ୍ତ୍ର ଅଙ୍ଗ । ଏହା ଉପରେ ବିଷଦ୍ ଅନୁଧାନ ହୋଇପାରିଲେ ଆହୁରି ଅନେକ ତଥ୍ୟ ଲୋକଲୋଚନକୁ ଆସିପାରନ୍ତା ।

ବନଶ୍ରୀ ସାହିତ୍ୟ ଓ ସଂସ୍କୃତି ପରିଷଦ,
ତୁମୁଡ଼ିବନ୍ଧ, କନ୍ଧମାଳ,
ଫୋନ୍ : ୯୪୩୭୨୪୨୯୭୯

***

ପରାମର୍ଶ :

୧) ✓ ଶ୍ରୀମତୀ ଥୁପି ମାନ୍‌ସେଠ୍, ଲାଇନ୍ ପଡ଼ା ତୁମୁଡ଼ିବନ୍ଧ ।
୨) ଶ୍ରୀମତୀ ଫୁଲ୍‌ଖୁସା ଦେଶିନାୟକ, ଲଙ୍କାଗଡ଼ ।
୩) ଶ୍ରୀମତୀ ଗୁରିମତୀ ବଡ଼ସେଠ୍, ବୁଡ଼ାପଡ଼ା, ତୁମୁଡ଼ିବନ୍ଧ ।
୪) ଶ୍ରୀମତୀ ତୁଲ୍‌ସା ମାନ୍‌ସେଠ୍, ଲାଇନ ପଡ଼ା, ତୁମୁଡ଼ିବନ୍ଧ ।
୫) ଶ୍ରୀ ଦିଲ୍ଲୀପ୍ ନାୟକ - (ଚିତ୍ରଶିଳ୍ପୀ) ଲାଇନ୍‌ପଡ଼ା, ତୁମୁଡ଼ିବନ୍ଧ ।

# ଦେଶିଆ କନ୍ଧଙ୍କ ଚିତାକୁଟା ପରମ୍ପରା

ରଘୁନାଥ ରଥ

ଚିତା କୁଟାଇବା ଏକ ପ୍ରାଚୀନ ପରମ୍ପରା । ଶରୀରର ବିଭିନ୍ନ ଅଙ୍ଗର ଅଳଙ୍କରଣ ନିମନ୍ତେ ଏହି ଆଲିମ୍ପନ କଳାର ସାହାଯ୍ୟ ନିଆଯାଇଥାଏ । ଓଡ଼ିଆଣୀମାନଙ୍କ ବିଶ୍ୱାସ ଯେ ଚିତା "ମୃତ ପିଣ୍ଡ ସହ ଚିତାଗ୍ନିରେ ଦଗ୍ଧୀଭୂତ ହେବ ଏବଂ ସ୍ୱର୍ଗରେ ଯମଦଣ୍ଡରୁ ମୁକ୍ତି ପାଇବା ପାଇଁ ସେଇ କେବଳ ମର୍ତ୍ତ୍ୟର ସମ୍ପତ୍ତି ଓ ସମ୍ବଳ"(୧) । ଏହି ବିଶ୍ୱାସର ବଶବର୍ତ୍ତୀ ହୋଇ ଓଡ଼ିଆଣୀ ଶରୀରର ବିଭିନ୍ନ ଅଙ୍ଗରେ ଚିତା କୁଟାଉ ଥିଲେ । ଏହି ବିଶ୍ୱାସର ସ୍ୱର ଲୋକକବିଙ୍କ ଗୀତରେ ଶୁଣାଯାଏ । ଚିତା ଅଙ୍କନ କାରିଣୀ କେଳୁଣୀ ମୁଖରେ ଲୋକ କବି ଗାଇଛନ୍ତି -

କହୁଛି ଶୁଣ ଭଉଣୀ
ମଲାବେଳେ କୁଟୀ　　　ସଙ୍ଗତରେ ଯିବ
ଦେହ ସଙ୍ଗେ ହେବ ପାଣି ଗୋ ।
ନୋହିଲେ ଯମ ରାଜନ
ଶିମୁଳୀ ଗଛରେ　　　ବାନ୍ଧି ପକାଇବ
ଚିତାନଥିଲେଟି ପୁଣ ଗୋ (୨)

କନ୍ଧମାଳ ଜିଲ୍ଲାରେ ବାସ କରୁଥିବା କନ୍ଧ ରମଣୀ ମଧ ମୁହଁ ହାତ ଓ ଗୋଡ଼ରେ ଚିତାକୁଟାଇଥିବା ଦେଖାଯାଇଥାଏ । କୁଇ ଭାଷାରେ ଚିତା କୁଟାଇବାକୁ "ଟିକାଙ୍ଗ ଉଃପା" ଓ ଇଂରାଜୀରେ "Tattoing"କୁହାଯାଇଥାଏ । କୁଟିଆ କନ୍ଧ ରମଣୀ ମୁହଁରେ ଦୁଇତିନୋଟି ଫୁଲର ଚିତା କୁଟାଉଥିଲା ବେଳେ ଡଙ୍ଗରିଆ କନ୍ଧ ସମାଜରେ ମଧ ସେହି ଭଳି ଚିତାକୁଟାଇବା ପ୍ରଥା ପ୍ରଚଳିତ ।(୩) ।

କନ୍ଧ ସମାଜରେ ଚିତା କୁଟାଇବା ଆରମ୍ଭ ହେବା ବିଷୟରେ ଏକ କିମ୍ବଦନ୍ତୀ ପ୍ରଚଳିତ । କିମ୍ବଦନ୍ତୀଟି ହେଲା - ମୋଗଲ ବା ମରହଟ୍ଟା ରାଜତ୍ୱ ସମୟରେ ରାଜକର୍ମଚାରୀ ବା ରାଜାଙ୍କ ଦ୍ୱାରା ସୁନ୍ଦରୀ, ସରଳ କୁଇ ଯୁବତୀମାନେ ବଳପୂର୍ବକ ଧର୍ଷିତା ହେଉଥିଲେ । ଅନ୍ୟ ଏକ କିମ୍ବଦନ୍ତୀ ଅନୁଯାୟୀ ଘୁମୁସରର ଭଞ୍ଜ ରାଜା ଧନଞ୍ଜୟ ଭଞ୍ଜଙ୍କ ଦ୍ୱାରା ସୁନ୍ଦରୀ କୁଇ ଯୁବତୀମାନେ ଧର୍ଷିତା ହେଉଥିଲେ । ତେଣୁ ମୁହଁର ସୌନ୍ଦର୍ଯ୍ୟ ନଷ୍ଟ କରି ଅନାକାଂକ୍ଷୀତ ଧର୍ଷଣରୁ କୁଇ ରମଣୀଙ୍କୁ ରକ୍ଷା କରିବା ନିମନ୍ତେ ବିଜ୍ଞ କୁଇ ସମାଜପତିଙ୍କ ନିଷ୍ପତ୍ତିକ୍ରମେ ସୁନ୍ଦରୀ କୁଇ ଯୁବତୀମାନେ ମୁହଁରେ ଚିତାକୁଟା ଆରମ୍ଭ କରିଥିଲେ । ସେ ଯାହା ହେଉନା କାହିଁକି ଏଇ ଲେଖକର ମତରେ ଜାତି ପରିଚୟ (clan identity) ନିମନ୍ତେ ଏକା ପ୍ରକାରର ଚିତା ମୁହଁରେ କୁଟାଇବା ଆରମ୍ଭ ହୋଇଥିଲା । କାରଣ ଯଦି ମୁହଁକୁ ରୂପ କରିବା ଦରକାର ପଡୁଥିଲା ତେବେ ଏକାପ୍ରକାର ଚିତା ନକୁଟାଇ ବିଭିନ୍ନ ପ୍ରକାରର ଚିତା ବି କୁଟାଯାଇ ପାରିଥାନ୍ତା ।

ଏହାକୁ କନ୍ଧ ସମାଜ ସେମାନଙ୍କ ଧର୍ମ ଧାରଣାରେ ଭର୍ତ୍ତି କରିଥିଲେ । ମୁହଁରେ ଚିତାକୁଟାଇ ନଥିବା ଯୁବତୀ ବିବାହ ନିମନ୍ତେ ଅଯୋଗ୍ୟ ବିବେଚିତ ହେଉଥିଲା ଏବଂ ଗ୍ରାମର ଦେବଦେବୀ ପୂଜକ (ଜାନୀ, ଝାଙ୍କର)

ଙ୍କ ସ୍ତ୍ରୀ ହେବା ନିମନ୍ତେ ପୂରାପୁରି ଆଯୋଗ୍ୟ ହେଉଥିଲା । ଏହା ବ୍ୟତୀତ ମୁହଁରେ ଚିତାକୁଟାଇ ନଥିବା ସ୍ତ୍ରୀ ପାଲଟା ବାଘ ହୋଇପାରେ ବୋଲି କୁଇ ସମାଜରେ ବିଶ୍ୱାସ ଥିବାରୁ ଘୃଣିତ ହୋଇଥାଏ ।

ଓଡ଼ିଶା ବ୍ୟତୀତ ଆନ୍ଧ୍ର, ତାମିଲ୍‌ନାଡୁ, ଗୁଜୁରାଟ ଓ ପଞ୍ଜାବର ଅନ୍ୟ ବହୁ ଜନଜାତିରେ ଚିତାକୁଟା ଯାଉଥିବାର ଦୃଷ୍ଟାନ୍ତ ମିଳେ । "Thomas (1968) reporting on Tattooing as practised by the kayan women of Borneo. Firth (1936) describes this as was practised in tikopia in the pacific (5)" ଆଣ୍ଡାମାନ ଦ୍ୱୀପପୁଞ୍ଜ ଓ ଚୀନର କେତେକ ଆଦିବାସୀ ଗୋଷ୍ଠୀ ମଧ୍ୟରେ ବି ସାରା ଦେହରେ ଓ ମୁହଁରେ ଚିତାକୁଟାଇବା ଦେଖାଯାଇଥାଏ ।

ଚିତା କୁଟାର ଆରମ୍ଭ କେବେ ହେଲା ସଠିକ୍ ଭାବରେ କହିବା କଠିନ । ତେବେ ଏହା ପ୍ରାଚୀନ ମଣିଷ ସମାଜରେ ପ୍ରଚଳିତ ଥିବାର ପ୍ରମାଣ ରହିଛି । ଖ୍ରୀ.ପୂ. ୨୦୦୦ ବର୍ଷ ତଳର ଚିତାକୁଟା ଉଜ୍‌ପଟ୍‌ରେ ଆବିଷ୍କାର କରାଯାଇଛି । "The earliest recorded tattoos are dated as early as 2000 B.C. in Egpyt, and artifactual evidence suggests that tattooing could have been practised by pro-magnon man (6)"। ଏଥିରୁ ଅନୁମିତ ହୁଏ ଯେ ଦୀର୍ଘ ଅତୀତରେ ଐତିହାସିକ ଯୁଗ ଆରମ୍ଭର ବହୁ ପୂର୍ବରୁ ପ୍ରାଚୀନ ମାନବ ସମାଜରେ ଶରୀରର ଅଳଙ୍କରଣ ନିମନ୍ତେ ଚିତାକୁଟାଇବା ପ୍ରଥାର ପ୍ରଚଳନ ଥିଲା ।

ଅଣ ଆଦିବାସୀ ଓଡ଼ିଆ ସମାଜରେ ବି ବହୁ ପୂର୍ବରୁ ଚିତାକୁଟାଇବା ପ୍ରଚଳିତ ଥିଲା । ତେବେ ଓଡ଼ିଆ ସମାଜରେ ଏଥିପାଇଁ ବାଧ୍ୟବାଧକତା ନଥିଲା । ଧାର୍ମିକ ଦୃଷ୍ଟିକୋଣରୁ କିମ୍ବା ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ଓଡ଼ିଆଣୀମାନେ ଚିତା କୁଟାଉଥିଲେ । କିନ୍ତୁ କୁଇ ସମାଜରେ ଏହା ଏକ ବାଧ୍ୟ ପରମ୍ପରା ରୂପେ ପ୍ରଚଳିତ ଥିଲା । ଓଡ଼ିଶାର ଆହୁରି ଅନେକ ଆଦିବାସୀ ସମାଜରେ ରମଣୀମାନେ ଚିତା କୁଟାଉଥିବା ଦେଖାଯାଇଥାଏ ।

ଏହି ପରମ୍ପରାର ଉଦ୍ଭବ ଆଦିବାସୀଙ୍କଠାରୁ କିମ୍ବା ଅଣ -ଆଦିବାସୀଙ୍କଠାରୁ ହୋଇଛି କହିବା କଠିନ । ତେବେ ଆଦିବାସୀ ସମାଜରେ ଏହା ଏକ ବାଧ୍ୟ ପରମ୍ପରା ହୋଇଥିବା ଦୃଷ୍ଟିରୁ ଆଦିବାସୀ ସମାଜରୁ ଚିତାକୁଟା ପରମ୍ପରା ଅଣଆଦିବାସୀମାନେ ସଉକରେ ଗ୍ରହଣ କରି ନେଇଥିବା ବିଶ୍ୱାସ ଯୋଗ୍ୟ ମନେ ହୋଇଥାଏ । ସମଗ୍ର କନ୍ଧମାଳ ଓ ବାଲିଗୁଡ଼ା ଉପଖଣ୍ଡର କୁଇ ରମଣୀଙ୍କ ଚିତାକୁଟା ପ୍ରଣାଳୀ ଏକ ପ୍ରକାରର । ତେଣୁ ଅନାକାଂକ୍ଷୀତ ଧର୍ଷଣର ରକ୍ଷଣ କବଚ ରୂପେ ଚିତା ଦ୍ୱାରା ମୁହଁକୁ ବିକୃତ କରୁଥିବାରେ ସନ୍ଦେହ ଜାତ ହୋଇଥାଏ । ସମ୍ଭବତଃ ଅନ୍ୟ ଆଦିବାସୀ ଗୋଷ୍ଠୀଠାରୁ ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରିବା ନିମନ୍ତେ କିମ୍ବା କୁଇ ଜାତିର ଚିହ୍ନ ହିସାବରେ ସେମାନେ ଏକା ପ୍ରକାରର ଚିତାକୁଟାଇଥାନ୍ତି ।

କୁଇ ପୁରୁଷମାନେ ଚିତାକୁଟାଇ ନଥାନ୍ତି । ଓଡ଼ିଆ ପୁରୁଷମାନେ ହାତ (କହୁଣୀ ତଳକୁ) ଓ କପାଳରେ ଚିତାକୁଟାଇବା ଦେଖାଯାଏ । କ୍ୱଚିତ୍ କୁଇ ପୁରୁଷ ହାତରେ ନିଜ ନାମ କୁଟାଇଥାନ୍ତି । ଓଡ଼ିଆ ପୁରୁଷମାନେ ବି ହାତରେ ନିଜ ନାମ ବା ଦେବତାଙ୍କ ନାମ ବା ଚିତ୍ର କୁଟାଇଥିବା ଦେଖାଯାଇଥାଏ ।

**ଚିତାକୁଟେଇବା ପ୍ରଣାଳୀ:**

ଦେହର ଯେଉଁଠାରେ ଚିତା କୁଟାଇବାକୁ ହୁଏ ସେହି ସ୍ଥାନରେ ବେତକ । ଦ୍ୱାରା ଫୋଡ଼ି ନିର୍ଦ୍ଦିଷ୍ଟ ଚିତ୍ର ଅଙ୍କନ କରାଯାଏ ଏବଂ ତା ଉପରେ ପତ୍ର ରସ ଘଷି ଦିଆଯାଏ । କେତେକ ସ୍ଥଳରେ ଫୋଡ଼ିବା ନିମନ୍ତେ ଛୁ

ବ୍ୟବହାର ହୋଇଥାଏ । କେତେକ ଦିନ ପରେ ଅଙ୍କିତ ଚିତ୍ରଟି ସ୍ପଷ୍ଟ ହୋଇ ଦେଖାଯାଏ । କୁଇ ସମାଜରେ ଚିତାକୁଟାଇବା ନିମନ୍ତେ ତିନୋଟି ମଧ୍ୟମ ଧରଣର ଛୁଞ୍ଚକୁ ସୂତାଦ୍ୱାରା ଏକତ୍ର ବନ୍ଧାଯାଏ । ରନ୍ଧା ଜଡ଼ା ଓ ହାଣ୍ଡି କଳା ମିଶାଇ ପ୍ରସ୍ତୁତ କରାଯାଇଥିବା କାଳିଦ୍ୱାରା ନିର୍ଦ୍ଦିଷ୍ଟ ଚିତ୍ରଟି ଶରୀରରେ ଅଙ୍କନ କରାଯାଏ ଏବଂ ତା'ପରେ ଛୁଞ୍ଚରେ ଫୋଡ଼ି ଦିଆଯାଏ । କେତେକ ସ୍ଥଳରେ ଫୋଡ଼ିବା ନିମନ୍ତେ ଗୋଟିଏ ଛୁଞ୍ଚ ବ୍ୟବହୃତ ହୋଇଥାଏ । ନକ୍ସା ଉପରେ ଛୁଞ୍ଚ ଫୋଡ଼ା ଗଲା ପରେ ଲେପନ କରାଯାଇଥିବା କଳାକୁ ପୋଛିଦିଆଯାଏ ଏବଂ ତା' ଉପରେ ହଳଦୀଗୁଣ୍ଡ ଘଷାଯାଏ । କାରଣ ହଳଦୀଗୁଣ୍ଡ ଲାଗିବା ଫଳରେ ଚିତାଟି ପାଚେନାହିଁ । ଖରାଦିନେ ଚିତା କୁଟେଇଲେ ମହୁଲ ରସ କଳାରେ ମିଶାଯାଏ । ଚିତାକୁଟାଇଲା ପରେ ଅଙ୍କିତ ଅଙ୍ଗଟି ଭୀଷଣ ଭାବେ ଫୁଲିଯାଏ ଭଲ ହେବା ଯାଏ ଚିତା ଅଙ୍କିତ ସ୍ଥାନରେ ଜଡ଼ା ଓ କଳା ମିଶ୍ରିତ ଲେପ ପ୍ରତିଦିନ ଲଗାଯାଇଥାଏ । କ୍ଷତ ଶୁଖିଲା ଯାଏ ଏହି ପରି କରାଯାଇଥାଏ । କନ୍ଧ ସମାଜରେ ଦଶବର୍ଷ ବୟସରେ ଝିଅର ମୁହଁର ଉପର ଅଂଶରେ ଚିତାକୁଟେଇ ଥାନ୍ତି । ତା'ପରବର୍ଷ ଚିବୁକରେ ଚିତାକୁଟାଯାଇଥାଏ ।

ପାରମ୍ପରିକ ପ୍ରଣାଳୀରେ ଜଣେ କେଲୁଣୀ ୧୯୮୬ରେ ଚିତାକୁଟାଉଥିବା ଏହି ଲେଖକ ଦେଖିଛି । **ସେ ତିନୋଟି ଛୁଞ୍ଚ ସ୍ଥଳେ ଗୋଟିଏ ଛୁଞ୍ଚ ଓ ଜଡ଼ା ସ୍ଥାନରେ ରାଶି ତେଲ ବ୍ୟବହାର କରୁଥିଲା । ସେ କୌଣସି ପତ୍ରରସ ବ୍ୟବହାର କରୁନଥିଲା । କିମ୍ବା ଚିତାକୁଟାଇଲା ପରେ ଭଲ ହେବା ପାଇଁ ଅନ୍ୟ କିଛି ବ୍ୟବହାର ନିମନ୍ତେ ଉପଦେଶ ଦେଉନଥିଲା । କିଛି କଳା ଲଗାଇ ଚିତାକୁଟେଇ ସାରି ପୋଛି ଦେଲା ପରେ ପରେ ହିଁ ଚିତାଟି ସ୍ପଷ୍ଟ ଦେଖାଯାଉଥିଲା । ଗୋଟିଏ ଚିତାକୁଟେଇବା ନିମନ୍ତେ ସେ ୫୦ ପଇସା ପାରିଶ୍ରମିକ ନେଉଥିଲା ଏବଂ ଗୋଟିଏ ଚିତାକୁଟେଇବା ନିମନ୍ତେ ୫ରୁ ୧୫ ମିନିଟ୍ ସମୟ ଲାଗୁଥିଲା ।**

ଓଡ଼ିଆ ସମାଜରେ କେଲୁଣୀମାନେ ଚିତା କୁଟାଉଥିବାବେଳେ କନ୍ଧସମାଜରେ ସେ ନିମନ୍ତେ ନିର୍ଦ୍ଦିଷ୍ଟ କିଛି ରମଣୀ ଥାଆନ୍ତି । ସେମାନଙ୍କୁ ଡୁବେଇ କୁହାଯାଇଥାଏ । ଓଡ଼ିଆ ବା କନ୍ଧ ସମାଜରେ ପୁରୁଷମାନଙ୍କ ଦ୍ୱାରା ଚିତାକୁଟାଯାଇନଥାଏ । କେଲୁଣୀମାନେ ଚିତାକୁଟେଇବା ନିମନ୍ତେ କିଛି ପାରିଶ୍ରମିକ ନେଇଥାନ୍ତି । ଲୋକଗୀତରେ କେଲୁଣୀ ତାହାର ଚିତାକୁଟେଇବା ନିମନ୍ତେ ପାରିଶ୍ରମିକ ଘୋଷଣା କରି ଗାଇଛି -

"କାଳି ଦେହେ ଚିତା ଗୋଟି ଅଟେ ଶହେ ଟଙ୍କା

ଗୋରି ଦେହେ ଚିତା ଗୋଟି ସହସ୍ରେ ଅଧିକା ଗୋ ଦିଅଆଣି ଗୀତେ ଭଣେ ସୁଲକ୍ଷ୍ମୀ କେଲୁଣୀ । ୮॥

**ଚିତାକୁଟେଇବା ବିଭବ:**

ଶରୀରକୁ ଅଳଙ୍କାର କିମ୍ବା ଫୁଲଦ୍ୱାରା ସଜାଇବା ନିମନ୍ତେ ଓଡ଼ିଆରମଣୀ ଯେତିକି ଆଗ୍ରହୀ ଶରୀରର ବିଭିନ୍ନ ଅଙ୍ଗରେ ଭିନ୍ନ ଭିନ୍ନ ଚିତାକୁଟାଇ ଶରୀରକୁ ମଣ୍ଡଣି କରିବା ନିମନ୍ତେ ସେତିକି ଭଲ ପାଇଥାଏ । ଅବଶ୍ୟ ଆଜିକାଲି ଉଚ୍ଚ ପ୍ରସ୍ଥିତିରେ ଥିବା ନାରୀମାନେ ଆଉ ଚିତାକୁଟାଉ ନାହାନ୍ତି । ତେବେ ନିମ୍ନକୁଳ ନାରୀ ଓ ପୁରୁଷମାନେ କେତେକ କ୍ଷେତ୍ରରେ ଚିତାକୁଟାଇବା ଦେଖାଯାଏ ।

କ୍ୱଚିତ କୁଇ ପୁରୁଷଙ୍କ ବ୍ୟତୀତ ଅନ୍ୟମାନେ ଚିତାକୁଟେଇବାରେ ଆଗ୍ରହୀ ନୁହନ୍ତି । କିନ୍ତୁ କୁଇ ରମଣୀମାନଙ୍କ ପକ୍ଷେ ଚିତାକୁଟେଇବା ଏକ ବାଧ୍ୟ ପରମ୍ପରା । ଆଧୁନିକତାର ସଂକ୍ରମଣ ଫଳରେ ଓ କୁଇ ସମାଜର ନିଷ୍ପତ୍ତି କ୍ରମେ ବର୍ତ୍ତମାନ ଯୁଗର କୁଇ ଯୁବତୀ ଆଉ ଚିତାକୁଟାଉ ନାହାନ୍ତି । ତେବେବି କୁଇ ବୃଦ୍ଧାମାନେ ହାତଗୋଡ଼, ପାଦ ଓ ମୁଖରେ ଚିତା କୁଟାଇଥିବା ଦେଖିବାକୁ ମିଳେ । ବର୍ତ୍ତମାନ ମଧ୍ୟ କନ୍ଧମାଳ ଜିଲ୍ଲାର

ଦାରିଙ୍ଗିବାଡ଼ି ଓ ବାଲିଗୁଡ଼ା ଅ ଳର ଏହି ପ୍ରଥା ପ୍ରଚଳିତ ଥିବା ଜଣାଯାଏ । ତେବେ ଏହା ପୂର୍ବପରି ଏକ ବାଧ ପରମ୍ପରା ନୁହେଁ ।

ରମଣୀଙ୍କ ଚିତାକୁଟାଇବା ପ୍ରଣାଳୀ ସର୍ବତ୍ର ଏକ ପ୍ରକାରର ପରି ମନେ ହୁଏ । ମୁହଁର ଜଟିଳ ନମୁନା ହେଲା କପାଳର ଦୁଇ ପାଖରେ ଥିବା ଅଂଶରୁ ଯୋଡ଼ି ପର୍ଯ୍ୟନ୍ତ ଯାଇଥିବା କେତେକ ରେଖା ଯାହାକି ତୁଣ୍ଡର ଦୁଇ ପାର୍ଶ୍ୱସ୍ଥ ଗାଲରେ ଗୋଲାପ କୃତି ଛବିରେ ଶେଷ ହୋଇଯାଏ । ତିନୋଟି ସିଧାରେଖା ନାକର ଉପର ଭାଗରୁ ତଳକୁ ଆସିଥାଏ ଏବଂ କେତେକ କ୍ଷେତ୍ରରେ କପାଳ ପର୍ଯ୍ୟନ୍ତ ଉଠିଥାଏ । ଗୋଡ଼ର ଚିହ୍ନ ହେଲା ଛୋଟ ଛୋଟ ଗୋଲାପ ବା ଅନେକ ବିନ୍ଦୁରେ ନିର୍ମିତ ବୃ  ଯାହା ଆଣ୍ଠୁ ତଳ ଅଂଶର ସମାନ ଭାଗରେ ବିନ୍ଦୁ ବିନ୍ଦୁ ଚିହ୍ନରେ ଅଙ୍କିତ ସିଧାରେଖାର ଗୁଚ୍ଛ ଚିତା କଟାଯାଏ ଏବଂ ପ୍ରତି ପାଦର ଭିତର ପାଖ ଅଂଶରେ ଷୋହଳଟି ବିନ୍ଦୁ ଚିତା ରହେ । ସେହିପରି ହାତ ପଛର ସମଗ୍ର ବିନ୍ଦୁ ବିନ୍ଦୁ ଚିତାରେ ପରିପୂର୍ଣ୍ଣ ଥାଏ । କହୁଣୀ ତଳକୁ ପ୍ରତ୍ୟେକ ଧାଡ଼ିରେ ଚାରିଟି ବିନ୍ଦୁ ନେଇ ଚାରିଟି ରେଖା ଥାଏ (୮) ସାଧାରଣତଃ ସରଳରେଖାର ଲମ୍ବ ଭାବରେ ସମାନ ଦୂରତା ରଖି ସଜା ଯାଇଥାଏ ।

ଟିକାବାଲି ଓ ଉଦୟଗିରି ଅ ଳରେ ଏହି ଲେଖକ କନ୍ଧ ରମଣୀଙ୍କ ମୁହଁର ଚିତାକୁଟା ପ୍ରଣାଳୀ ଯେପରି ଦେଖିଛି ତାହା ନିମ୍ନରେ ବର୍ଣ୍ଣିତ ହେଲା । **ଏହି ଚିତାର ଆଲେଖନ ପ୍ରଣାଳୀ ଜ୍ୟାମିତିକ, କେତେଗୁଡ଼ିଏ ଆୟତାକାର, ଚତୁଷ୍କୋଣ, ବୃ  ଓ ବିନ୍ଦୁର ସମାହାର ମାତ୍ର । ଏହି ଚିତ୍ରଗୁଡ଼ିକର କେବଳ କଳା ରଙ୍ଗ ଦିଆଯାଏ ଏବଂ ଏକ ନିର୍ଦ୍ଦିଷ୍ଟ ପ୍ରକୃତି ବ୍ୟତୀତ ଆକର୍ଷଣୀୟ ଅନ୍ୟଥା ଲେଖନ ଦେଖାଯାଏ ନାହିଁ । ଏଗୁଡ଼ିକ ପୃଥିବୀରେ ଚିତ୍ର କଳାର ପ୍ରଥମ ନମୁନା କହିଲେ ବୋଧହୁଏ ଭୁଲ ହେବ ନାହିଁ ।**

କପାଳ :- ନାକ ଅଗଠାରୁ ଆରମ୍ଭ କରି କପାଳ ମଝି ଦେଇ ବାଳଯାଏ ତିନୋଟି ରେଖା ସମାନ ଦୂରତାରେ ଅଙ୍କନ କରାଯାଏ ଏବଂ କପାଳ ଦୁଇ ପାଖରେ ଭ୍ରୂଲତାରୁ ମୁଣ୍ଡବାଳ ଯାଏ ତିନୋଟି ଲେଖାଏଁ ଛଅଟି ରେଖା ଅଙ୍କନ କରାଯାଏ । ଭ୍ରୂଲତା ଶେଷରେ କାନ ଓ ଆଖି ଲାଞ୍ଜିର ମଧ୍ୟରେ ଏକ ଗୋଲାକୃତି ଚିତା ଅଙ୍କନ କରାଯାଏ ।

ଗାଲ : - ଆଖି ଲାଞ୍ଜିଠାରୁ ଆରମ୍ଭ ହୋଇ କାନ ଯାଏ ଅଢ଼େଇ ଇ ରୁ ତିନି ଇ  ଲମ୍ବର ସରଳରେଖାଟିଏ ଅଙ୍କନ କରି ତାହାର ଶେଷରୁ ୩/୪ ଇ ର ଏକ ସରଳ ରେଖା ନିମ୍ନ ଦିଗରୁ ଏବଂ ସେଠାରୁ ନାକ ଦିଗକୁ ଏକ ରେଖା କାନ ଦିଗକୁ ଅଙ୍କନ କରି ସେଠାରୁ ୩/୪ ଇ ର ସରଳରେଖା ନିମ୍ନକୁ ଅଙ୍କନ କରି ସେଠାରୁ ଏକ ସରଳରେଖା ନାକର ଶେଷ ସିଧାରେ ଅଙ୍କନ କରାଯାଏ । ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଚତୁର୍ଥ ରେଖା କାନ ପାଖରେ କ୍ଷୁଦ୍ର ସରଳରେଖା ଦ୍ୱାରା ପରସ୍ପର ସଂଯୁକ୍ତ ହୋଇଥାନ୍ତି । ପ୍ରଥମ ରେଖା ଆଖି ଲାଞ୍ଜିରୁ ଆରମ୍ଭ ହୋଇ ଚତୁର୍ଥ ରେଖାଠାରେ ନାକ ଶେଷ ଭାଗ ସିଧାରେ ଶେଷ ହୋଇଥାଏ । ମୋଟ ଉପରେ ତିନୋଟି ଆୟତକ୍ଷେତ୍ର ଦେଖାଯାଏ, ଯାହାକି ଦୁଇ କୋଣ ଏବଂ ତିନି ବାହୁର ସମାହାର ଏବଂ ଏକ ସଂଯୁକ୍ତ ନଥାଇ ଖୋଲାଥାଏ ।

ଓଠ:- ଓଠ ମଧ ଭାଗରେ ଏକ ରେଖା ଏବଂ ତାହାର ଦୁଇପଟେ ଦୁଇଟି ରେଖା - ମୋଟ ତିନୋଟି ରେଖା ଅଙ୍କିତ ହୁଏ । ଏହି ତିନି ରେଖାର ଦୁଇ ପଟେ ମଧ୍ୟରେ ଏକ ବିନ୍ଦୁ ଏବଂ ପୁଣି ଏକ ବଳୟ ଏବଂ ଏହି ବଳୟର ସାମାନ୍ୟ କିଛି ଦୂରରେ ବାରଟି ବିନ୍ଦୁ ଗୋଲାକାରରେ ଅଙ୍କନ କରାଯାଏ, ଯାହା ଏକ ଫୁଲ ପରି ଦେଖାଯାଏ ।

ଛାତି :- ବାହୁ ମୂଳ ସହ ସଂଯୋଗ କରି ଛାତିରେ ମାଳି ପରି ଏକ ଧାଡ଼ି ବା ଦୁଇ ଧାଡ଼ି ଛୋଟ ବିନ୍ଦୁ ଦ୍ୱାରା ଚିତା ଅଙ୍କନ କରାଯାଏ ।

ହାତ :- ହାତର ସାମନା ପଟେ ବାହୁ ମୂଳ ଠାରୁ ତଳକୁ ଚବିଶ ବା ତା'ଠାରୁ କିଛି ଅଧିକ ବିନ୍ଦୁ ଦେଇ ଏକଧାଡ଼ି ଚିତା କୁଟାଯାଏ ଏହିପରି ଚରିଧାଡ଼ି ଥାଏ । କହୁଣୀରେ ତିନୋଟି ଲେଖାଏଁ ତିନି ଧାଡ଼ି କିମ୍ବା ପା ଧାଡ଼ି ଚିତ୍ରାଙ୍କନ କରାଯାଏ ।

ଗୋଡ଼ :- ବଳାଗଣ୍ଠି ଉପରକୁ ଗୋଡ଼ର ଚରିପଟେ ବିନ୍ଦୁଦ୍ୱାରା ଏକ ଧାଡ଼ି ଏବଂ ଆଣ୍ଠୁ ତଳଠାରୁ ବଳାଗଣ୍ଠି ଯାଏ ଏଗାରଟି ବିନ୍ଦୁର ଏକ ଧାଡ଼ି ଲେଖାଏଁ ପା ଧାଡ଼ି ଚିତାଅଙ୍କନ କରାଯାଏ ।

ଚିତାକୁଟେଇବା ପରେ ଦେହ ଓ ମୁହଁ ଭୀଷଣ ଭାବେ ଫୁଲିଯାଏ ଏବଂ ପ୍ରାୟ ଏକ ମାସ ଭୀଷଣ ଯନ୍ତ୍ରଣା ହୋଇଥାଏ । ତେବେ ବି ଓଡ଼ିଆଣୀ ତଥା କନ୍ଧ ରମଣୀ ଅନ୍ଧବିଶ୍ୱାସ ଓ ପ୍ରଚଳିତ କୁପ୍ରଥାକୁ ଭୟରେ ମାନି ନେଇ ଏହାକୁ ଗ୍ରହଣ କରିଥାନ୍ତି ।

ଚିତାକୁଟାଇବାରେ ଉତ୍କଳୀୟ କଳାର ଉତ୍କର୍ଷ ପ୍ରତିପାଦିତ । ସଭ୍ୟ ସମାଜଠାରୁ ଦୂରରେ ରହିଥିବା କେଳୁଣୀ ହାତର ଚିତ୍ର ନିପୁଣତା ଚିତା ଆକାରରେ ଆତ୍ମ ପ୍ରକାଶ କରିଥାଏ । ସେହିପରି ଚିତା କୁଟେଇବା ଆଦିବାସୀ ଲଳନାର ଚିତ୍ରପ୍ରତି ଆଗ୍ରହର ଏକ ନମୁନା । ଚିତାଗୁଡ଼ିକ ସ୍ୱଚ୍ଛ ଓ ସୁନ୍ଦର କରିବା ନିମନ୍ତେ ସେମାନଙ୍କର ସାଧନାର ପଟାନ୍ତର ନାହିଁ । ନିର୍ଜୀବ କାଗଜ ବା କାନ୍‌ଭାସ ଉପରେ ଚିତ୍ରଟିଏ ଅଙ୍କନ କଲାବେଳେ ଭୁଲ୍ ହେଲେ ତାହାକୁ ସଂଶୋଧନ କରିହୁଏ । କିନ୍ତୁ ସଜୀବ ମଣିଷ ଦେହରେ ଥରେ ଯେଉଁ ଚିତ୍ର ଅଙ୍କନ ହୋଇଯାଏ ତାହାକୁ ଜୀବନସାରା ବଦଳାଇ ହୁଏ ନାହିଁ । ଏଥିପାଇଁ ବହୁ ସତର୍କତା ଦରକାର ପଡ଼ିଥାଏ । କେଉଁଠି ଚିତାଗୁଡ଼ିକ ଅସୁନ୍ଦର ଥିବା ଦୃଷ୍ଟିଗୋଚର ହୁଏ ନାହିଁ । ଏଥିରୁ କେଳୁଣୀ / ଆଦିବାସୀ ରମଣୀର ସାଧନା ସହଜରେ ଅନୁମେୟ । ସାମାନ୍ୟ ପାରିଶ୍ରମିକ ବଦଳରେ ଚିତାରେ ସେମାନେ ଫୁଟାଇଥିବା ଚିତ୍ରକଳାର ପଟାନ୍ତର ନାହିଁ ।

ଦୁଃଖର ବିଷୟ ଆଧୁନିକ ସମାଜରେ ଏହାର ଆଦର ଆଉ ନାହିଁ । କ୍ରମଶଃ କୁଇ ସମାଜରେ ଏହା ଲୋପ ପାଇବାକୁ ଗଲାଣି । ଏହି ଅବକ୍ଷୟିତ ଚିତ୍ର କଳା ଯେ ଉତ୍କଳୀୟ ତଥା ଆଦିବାସୀ କନ୍ଧ ପରମ୍ପରାର ଗର୍ବ ଓ ଗୌରବର ବିଷୟ ଥିଲା, ଏଥିରେ ସନ୍ଦେହ ନାହିଁ ।

ସହାୟକ ଗ୍ରନ୍ଥ ସମୂହ :


୧. ଦେବତାର ଦେଶେ - ଶ୍ରୀ ସଚ୍ଚିଦାନନ୍ଦ ବେହେରା ପୃଷ୍ଠା - ୯୭

୨. ପଲ୍ଲୀଗୀତ ସ ୟନ - ଡଃ କୁଞ୍ଜବିହାରୀ ଦାଶ ପୃଷ୍ଠା - ୫୮୮

୩. Gazateer of Orissa, Boudh -Kandhamal ପୃଷ୍ଠା- ୭୦

୪. ଦେବତାର ଦେଶେ - ଶ୍ରୀ ସଚ୍ଚିଦାନନ୍ଦ ବେହେରା ପୃଷ୍ଠା - ୯୭-୯୮

୫. Physiological Anthropalogy Ed-A.Darnet oxford university press -1975 ପୃଷ୍ଠା- ୨୭୫

୬. ଦେବତାର ଦେଶେ - ଶ୍ରୀ ସଚ୍ଚିଦାନନ୍ଦ ବେହେରା ପୃଷ୍ଠା- ୯୬-୯୭

୭. ପଲ୍ଲୀଗୀତ ସ ୟକ - ଡଃ କୁଞ୍ଜବିହାରୀ ଦାଶ ପୃଷ୍ଠା - ୫୭୭

୮. କନ୍ଧ ଓ କନ୍ଧମାଳ - ଡାକ୍ତର ମେଦିନୀଶ୍ୱର ମଲ୍ଲିକ ପୃଷ୍ଠା - ୩୨-୩୩


ପଣସପଡ଼ି, ବାଲିଗୁଡ଼ା, କନ୍ଧମାଳ - ୭୬୨୧୦୩

# କୋରାପୁଟ ଆଦିବାସୀ ଲୋକଗୀତରେ ଲୋକକଳା - "ବାନାଗୁଦା" ବା ଚିତାକୁଟା

ଜଳଧର ସ୍ୱାଇଁ

"ଆଲେ ତୁଇ ମୋର କଅଁଲି ଜନ୍
ତୁଇ ଅଲଦି ଲାଗାଇ ସିନ୍ଦୁର ଦିଶୁଲାନି
ତୋର ହାତ ବାକୁ କାପାଲାର ବାନା ଥାନେ
ରହିଲାନି ମୋର ମନ୍ ।"

କୋରାପୁଟ ଜିଲ୍ଲା ଆଦିବାସୀ ଲୋକମାନଙ୍କ ମଧ୍ୟରେ ପ୍ରଚଳିତ ଲୋକଗୀତ ଧାରାରେ ଏହା ହେଉଛି ଏକ ପରଜା ଆଦିବାସୀ ଯୁବକର ତା'ର ପ୍ରେମିକା ଆଦିବାସୀ ଯୁବତୀ ପ୍ରତି ପ୍ରଣୟ ଆବେଦନର ମୁଗ୍ଧ ବିଭୋର ଆବେଗାତ୍ମକ ଉକ୍ତି । ଏଥିରେ ଯୁବକଟିର ହୃଦୟର ଆନନ୍ଦାନୁଭୂତି ସହିତ ସୌନ୍ଦର୍ଯ୍ୟାନୁଭବ ଚମତ୍କାର ପରିପ୍ରକାଶ ଘଟିଛି । ଧାଙ୍ଗଡ଼ା (ଯୁବକ) ଟି ତାର ଧାଙ୍ଗଡ଼ୀ (ଯୁବତୀ)କୁ ନୂଆ ନୂଆ ଆକାଶରେ ଉଇଁ ଆସୁଥିବା କଅଁଳ ଛନ ଛନ ଜହ୍ନ ସହିତ ତୁଳନା କରି ତା ରୂପ ଯୌବନ, ଯଥା - ତା'ର ହଳଦୀ ଲଗା ଦେହ ଓ ହାତ ଗୋଡ଼ ତଥା କପାଳରେ ସୁନ୍ଦର କୁଟକମ ଭାବେ ଅଙ୍କା ହୋଇଥିବା ଚିତା ପ୍ରତି କେମିତି ସେ ଆକୃଷ୍ଟ ହୋଇ ପଡ଼ିଛି ବା ତା'ର ସୁନ୍ଦର ରୂପରେ କିପରି ତା' ମନ ଲାଖି ରହିଯାଇଛି ତାହାହିଁ ବ୍ୟକ୍ତ କରିଛି ଉକ୍ତ ଲୋକଗୀତ ପଂକ୍ତିରେ ।

ଉପରୋକ୍ତ ଲୋକଗୀତଟିକୁ ପର୍ଯ୍ୟାଲୋଚନା ପରିସରକୁ ନେଲାବେଳେ ଲୋକକଳା ପ୍ରସଙ୍ଗଟି ଯେମିତି ମନକୁ ଆସିଯାଏ, ସେମିତି ମନେ ପଡ଼ିଯାଏ ଆମ ଉପନିଷଦର କଥା । ଉପନିଷଦ କହେ - ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି ପ୍ରକ୍ରିୟା ମୂଳରେ ଯେଉଁ ବିଶେଷ ତ ୍ୱଟି ନିହିତ, ତାହା ହେଉଛି ଆନନ୍ଦ ଓ ସୌନ୍ଦର୍ଯ୍ୟର ଏକ ସୁଦୃଶ୍ୟ ସମାହାର । କଳା ଏଇ ଆନନ୍ଦ ଓ ସୌନ୍ଦର୍ଯ୍ୟର ସୃଷ୍ଟିସ୍ଥିତି ଓ ବ୍ୟାପ୍ତିର କେନ୍ଦ୍ରବିନ୍ଦୁରେ ରହି ସେ ସବୁକୁ ବହୁବିଧ ପ୍ରକ୍ରିୟାରେ ପ୍ରତିଫଳିତ କରାଇବା ସହ ଜୀବନ୍ୟାସ ଦିଏ ଓ ପାଲଟିଯାଏ ଜୀବନର ତଥା ଜଗତର ମଧୁର ମୂର୍ଚ୍ଛନାଟିଏ । କଳାର ଅନ୍ୟତମ ଉଦ୍ଦେଶ୍ୟଟି ହେଉଛି ମନୁଷ୍ୟ ମନରେ ଆନନ୍ଦମୟ ଭାବଟିଏ ସଂଚାର କରିବା ସହ ତା'ର ସ୍ମୃତି -ଫଳକରେ ନିଜକୁ ପ୍ରତିଫଳିତ କରାଇ କାଳଜୟୀ ପାଲଟି ଯିବା । କଳାର ଏବଂବିଧ ସାଧନ ବିନ୍ଦୁରୁ ହିଁ ମଣିଷ ନିଜକୁ ପରିବ୍ୟାପ୍ତ କରିବା ବା ବଂଚେଇ ରଖିବାର ଚିନ୍ତାଧାରକୁ ଆହରଣ କରିବା ସହିତ ସୌନ୍ଦର୍ଯ୍ୟବୋଧ ଭାବର ପରିପ୍ରକାଶ ଘଟାଇ ପାରିଛି । ଯେଉଁ କଳା ମୂଳତଃ ମଣିଷର ଆତ୍ମ ପ୍ରକାଶର ଆଧାରଭୂମି ଭାବେ ପରିଚିତ, ତାକୁ ପ୍ରକାଶ କରିବା ପାଇଁ କେତେକ ପ୍ରଣାଳୀ ବା କଳ କୌଶଳ ଆବଶ୍ୟକତା ରହିଥିବା କଥା ଆମେ ଜାଣୁ । ହେଲେ ସେତିକିହିଁ କଳାର ଆତ୍ମ ପ୍ରକାଶ ପାଇଁ ସର୍ବଶେଷ ବା ଅନ୍ତିମ ପଥ ନୁହେଁ । ସୌନ୍ଦର୍ଯ୍ୟାନୁଭୂତି ଶିଳ୍ପୀ ପ୍ରାଣରେ ଯେଉଁ ଛନ୍ଦ ସୃଷ୍ଟି କରେ, କଳା ତାକୁ ହିଁ ବିଶ୍ୱଛନ୍ଦରେ ରୂପାନ୍ତରିତ କରିଦେଇଥାଏ । ଶିଳ୍ପୀର ନିବିଡ଼ ଅନୁଭବ, ଗଭୀର ଶ୍ରଦ୍ଧା ଓ ଆତ୍ମାର ଆଭିପ୍ସାହିଁ ପାଲଟିଯାଏ କୈବଲ୍ୟମୟ

କଳାର ସ୍ୱରୂପ । ପ୍ରକୃତ କଳା ସୃଷ୍ଟିର ମୂଳଭି ି ସୌନ୍ଦର୍ଯ୍ୟ ପ୍ରତି ଆକର୍ଷଣ ହୋଇଥିବାରୁ ବସ୍ତୁ ଏବଂ ଦୃଶ୍ୟମାନ ରୂପ ମଧ୍ୟରେ ଶିଳ୍ପୀ ଯେଉଁ ଜୀବନ୍ତ ସ ାର ସଶ୍ରଦ୍ଧ ଅନୁଭବକୁ ସାଉଁଟି ଥାନ୍ତି ତାକୁ ପ୍ରଥମେ ସେ ସଜେଇ ଥାନ୍ତି ଆପଣା ମନରେ ଭରି ରହିଥିବା ସତେଜ ରଙ୍ଗରେ । ତେଣୁ କୁହାଯାଏ କଳାର ସୌନ୍ଦର୍ଯ୍ୟ ଶିଳ୍ପୀର ତୁଳିରେ ନଥାଏ, ଥାଏ ତା'ର ରସୋ ୀର୍ଣ୍ଣ ମାନସ ପଟରେ । ଶିଳ୍ପୀର ଅନୁଭବ ହିଁ ପାଲଟି ଯାଏ କଳାର ଆତ୍ମା । ତେଣୁ କଳା ସୃଷ୍ଟି କରିବା ପାଇଁ କୌଣସି ଏକ ନିୟମ ବା ଧାରାକୁ କଳାକାର ପାଇଁ ନିର୍ଦ୍ଧାରିତ କରାଯାଇ ପାରିନଥାଏ । ପ୍ରକୃତି ଓ ଜୀବନ ସହ ସଂପର୍କ ସ୍ଥାପନ କରୁଥିବା ଶିଳ୍ପୀ ପାଖରେ ତା ନିଜସ୍ୱ ଆକାଂକ୍ଷା ସହିତ ପ୍ରକୃତି ଓ ଜୀବନର ସମନ୍ୱୟରେ ସଂଗଠିତ ସମାଜର ବହୁବିଧ ପ୍ରଥା ପରଂପରା ଏବଂ ବିଶ୍ୱାସ ସହିତ ନିଜସ୍ୱ ଚିନ୍ତନକୁ ସଂଯୋଗୀଭୂତ କରି ରୂପାୟିତ ହୋଇଥାଏ କଳ୍ପନା ଓ ବାସ୍ତବତାର ଫେ । ଫେ ି ରୂପ ସେପରି ଲୋକକଳାରେ ଫୁଟି ଉଠିଥାଏ ଅତି ବାସ୍ତବତା ସହ ଲୋକ ହୃଦୟର ବିଶ୍ୱାସ ଓ ମାର୍ମିକ ସ୍ପର୍ଶ ।

ଆଲୋଚ୍ୟ ଲୋକକଳା, 'ଚିତାକୁଟା' ଆଦିବାସୀମାନଙ୍କ ମଧ୍ୟରେ ପ୍ରଚଳିତ ଦେଶିଆ ଭାଷାରେ ଯାହା'ବାନାଗୁଦା' ବା 'ଝୁ ି କୁଟା' ଏବଂ କୁଇ ଭାଷାରେ ଯାହାକୁ 'ଟିକାଙ୍ଗ ଉପପା' ଭାବେ ଚିହ୍ନିତ କରାଯାଇଛି, ତାକୁ ଆମେ ପ୍ରସଙ୍ଗ କ୍ରମେ କଳା ସୃଷ୍ଟି ସଂପର୍କିତ ଚିନ୍ତା ଚେତନା କ୍ରମରେ ବିଚାରକୁ ନେଲେ ଅନୁଭବ ଥାଉ ଯେ, ଏହା ଲୋକ ଜୀବନରେ ଆନନ୍ଦ ଭାବ ସଂଚାର ପାଇଁ ଲୋକ ଶିଳ୍ପୀର ମାନସ ପ୍ରସୂତ ପ୍ରାଚୀନତମ ସୌନ୍ଦର୍ଯ୍ୟବୋଧର ଏକ ସ୍ୱତନ୍ତ୍ର ଧାରା ଯାହାକୁ କାମସୂତ୍ର ଗ୍ରନ୍ଥର ପ୍ରଣେତା ଋଷି ବାତ୍ସ୍ୟାୟନ ତାଙ୍କ ଗ୍ରନ୍ଥରେ ଚଉଷଠି କଳାର ଅନ୍ତର୍ଭୁକ୍ତ କରି ସୌନ୍ଦର୍ଯ୍ୟ ସଂଭୋଗ ସୃଷ୍ଟିର ପର୍ଯ୍ୟାୟଭୁକ୍ତ ଏକ ଅଙ୍ଗାଭରଣ ରୂପେ ବିବେଚିତ କରିଛନ୍ତି । ଏହି ଲୋକକଳାଟି ଲୋକ ମାନସର ଏକ କ୍ରମ ବିକଶିତ ରୂପ ହୋଇଥିବାରୁ ଏହାର ପରିସର ଅତ୍ୟନ୍ତ ବ୍ୟାପକ । ଆଦିମ ମଣିଷର ଆଦ୍ୟ କଳା କାରିଗରୀ ଭାବେ ବିବେଚିତ ପଥର ଦେହରେ ରେଖାଚିତ୍ର ଠାରୁ ଆରମ୍ଭ କରି ଆଧୁନିକ ଶିଳ୍ପୀର ପ୍ରତୀକାତ୍ମକ ଚିତ୍ର ପର୍ଯ୍ୟନ୍ତ ସବୁ କିଛିର ମୁକ୍ତ ଅଙ୍କନ କଳାକୁ ଲୋକକଳାର ଅନ୍ତର୍ଭୁକ୍ତ କରାଯାଇଥିଲେ ବି, ଶରୀରରେ ଅଙ୍କା ଯାଉଥିବା ଏବଂ ପ୍ରସାଧାନ ସାମଗ୍ରୀ ଭାବେ ନାରୀର ଅଙ୍ଗ ସୌଷ୍ଟବ ବୃଦ୍ଧି କରାଉଥିବା ସ୍ଥାୟୀ ବା ଅସ୍ଥାୟୀ ଲୋକଚିତ୍ରର ପ୍ରଭାବ ଯେପରି ଆଦିବାସୀ ଜନଗୋଷ୍ଠୀଙ୍କ ମଧ୍ୟରେ ପରିଲକ୍ଷିତ ହୋଇଥାଏ, ସେପରି ଅନ୍ୟତ୍ର ବା ଅନ୍ୟ ସାଧାରଣ ଜନଗୋଷ୍ଠୀ ମଧ୍ୟରେ ଏତେବେଶୀ ଦେଖିବାକୁ ମିଳେନାହିଁ । କୋରାପୁଟ ଜିଲ୍ଲାର ବିଭିନ୍ନ ଆଦିବାସୀ ଗୋଷ୍ଠୀର ଲୋକେ କୌଣସି ପୂଜା ବା ପର୍ବପାଳନ କରିବା ପୂର୍ବ ଦିନ ନିଜ ନିଜର ଘର ଓ ଅଗଣା ଲିପା ପୋଛା କରି, ଅଗଣା ମଝିରେ ରଙ୍ଗ ମାଟିରେ ଏକ ସ୍ଥାନକୁ ବୃ ାକାରରେ ଲିପି ତା ଉପରେ ପା ଟି ରଙ୍ଗର ମୁରୁଜ ଦେଇ ଝୋଟି ଚିତା ଲେଖିଥାନ୍ତି । ଏହି ଝୋଟି ମଝିରେ ମୁଠାଏ ଚାଉଳ ରଖି ତା ଉପରେ ଅଣ୍ଡାଟିଏ ରଖନ୍ତି ଏବଂ ଧୂପ ଦୀପ ଦେଇ ଏହି ଝୋଟି ଚିତାର କୋଠିକୁ ପୂଜା କରିଥାନ୍ତି । ଏହାକୁ ସେମାନେ 'ବାନା' କରିବା ବା ଚିତ୍ର କରିବା କହିଥାନ୍ତି । ପରେ ପରେ ସେହି ଚିତା ଉପରେ ଥିବା ଚାଉଳ ଓ ଅଣ୍ଡାକୁ ନେଇ ଏକତ୍ର ରାନ୍ଧି ଚରୁଅର୍ଣ୍ଣ ପ୍ରସ୍ତୁତ କରି ତାହାକୁ ସେମାନେ ପ୍ରସାଦ ଭାବରେ ପାଇଥାନ୍ତି ବା ଖାଇଥାନ୍ତି । କୋରାପୁଟ ଜିଲ୍ଲାର ବିଭିନ୍ନ ଆଦିବାସୀ ଗୋଷ୍ଠୀର ଲୋକେ ବିଶ୍ୱାସ କରନ୍ତି ଯେ, ଏପରି 'ବାନା' ଲେଖିବା ସେମାନଙ୍କ ପାଇଁ ଶୁଭପ୍ରଦ ଓ ପରିବାର ପାଇଁ ମଙ୍ଗଳଦାୟକ ଅଟେ । ଏହି ରେଖାଚିତ୍ରଟି ସେମାନଙ୍କୁ ଜର, ରୋଗ ଓ ଦୁଃଖ ବିପଦରୁ ରକ୍ଷା କରି ସୁଖ ସମୃଦ୍ଧିର ପଥକୁ ସୁଗମ କରିଥାଏ । ଡୁମା ଦେବତାମାନେ ଏହି ବାନା ଥିବାରୁ ସେମାନଙ୍କର କିଛି ଅନିଷ୍ଟ କରନ୍ତି ନାହିଁ । ଏହିପରି ଏକ ବିଶ୍ୱାସକୁ ନେଇ ଶବର ସଂପ୍ରଦାୟର ଲୋକମାନେ ନିଜ ନିଜର ଗୃହର କାନ୍ଥକୁ ରଙ୍ଗମାଟିରେ ଲିପି ଚିତ୍ରକରକୁ ଡ଼କାଇ ଘରର କାନ୍ଥରେ ଚିତ୍ର ଅଙ୍କନ କରାଇଥାନ୍ତି ।

ଏହାକୁ ସେମାନଙ୍କ ଭାଷାରେ, 'ଲଡ଼ିତାଲ' କୁହାଯାଏ । ଏହି ଚିତ୍ରକଳାରେ ସେମାନେ ନିଜର ପ୍ରତ୍ୟକ୍ଷ ଅନୁଭୂତିକୁ ସେଥିରେ ଆଙ୍କିଥାନ୍ତି । ସେମାନଙ୍କର ଏହି ଚିତ୍ର ବା ଚିତାରେ ଦେବଦେବୀଙ୍କର ଚିତ୍ର ନଥାଏ । ସେମାନଙ୍କ ଦୈନନ୍ଦିନ ଜୀବନ - ପ୍ରଣାଳୀକୁ ପ୍ରାୟତଃ ଅଙ୍କା ଯାଇଥାଏ ଏଥିରେ । ଇଡ଼ିତାଲ ଆଙ୍କୁଥିବା କୁଡ଼ାଙ୍ଗ ସଉରା ଗୋଷ୍ଠୀର ପୁରୋହିତ ବା ପୂଜକ କାନ୍ଥରେ ଚିତ୍ର ଆଙ୍କିଲା ବେଳେ ପ୍ରଥମେ କାନ୍ଥ ଉପରେ ଏକ କୋଠି ଆଙ୍କି ତା ଭିତରେ ଗଛଲତା, ଜୀବଜନ୍ତୁ, ମନୁଷ୍ୟ ଇତ୍ୟାଦିର ରେଖାଚିତ୍ର ଆଙ୍କିଥାଏ । ଚାଉଳକୁ ବତୁରାଇ ଶିଳରେ ବାଟି ପିଠଉ ପରି କରି ସେଥିରେ କିଛି ପାଣି ମିଶାଇ ଗୋଳିଲା ପରେ ଏହି ପିଠଉ ପାଣିରେ ସରୁ ବାଉଁଶ କାଠି ବୁଡ଼ାଇ ଧଳା ରଙ୍ଗର ଝୋଟି ଚିତା ଲେଖାଯାଏ ବା ଅଙ୍କା ଯାଇଥାଏ । ରଙ୍ଗମାଟି ଲିପା କାନ୍ଥରେ ଧଳା ପିଠଉ ପାଣିରେ ଅଙ୍କା ଯାଇଥିବା ଚିତ୍ରରେ ଯେଉଁ ପ୍ରାକୃତିକ ଦୃଶ୍ୟ ତଥା ଜୀବଜନ୍ତୁଙ୍କର ଆକୃତି ପ୍ରକୃତି ଦୃଷ୍ଟିଗୋଚର ହୁଏ ତାହାସେମାନଙ୍କ ଗୃହ ପାଇଁ ମଙ୍ଗଳ କାରକ, କାରଣ ଏହା ଅଙ୍କନ ବେଳେ ଅଦୃଷ୍ଟର ପ୍ରେରଣାରେ ଚିତ୍ରକରର କଳ୍ପନାକୁ ଆସିଥିବାରୁ ଏହା ନିଶ୍ଚିତଭାବେ ସେହି ଗୃହର ସଦସ୍ୟଙ୍କର ପାଇଁ ଏକ ଇଙ୍ଗିତାତ୍ମକ ମଙ୍ଗଳମୟ ଚିତ୍ର ଓ ତାଙ୍କ ଗୃହର ଇଷ୍ଟ ଦେବତା ଭାବେ ସେମାନଙ୍କ ହିତ ସାଧନ ପାଇଁ ଉଦ୍ଧିଷ୍ଟ । ଇଡ଼ିତାଲ ଚିତ୍ରରେ ଯେମିତି ପରିଧି ଚିତ୍ର, ମନୁଷ୍ୟ, ଜୀବଜନ୍ତୁ, ବୃକ୍ଷଲତା, ଫୁଲ, ଫଳ, ନଦୀ ପର୍ବତ ଆଦିର ରେଖାଚିତ୍ର ଥାଏ, ସେମିତି କନ୍ଧ, ପରଜା, ଗାଦବା ସଂପ୍ରଦାୟର ଲୋକମାନେ ନିଜ ଦେହରେ ଯେଉଁ ଚିତା ଲେଖାଇଥାନ୍ତି ବା 'ବାନା ଗୁଦାଇ' ଥାନ୍ତି ସେଥିରେ ମଧ ସେହି ଏକାପ୍ରକାର ରେଖାଚିତ୍ର ଯଥା ଫୁଲ, ଫଳ, ଗଛଲତା, ପାହାଡ଼ ଆଦିର ଦୃଶ୍ୟ ଦେଖିବାକୁ ମିଳିଥାଏ । ସଉରାମାନେ ଯେଉଁ ବିଶ୍ୱାସକୁ ନେଇ କାନ୍ଥରେ 'ଇଡିତାଲ' ବା ଚିତ୍ର ଅଙ୍କନ କରିଥାନ୍ତି ସେ ଏକା ବିଶ୍ୱାସ ନିହିତ ଥାଏ ଆଦିବାସୀ ସଂପ୍ରଦାୟର ଲୋକମାନଙ୍କ ଦେହରେ ଚିତା କୁଟେଇବା ବା ଲେଖେଇବାରେ । ବିଶେଷ କରି କଂଧ ଓ ପରଜା ଜନଗୋଷ୍ଠୀରେ ବୟସ୍କ ଝିଅମାନଙ୍କ ଦେହରେ ଚିତା ଲେଖେଇବା ବା ବାନାଗୁଦେଇବା ପାଇଁ ଏକ ପ୍ରକାର ଉତ୍ସବାନୁଷ୍ଠାନର ବ୍ୟବସ୍ଥା କରାଯାଇଥାଏ । କନ୍ଧ ସମାଜରେ ଦଶବର୍ଷରୁ ଅଧିକ ବୟସର ଝିଅମାନଙ୍କୁ ଏକ ସମୟରେ ବାନାଗୁଦେଇବା ପାଇଁ ଏକତ୍ରିତ କରାଯାଇ ଏକ କୁଡ଼ିଆ ଘରକୁ ନିଆଯାଇଥାଏ । ପୂର୍ବରୁ ସେଠାକୁ ବାନାଗୁଦେଇବା ବା ଚିତା କୁଟେଇବା କାର୍ଯ୍ୟ ସମୟରେ ପିଲାମାନଙ୍କୁ ଯେପରି କଷ୍ଟ ନହୁଏ ସେଥିପାଇଁ ପ୍ରଥମେ ଚିତା କୁଟେଇବାକୁ ଆସିଥିବା ବୟସ୍କା ସ୍ତ୍ରୀଲୋକଟି ସମବେତ ଝିଅମାନଙ୍କୁ ପୂଜା କରି ପ୍ରସାଦ ଆକାରରେ କିଛି ମଦ ପିଇବାକୁ ଦେଇଥାଏ । ଏହି ମଦ୍ୟପାନକରି ନାନା ପ୍ରକାର ନାଚ ଗୀତରେ ମସଗୁଲ ରହି ପିଲାମାନେ ଯେତେବେଳେ ଅଚେତ ଅବସ୍ଥାକୁ ଆସିଥାନ୍ତି, ସେତେବେଳେ ସ୍ତ୍ରୀଲୋକଟି ପ୍ରଥମେ ନିଜ ସାଥୀରେ ଆଣିଥିବା କଳାରଙ୍ଗ ଦ୍ୱାରା ସେମାନଙ୍କ ମଥାରେ ବା ମୁହଁରେ ଚିତ୍ର ଆଙ୍କି ନିଜର ଚିତା ଲେଖା ଦ୍ୱାରା ସେହି ଚିତ୍ର ଉପରେ କୁଟେଇ କୁଟେଇ ବା ଥରକୁ ଥର ଫୋଡ଼ି ଫୋଡ଼ି ଚିତ୍ର ଆଙ୍କି ଥାଏ । ପରେ ପରେ ସେମାନଙ୍କ ହାତ ଗୋଡ଼ ଓ ଦେହର ଅନ୍ୟାନ୍ୟ ଅଂଶରେ ସେମାନଙ୍କ ଅଭିଭାବକମାନଙ୍କ ବରାଦ ପ୍ରକାରେ ଚିତ୍ର ଅଙ୍କିଥାଏ ତଥା କୁଟାଇ ଥାଏ । ବାନାଗୁଦେଇଥିବା ଏଇସବୁ ଝିଅମାନେ ପ୍ରାୟ ନିଜ ନିଜର ଦେହ ଓ ମୁହଁର ଫୁଲା ଅଂଶ କମିବା ଯାଏ ସେହି କୁଡ଼ିଆ ଘରେ ରହିଥାନ୍ତି । ସେଠାରେ ସେମାନଙ୍କ ଖାଇବା, ପିଇବା ଓ ଚିତାକୁଟା ସ୍ଥାନମାନଙ୍କରୁ ଦରଜ ତଥା ଫୁଲା କମିବା ଯାଏ ତେଲ, ହଳଦୀର ଲେପ ପ୍ରଦାନର ବ୍ୟବସ୍ଥା କରାଯାଇଥାଏ । ବାନାଗୁଦେଇ ପୂର୍ବରୁ ନଦୀଘାଟ ବା ଝରଣା ତୁଠରେ ଏହି ଝିଅପିଲାଙ୍କ ମଙ୍ଗଳ କାମନା କରି ପିତୃପୁରୁଷଙ୍କ ଆତ୍ମା ଉଦ୍ଦେଶ୍ୟରେ ପୂଜା ଦିଆଯାଇଥାଏ । ଗୁରୁମାଈ ବା ଦିଶାରୀମାନ ଏଇ ପୂଜା କରିଥାନ୍ତି । ଏହି ପୂଜାରେ କୁକୁଡ଼ା ବା ଘୁଷୁରି ଛୁଆଟିଏ ବଳିଦିଆଯିବାର ବିଧି ରହିଛି । ଏହି ପୂଜାର ଉଦ୍ଦେଶ୍ୟ

ହେଉଛି ଯେ ଏହି ଝିଅପିଲାମାନଙ୍କୁ ସେମାନଙ୍କ ପୂର୍ବ ପୁରୁଷମାନଙ୍କ ଆତ୍ମା, ନଦୀ, ଝରଣା ଓ ପାହାଡ଼, ଜଙ୍ଗଲରେ ରହୁଥିବା ଦେବୀ ଦେବତାମାନେ ସହାୟ ହୁଅନ୍ତୁ । ସେମାନଙ୍କୁ ବାନାଗୁଦେଇବା କଷ୍ଟ ନବାଧୁ । ସେମାନେ ଏହି ଝିଅମାନଙ୍କ ସହିତ ରହି ସେମାନଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ । ଏଇ ପ୍ରକାର ପୂଜା ପଦ୍ଧତି ଓ ନୀତି ନିୟମ ମଧ୍ୟ ଝିଅପିଲାଙ୍କ ଭିତରେ ଏକପ୍ରକାର ବିଶ୍ୱାସ ସୃଷ୍ଟି କରିଥାଏ ଯେ ସେମାନେ 'ବାନାଗୁଦେଇଲେ' ବା ଚିତ କୁଟେଇଲେ ସେମାନଙ୍କୁ କିଛି କଷ୍ଟ ଲାଗିବ ନାହିଁ ବୋଲି ।

ଏହି 'ବାନାଗୁଦା' ବା ଶରୀରରେ ସ୍ଥାୟୀଭାବେ ଚିତ୍ର ଆଙ୍କିବା କାମଟି ସମୟ ସାପେକ୍ଷ ତଥା କଷ୍ଟଦାୟକ ହୋଇଥିଲେ ମଧ୍ୟ ଆଦିବାସୀ ଅ ଳରେ ଯେଉଁସବୁ ମହିଳା ଶିଳ୍ପୀମାନେ ଏହାକୁ ନିଜର ବୃ ିଭାବେ ଗ୍ରହଣ କରିନେଇଛନ୍ତି ସେମାନଙ୍କ ପାଇଁ ଏହା ଖୁବ୍ ସହଜ ଓ ସରଳ ମନେ ହୋଇଥାଏ । ସେମାନେ ନିଜ ସାଥିରେ ଏକ ପ୍ରକାର କଳାରଙ୍ଗ ଆଣିଥାନ୍ତି, ଯାହା ନଡ଼ିଆ କତା ବା ଷଢ଼େଇକୁ ପୋଡ଼ାଯାଇ, ସେହି ପୋଡ଼ା ପାଉଁଶକୁ ଜଡ଼ା ତେଲରେ ଗୋଳାଯାଇ ପ୍ରସ୍ତୁତ କରାଯାଇଥାଏ । ଏତଦ୍‌ବ୍ୟତୀତ ଚିତ୍ର ଲେଖିଲା ପରେ ତାକୁ ଫୋଡ଼ିବା ପାଇଁ ଏକତ୍ର ବନ୍ଧା ଯାଇଥିବା ୩ ବା ୪ଟି ଛୁ୍‌କୁ ଏଇ ଶିଳ୍ପୀ ଜଣକ ତାର ମୁଖ୍ୟ ଯଂତ୍ର ଭାବେ ବ୍ୟବହାର କରିଥାଏ । ତା ସହିତ ଏହି ଶିଳ୍ପୀ ଅନ୍ୟ ଯେଉଁ ଦ୍ରବ୍ୟକୁ ଏହି କାର୍ଯ୍ୟରେ ବ୍ୟବହାର କରନ୍ତି ତାହା ହେଉଛି ବଟା ହଳଦୀ ଓ ଜଡ଼ା ତେଲର ମିଶ୍ରଣରେ ପ୍ରସ୍ତୁତ ଏକ ବହୁଳ ଲେପ ପ୍ରଦାନକାରୀ ଉପାଦାନ ।

ମୁଖ୍ୟତଃ ଏହି ବାନାଗୁଦାଉଥିବା ସ୍ତ୍ରୀଲୋକମାନେ କପାଳ ଉପରେ ଓ ମୁହଁରେ ବିଭିନ୍ନ ପ୍ରକାର ଫୁଲ ଓ ଲତାର ଚିତ୍ର ସହ ଚକ୍ର ଚିହ୍ନ ଅଙ୍କନ କରିଥାନ୍ତି । ବକ୍ଷ ଦେଶରେ ଫୁଲକଢ଼ି ଓ ବିଭିନ୍ନ ଲତାରେ ଫୁଟିଥିବା ଫୁଲ ଫେନ୍ଥା, ମାଳଆଦିର ଚିତ୍ର ଆଙ୍କିଥାନ୍ତି । ହାତର ସାମ୍‌ନାପଟରେ ଫୁଲ ସହ ପତ୍ର ଓ ଲତାର ଚିତ୍ର ଆଙ୍କିଥିବା ବେଳେ କହୁଣୀର ତଳକୁ ଝରା ଫୁଲର ଚିତ୍ର ସହିତ ବାନାଗୁଦଉଥିବା ସ୍ତ୍ରୀଲୋକଟି ନିଜ ନାମ ବା ଦେବୀ ଦେବତାଙ୍କ ନାମ ଲେଖାଇଥାଏ । ଏତଦ୍‌ବ୍ୟତୀତ ଯେଉଁ ସବୁ ରେଖାଚିତ୍ର ଦେହରେ ରହିଲେ ସ୍ତ୍ରୀ ପୁରୁଷମାନେ ମିଳନ ସମୟରେ ସେ ସବୁକୁ ଦେଖି ମାନସିକ ସ୍ତରରେ ଆନନ୍ଦ ଉପଲବ୍‌ଧି କରି ପାରିବେ ସେପରି କିଛି ଚିତ୍ର ସ୍ତନ ଉପରେ ଏବଂ ନାଭି ତଳେ ବା ଜଙ୍ଘ ଇତ୍ୟାଦି ସ୍ଥାନରେ ଏମାନେ ଆଙ୍କିଥାନ୍ତି ।

'ବାନାଗୁଦା' ବା ଚିତାକୁଟେଇବା ଏକ କଷ୍ଟପ୍ରଦ ବା ପୀଡାଦାୟକ ହୋଇଥିବାରୁ ପ୍ରାୟତଃ ଆଦିବାସୀ ଝିଅମାନଙ୍କ ମଧ୍ୟରୁ 'ବାନାଗୁନା' ପାଇଁ ଇଚ୍ଛା ଥାଇବି କିଛି ଝିଅ ବା ସ୍ତ୍ରୀଲୋକ ନିଜ ଦେହରେ ବାନାଗୁଦାଇବା ପାଇଁ ରାଜି ହୁଅନ୍ତି ନାହିଁ । ସେମାନଙ୍କୁ ମନେଇବା ପାଇଁ ସେମାନଙ୍କ ସମାଜର ଗୁରୁମାଈ ବା ବୟସ୍କା ସ୍ତ୍ରୀଲୋକ ତଥା ବାନାଗୁଦେଇବା ପାଇଁ ଆସୁଥିବା ମହିଳାମାନେ ସେମାନଙ୍କୁ ଏହି କାର୍ଯ୍ୟ କରିବା ପାଇଁ ଆକୃଷ୍ଟ କରିବା ପାଇଁ ଚେଷ୍ଟା କରି କହିଥାନ୍ତି –

"କଇଲିନି ଶୁନା ଝିମନ୍ ବଇନୀମନ୍
ମରଲା ବେଲେକ୍ ବାନା ସାଙ୍ଗେଡ଼ି ଯାଇରଇସି
ଗାଗଡ଼ ହେଇସି ମାଟି
ବାନା ନରହିଲେ ଯମ ମାପୁରୁ
ଜବର ଡଣ୍ଡ ଦେଇସି ।" (ପରଜା ଲୋକଗୀତ)

ଯାହାର ଅର୍ଥ – ହେ ଝିଅମାନେ, ଭଉଣୀମାନେ ଶୁଣ ! ମଲାବେଳେ ତୁମେମାନେ ସାଙ୍ଗରେ କିଛି ନେଇ କରି ଯିବ ନାହିଁ । ହେଲେ ତୁମ ଦେହରେ ଏଇ ଲେଖା ହୋଇଥିବା ଚିତ୍ର ତୁମ ଦେହ ସାଥୀରେ ମାଟିରେ ମିଶିବା ଯାଏ ରହିବ । ଯମପୁରରେ ଯମଦଣ୍ଡରୁ ତୁମକୁ ରକ୍ଷା କରିବ । ତୁମ ଦେହ ଓ କର୍ମର ସାଥୀ ଓ ସାକ୍ଷୀ ହୋଇ ତୁମକୁ କଷ୍ଟରୁ ଉଦ୍ଧାର କରିବ । ଟିକିଏ କାଟୁଛି ବୋଲି ଡ଼ର ନାହିଁ, ଆସ ତୁମ ଦେହରେ ଚିତା ଲେଖାଇ ନିଅ ଇତ୍ୟାଦି ।

ଅନେକ ବିବାହିତ ସ୍ତ୍ରୀ ଓ ପୁରୁଷମାନେ ମଧ୍ୟ ନିଜ ନିଜ ଶରୀରର ବିଭିନ୍ନ ଅଂଶରେ ଚିତା ଲେଖେଇଥାନ୍ତି । ଯଦି କୌଣସି ପୁରୁଷ ତା ସ୍ତ୍ରୀର କୌଣସି ଅଙ୍ଗରେ କି ପ୍ରକାର ଚିତା ଲେଖାଇବାର ଆବଶ୍ୟକତା ଅଛି, ସେ ପ୍ରକାର ଚିତା ତା ସ୍ତ୍ରୀ ଦେହରେ ଲେଖେଇ ଦେବାକୁ ଚିତା ଲେଖଉଥିବା ବା କୁଟଉଥିବା ସ୍ତ୍ରୀଲୋକଟିକୁ କହେ ଏବଂ ଯଦି ସେହି ପୁରୁଷର ସ୍ତ୍ରୀ ଚିତା କୁଟାଇବାକୁ ଅନିଚ୍ଛା ପ୍ରକାଶ କରେ ତେବେ ତାକୁ ମନେଇବାକୁ ଯାଇଁ ସେହି ଚିତା ଲେଖେଇବାକୁ ଆସିଥିବା ସ୍ତ୍ରୀଲୋକଟିକୁ କହିଥାଏ –

"କାଇକେ ନାଇ କଲୁସନି
ମାଇଜିର ସୁଖକେ ଅଣ୍ଡରାର ଠାନେ
ମନର କଥା ନଜାଣୁ କାଇକେ ନନି ।"

ଯାହାର ଅର୍ଥ – ତୋ ମନର ମଣିଷର ମନ ତୋ ଦେହରେ ଚିତା ବା ଚିତ୍ରରେ ଥିଲାବେଳେ ତୁ ସ୍ତ୍ରୀ ହୋଇ କେମିତି ତୋ ନିଜ ସ୍ୱାମୀର ମନକଥା ଜାଣିପାରୁନାହିଁ ।

ଯେଉଁ ଆଦିବାସୀ ସ୍ତ୍ରୀଲୋକକୁ ତା ସ୍ୱାମୀ ଛାଡ଼ି ଦେଇ ଅନ୍ୟତ୍ର ବିବାହ କରିଥାଏ ଏବଂ ସ୍ୱାମୀ ଛାଡ଼ିଥିବା ସ୍ତ୍ରୀଲୋକଟି ଯଦି ଅନ୍ୟ କୌଣସି ଲୋକକୁ ବିବାହ କରିନଥାଏ ତାକୁ ଯଦି ଚିତାଲେଖା ବିଶେଷଜ୍ଞା ସ୍ତ୍ରୀ ଲୋକଟି ଆସି ଅନ୍ୟମାନଙ୍କ ଦେହରେ ଚିତା ଲେଖଉଥିବା ଅବସରରେ ସେ କହିଥାଏ–

"ବାନା ଗଦେଇନି କି ଗଦେଇବି ନାଇ
ଯାରଲାଗ୍ ବାନାଗଦେଇହେଡି
ସେତ ନାଏ, ମୋରଲାଗେ ।" (ପରଜା ଲୋକଗୀତ)

ଯାହାର ଅର୍ଥ – ମୁଁ ଚିତାକୁଟେଇନି କୁଟେଇବି ନାହିଁ ମୋ ଦେହରେ
ଯାହାଲାଗି ଚିତା କୁଟେଇ ଥାନ୍ତି ସେତ ନାହିଁ ମୋ ପାଖରେ ।

ଉପରୋକ୍ତ ଲୋକଗୀତଗୁଡ଼ିକରୁ ପ୍ରମାଣିତ ହୁଏ ଯେ ଏଇ 'ବାଗାଗୁଦା' ବା ଚିତ୍ରା କୁଟେଇବା ଲୋକ କଳାଟି ମୁଖ୍ୟତଃ ଆଦିବାସୀ ସ୍ତ୍ରୀମାନଙ୍କ ଦେହରେ ସୌନ୍ଦର୍ଯ୍ୟ ବର୍ଦ୍ଧନ ପାଇଁ ଏକ ପ୍ରକାର ପ୍ରସାଧାନ କାର୍ଯ୍ୟ ବା ଶୃଙ୍ଗାର ଚର୍ଯ୍ୟାର ଅନ୍ତର୍ଭୁକ୍ତ ଏକ ଲୋକ କଳା । ନାରୀ ହେଉକି ପୁରୁଷ, ପ୍ରତ୍ୟେକ ଭିତରେ କିଛି ମାତ୍ରାରେ ସୌନ୍ଦର୍ଯ୍ୟ ପିପାସା ରହିଥିବା ବେଳେ ପୁରୁଷଠାରୁ ନାରୀ ଯେ ଅଧିକ ସୌନ୍ଦର୍ଯ୍ୟ ପିପାସୁ, ଏ କଥା ତାର ଅଙ୍ଗ ଆଭରଣ ବା ପ୍ରସାଧନ ପ୍ରକ୍ରିୟାରୁ ଜଣାଯାଇଥାଏ । ନାରୀଟିଏ ଆଦିବାସୀ, ହରିଜନ ବା ସାଧାରଣ ବର୍ଗର ହୋଇଥାଉ ବା ଧନୀ ନିର୍ଦ୍ଧନ, ସୁନ୍ଦର, ଅସୁନ୍ଦର ଯାହା ବି ହେଉ, ଯିଏ ବି ହେଉ ସେ ବାହ୍ୟ ବସ୍ତୁକୁ ସୌନ୍ଦର୍ଯ୍ୟ ବିମଣ୍ଡିତ ଭାବେ ଦେଖିବାରେ ଯେତିକି ଆଗ୍ରହ ରଖେ, ତା'ଠାରୁ ଢ଼େର ବେଶୀ ଆଗ୍ରହ ପ୍ରକାଶ କରିଥାଏ ନିଜ

ଶରୀରର ସୌନ୍ଦର୍ଯ୍ୟ ବର୍ଦ୍ଧନ ନିମନ୍ତେ । କାରଣ ଏଇଥିରେ ଥାଏ ପ୍ରେମର ନିମଜ୍ଜିତ ଆତ୍ମା, ଥାଏ ବି ନିଜ ଭିତରର ଉଲ୍ଲାସପଣକୁ ଲୋଡ଼ି ପାଇବାର ଏକ ବ୍ୟାକୁଳତା । ନାରୀ ଶରୀରର ସୌନ୍ଦର୍ଯ୍ୟ ବିମଣ୍ଡିତ ଅଂଶ ବା ଚିତ୍ରିତ ରୂପ ଯେ ନାରୀ ଓ ପୁରୁଷ ଭିତରେ ଯୌନ ଆବେଗ ସୃଷ୍ଟିରେ ସହାୟକ ହୋଇଥାଏ ଏକଥା ଆମେ ଜାଣିବାକୁ ପାଇଥାଉ ପଟାଙ୍ଗି ଅ ଳର କଂଧ ଲୋକଗୀତର ଏଇ ନିମ୍ନୋକ୍ତ ପଂକ୍ତିରୁ । କନ୍ଧ ଯୁବକଟିଏ ନିଜକୁ ସୁନ୍ଦର ଭାବରେ ସଜେଇଥିବା କନ୍ଧ ଯୁବତୀଟିକୁ ଦେଖି ଗାଇଥାଏ –

"ଜୀଉଁ ଉରୁ ଇସେ ନାଙ୍ଗେ ମେହେନା
ନେଞ୍ଜୁନା ରେହା ଦିନା
ଏକି ଏଙ୍ଗନା ଇମ୍ବା
ଆନାଡ଼ିକି ବାସାଇ ମାଞ୍ଜିଲା
ନାଇ ଜିଦାବାନା
ନିସେଲ ରେହା ଆଜାମାଇ
ନିଯାଃହାତା ଜେଡ଼ା ଆ । ସାଞ୍ଜାଇ ।" (ପଟାଙ୍ଗି ଅ ଳର – କନ୍ଧ ଲୋକଗୀତ)

ଯାହାର ଅର୍ଥ – ହେ ପ୍ରିୟତମ: ଆଜି ଆମ ପାଇଁ ଖୁସିର ଦିନଟିଏ ଆସିଛି । ତୁମେ ଆଜି ଜୁଡ଼ାବାନ୍ଧି, ଫୁଲ ପିନ୍ଧି ଓ ନିଜ ଦେହକୁ ଚିତ୍ର ବିଚିତ୍ର ସଜେଇ ହୋଇ ଖୁବ୍ ସୁନ୍ଦର ଦିଶୁଛ । ଆସ ଆମେ ଆଖିରେ ଆଖି ମିଶେଇ ହଲି ଝୁଲି ନାଚିବା । ଗୀତଟିର ଯୌନ ଆବେଗ ତଥା ଶୃଙ୍ଗାର ଚେତନାରେ ଯେଉଁ ଭାବ ପ୍ରକାଶ ପାଇଛି, ତା ମୂଳରେ ରହିଛି ଆଦିବାସୀ ରମଣୀଟିର ଅଙ୍ଗ ସଜ୍ଜାର ତୀବ୍ର ଆକର୍ଷଣ ଏକଥାକୁ କୌଣସିମତେ ଅସ୍ୱୀକାର କରାଯାଇ ପାରିବି ନାହିଁ ।

'ବାନାଗୁଦା' ବା ଚିତାକୁଟା ଆଦିବାସୀ ସମାଜର ଏକ ଆକର୍ଷଣୀୟ ଲୋକକଳା ହୋଇଥିଲେ ବି ଏଥି ସହିତ ସୌନ୍ଦର୍ଯ୍ୟ ଚେତନା, ପ୍ରେମ ପ୍ରଣୟର ଯେମିତି ସଂପର୍କ ରହିଛି ସେମିତି ଧର୍ମୀୟ ବିଶ୍ୱାସ ଓ ଭାବଧାରା ଜଡ଼ିତ ରହି ଏହାକୁ ସମାଜର ସବୁସ୍ତରରେ ଆଦୃତ କରିପାରିଛି । ଏହା ସର୍ବଜନାଦୃତ ଏକ ସୁନ୍ଦର ଲୋକକଳା ହୋଇଥିଲେ ବି କେହି କେହି ଆଲୋଚକ ମତ ଦେଇଥାନ୍ତି ସ୍ତ୍ରୀଲୋକମାନେ ନିଜର ସୁନ୍ଦର ଶରୀରକୁ ଏହି ଚିତ୍ରଦ୍ୱାରା ବିକୃତ କରି ମଧ୍ୟଯୁଗରେ କାମାଶକ୍ତ ପୁରୁଷ, ରାଜା, ମହାରାଜା, ଜମିଦାର ଶ୍ରେଣୀର ଲୋକଙ୍କଠାରୁ ନିଜ ଦେହ ଓ ମୁହଁର ସୌନ୍ଦର୍ଯ୍ୟକୁ ଅନାକର୍ଷଣୀୟ କରିଥାନ୍ତି । ଅବଶ୍ୟ ଏକଥାର ସତ୍ୟତା ଥାଉକି ନଥାଉ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଆଦିବାସୀ ସ୍ତ୍ରୀମାନଙ୍କ ସ୍ୱାସ୍ଥ୍ୟରକ୍ଷା ସହିତ ଜଡ଼ିତ ଧର୍ମୀୟ ବିଶ୍ୱାସଠୁ ଏହା ଆଦୌ ଦୂରରେ ରହିପାରିନି । ଏହି ଲୋକକଳା ସହିତ ଆଦିବାସୀର ଯୌନ ଚେତନା ଯେମିତି ଜଡ଼ିତ ସେମିତି ଜଡ଼ିତ ହୋଇ ରହିଛି ସେମାନଙ୍କ ଲୋକ ବିଶ୍ୱାସ । ଅନ୍ୟପକ୍ଷେ ଏହି ଲୋକକଳାଟି ସେମାନଙ୍କ ଲୋକ ସାହିତ୍ୟର ଏକ ଅବିଚ୍ଛିନ୍ନ ଅଙ୍ଗ କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ । ଏହି କଳା ସଂପ୍ରତି ଏହି ଆଦିବାସୀ ମୂଳକରୁ ଯାଇ ଓଡ଼ିଶା ବାହାରେ ଦେଶ ବିଦେଶରେ ବେଶ୍ ଆଦୃତି ଲାଭ କରିବାରେ ଲାଗିଲାଣି । ସଭ୍ୟ ସମାଜର ଲୋକେ ନିଜକୁ ଚିତାରେ ସଜେଇବାକୁ ଅଧିକ ପସନ୍ଦ କରୁଥିବା ବେଳେ ଆମ ସମାଜର ସଭ୍ୟ ଶିକ୍ଷିତ ଲୋକେ ଏ ପ୍ରକାର ଚିତା କୁଟାକୁ ପସନ୍ଦ କରୁନଥିବା ଦେଖାଯାଉଛି । ହେଲେ ହେଁ ଏ ପ୍ରକାର ଚିତା କୁଟେଇବା ଦେହ ପାଇଁ

ଆକୁପ୍ରେସର ଦୃଷ୍ଟିରୁ ବିଚାର କଲେ ଦେଖାଯାଏ ଆଦିବାସୀମାନେ ନିରକ୍ଷର ତଥା ପଛୁଆ ମଣିଷ ହୋଇ ବି ନିଜର ମାନସିକ ସନ୍ତୁଷ୍ଟି ତଥା ସ୍ୱାସ୍ଥ୍ୟକୁ ଦୀର୍ଘ ନିରାମୟ ରଖିବା ପାଇଁ ପ୍ରକୃତିର ଯେଉଁ ସବୁ ତଥ୍ୟ ଓ ସତ୍ୟକୁ ନିଜ ପାଇଁ ଆପଣେଇ ନେଇ ନୃତ୍ୟ ସଂଗୀତ ଓ ଚିତ୍ର କଳା ମାଧ୍ୟମରେ ନିଜକୁ ହଜେଇ ଦେଇ ଅପ୍ରାପ୍ତିର ଦୁଃଖ ପାଶୋରି ଦେଇ ଦୈହିକ ଓ ମନସ୍ତା୍ିକ ଦୃଷ୍ଟିରୁ ଯେଉଁଠି ପହି ପାରିଛନ୍ତି ଆମେ ସେମାନଙ୍କଠୁ ସେ ସବୁ କ୍ଷେତ୍ରରେ କେତେ ପଛରେ ସେସବୁକୁ ଏବେ ତର୍ଜମା କରିବାର ଯଥେଷ୍ଟ ଆବଶ୍ୟକତା ରହିଛି କହିଲେ ଆଦୌ ଅତ୍ୟୁକ୍ତି ହେବ ନାହିଁ ।

ପୂଜାରୀପୁଟ ରୋଡ଼,
କୋରାପୁଟ - ୭୬୪୦୨୦,
ମୋ. ନଂ. - ୯୮୬୧୫୫୩୫୩୯

ଗୀତ ଓ ତଥ୍ୟ ପ୍ରଦାନ :-

୧. ପ୍ରମିଳା କୁମାରୀ ପରଜା, ଗ୍ରାମ - ଜାନୀଗୁଡ଼ା

୨. ନିକୁଞ୍ଜବିହାରୀ ଖରା - ଗ୍ରାମ - ପରଜାଗୁଡ଼ା

୩. କନ୍ଧଗୀତ, ଉଦର ସୀସା (ପଟ୍ଟାଙ୍ଗି)

# ଉ ର ଓଡ଼ିଶାର ଆଦିବାସୀମାନଙ୍କ ଚିତାକୁଟା (Tattooing) ଲୋକସଂସ୍କୃତି

ଡକ୍ଟର ଆଦିକନ୍ଦ ମହାନ୍ତ

ଆଦିବାସୀମାନେ ନିଜର ଆବେଗ, ଉତ୍କଣ୍ଠା, ଅନୁଭୂତି, ଆଶା, ଆକାଂକ୍ଷା, ହର୍ଷ, ବିଷାଦ, ଖେଳ, ଅନୁଶୋଚନା, ଆଦିକୁ ନିଜ ନିଜର ସାଂସ୍କୃତିକ ଅନୁଷ୍ଠାନ ତଥା ଲୋକକଳା ମାଧମରେ ପ୍ରକାଶ କରଥାଆନ୍ତି । ମଣିଷର ପ୍ରକୃତି ହେଉଛି ନିଜ ଶରୀର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ତଥା ନିଜକୁ ଅନ୍ୟ ଆଗରେ ନୂତନ ଢ଼ଙ୍ଗରେ ପ୍ରଦର୍ଶନ ପାଇଁ ବିଭିନ୍ନ ଅଳଙ୍କାର ବ୍ୟବହାର କରେ, ପୋଷାକ ପରିଛଦ ପିନ୍ଧେ । ପ୍ରସାଧନ ସାମଗ୍ରୀ ବ୍ୟବହାର କରେ ତଥା ଶରୀରକୁ ବିଭିନ୍ନ ଭାବରେ ଚିତ୍ର ବିଚିତ୍ର ବି କରିଥାଏ । ହେଲେ ଆଦିବାସୀମାନେ ନିଜ ନିଜ ଶରୀରକୁ ଚିତ୍ର ବିଚିତ୍ର କରିବା ମୂଳରେ କେତେକ ଲୋକ ବିଶ୍ୱାସ ତାଙ୍କର ଥିବାର ଲକ୍ଷ୍ୟ କରାଯାଇଥାଏ । ଏଇ ଲୋକ ବିଶ୍ୱାସ ତାଙ୍କ ଚିତାକୁଟା ଚଳଣି ବା ଚିତାକୁଟା ସଂସ୍କୃତିର ଜନ୍ମଦାତ୍ରୀ ।

ଉ ର ଓଡ଼ିଶାରେ ଚିତାକୁଟା()କୁ ଖଦା ନେବା ବା ଉଲ୍‌ଖି କୁଟାଇବା କୁହାଯାଏ । ଏ ସଂପର୍କରେ ଲୋକ ବିଶ୍ୱାସ ରହିଛି ଯେ ମାତୃଗର୍ଭରୁ ମଣିଷ ସନ୍ତାନ ଏ ମାୟା ପୃଥିବୀରେ ଦୁଃଖ ଜଞ୍ଜାଳ ସହିବାକୁ ଆସିବାପାଇଁ ମଙ୍ଗେ ନାହିଁ । ତେଣୁ ବୁଢ଼ା ବାବା ବା ବୁଢ଼ା ଭଗବାନ ଆଦିପିତା ମାରାଂବୁରୁ ତାଙ୍କୁ ମାତୃଗର୍ଭରେ ତତଲା ଚେଙ୍କ ଦିଅନ୍ତି ଏବଂ ପୃଥିବୀକୁ ଆସିବାକୁ ପ୍ରେରିତ କରନ୍ତି । ଯିଏ ଯେତେ 'ଜନମ ଖଦା' ନେଇ ଜନ୍ମିଥାଏ ଠିକ୍ ସେହିପରି ପୃଥିବୀରେ ଭଲ ମନ୍ଦ କାମ ସବୁର ଚିହ୍ନ ମୃତ୍ୟୁ ପରେ ଫେରିଗଲେ ଯମ ହିସାବ ମାଗେ । ସେତ ପୃଥିବୀରେ ଭଲ କାମ କରିବାର ପ୍ରତିଶ୍ରୁତି ଦେଇ ଆସିଛି ବୁଢ଼ା ବାବାଙ୍କୁ ତେଣୁ ସେ ଚିତାକୁଟା ସନ୍ତକ ନେଇ ପୃଥିବୀରୁ ଫେରିଯାଏ । ଆଉ ଭଲକାମରେ ହିସାବ ଯମକୁ ଦିଏ । ତେଣୁ ଏ ଅ ଳରେ ପ୍ରବାଦ ରହିଛି - "ଘସି ହେଉଥା ମାଜି ହେଉଥା ଛିଡ଼ି ଯାଉ ତୋ ଚମ ଖଦ୍ୟ ଚିହ୍ନ କି ମିଟେଇ ଯିବ ଦେଖିବ ତାକୁ ଯମ" ।

**ଖଦା ଚିହ୍ନ କି ମିଟେଇ ଯିବ ଦେଖିବ ତାକୁ ଯମ:**

ଏଇ ଲୋକ ବିଶ୍ୱାସ ଆଧାରରେ ଜୀବନର ବିଭିନ୍ନ ଅବସ୍ଥାରେ ଭିନ୍ନ ଭିନ୍ନ କାରଣ ସକାଶେ ଅନେକ ପ୍ରକାର ଖଦା ବିଭିନ୍ନ ନାମରେ ଆଦିବାସୀ ଜନତା ଶରୀରର ଅନେକ ଅଂଶରେ ଚିତ୍ରିତ କରିଥାଆନ୍ତି । ନିମ୍ନରେ ସେ ସବୁର ବର୍ଣ୍ଣନା ସଂକ୍ଷେପରେ ଦିଆଗଲା ।

**୧. ସିଁକା ଖଦା :**

ମାଆର ବାରମ୍ବାର ପିଲା ଜନ୍ମ ପରେ ମୃତ୍ୟୁବରଣ କରୁଥିଲେ ତାର ପ୍ରତିକାର ସକାଶେ ଯମ ନଜରରୁ ପିଲାକୁ ବ ।ଇବା ସକାଶେ ପିଲାର ବାମ ହାତମଣି ବନ୍ଧ କିମ୍ବା କହୁଣୀ ଉପରେ ଏକ ଘିଅ ବଳିତା ଗୁଡ଼ାଇ ସେଥିରେ ନିଆଁ ଲଗାଇ ଦିଆଯାଏ । ଆସ୍ତେ ଆସ୍ତେ ତାହା ପୋଡ଼ି ମାଂସକୁ ସିଝାଇ ଦିଏ ଓ ଏକ ଗୋଲ ପୋଡ଼ା ଚିହ୍ନ ଜୀବନ ଯାକ ରହିଯାଏ । ଏହାକୁ ସିଁକା ଖଦା କୁହାଯାଏ ।

**୨. କଦମ୍ ଖଦା :**

ଗୋଡ଼ ହାତର ବାତ ରୋଗ, ମଚକ ଓ ଜଖମ ଆଦି ପୀଡ଼ା ଉପଶମ ସକାଶେ ଔଷଧୀୟ ପ୍ରତିକ୍ରିୟା ସ୍ୱରୂପ ଏ ପ୍ରକାର ଖଦା ନିଆଯାଇଥାଏ ।

ଡାହାଣ ହାତର ବଳ ଗଣ୍ଠି କ୍ଷେତ୍ର ବିଶେଷରେ ବାହୁ ତଳି ପାଦର ଉପର ଅଂଶ ଓ ଜଙ୍ଘ ଦେଶରେ କଦମ୍ବ ଫୁଲ ଆକୃତିର ଚିତା କଟାଇବାକୁ କଦମ୍ ଖଦା କୁହାଯାଏ ।

ମୋରଡ଼ା ବ୍ଲକ୍‌ସ୍ଥ ମୟୂରଭଞ୍ଜର ଚିତାକୁଟ ଶିଳ୍ପୀ ଯଶୋଦା ନାୟକ (ଯଶୁବୁଢ଼ୀ) ବୟସ ୮୦/୮୫ ଦୃଢ଼ତାର ସହ କହନ୍ତି ସେ ତାଙ୍କ ଜୀବନକାଳ ଭିତରେ ସହସ୍ରାଧିକ ବାତ ରୋଗୀଙ୍କୁ ଏଇ ଚିତାକୁଟା ପଦ୍ଧତିରେ ରୋଗରୁ ମୁକ୍ତ କରି ଉପଶମ ପ୍ରଦାନ କରିଛନ୍ତି ।

ଏ ଲେଖକ ଯଶୁ ବଢ଼ୀ ସହ ଆଲୋଚନା ସମୟରେ ସେ ପ୍ରକାଶ କରିଛନ୍ତି ଯେ ବାତରୋଗୀଙ୍କୁ କଦମ୍ ଖଦା ଚିତ୍ରିତ କରିବା ସମୟରେ ସେ କେତେକ ଚେରମୂଳୀ ଔଷଧ ମଧ ଖଦା ପାଇଁ ବ୍ୟବହୃତ ଛୁ୍ ମାଧମରେ ଦେହରେ ପ୍ରୟୋଗ କରିଥାଆନ୍ତି । ବୁଢ଼ୀ ଏ ସଂପର୍କରେ ଲୋକ ଗୀତରେ କହନ୍ତି -

ବାତ୍ ଝାଡ଼େ କଦମ୍ ଖଦା

ଖଦା ସୁଏର୍ ଦହାୟ ସଦା ।

ଅର୍ଥାତ୍ କଦମ୍ ଖଦା ବାତ ରୋଗ ଭଲ କରିବା ମୂଳରେ ଚିତାକୁଟା ଛୁ୍ (ଖଦା ସଏର୍)ର କରାମତି କାମ କରେ । ଚିକିତ୍ସା ଶାସ୍ତ୍ରର ଆକୁପଙ୍କ୍‌ଚର ପଦ୍ଧତି ଏ କ୍ଷେତ୍ରରେ ମନକୁ ଆସେ । ଆଜିର ଉନ୍ନତ ଏଇ ଚିକିତ୍ସା ଶାସ୍ତ୍ର ଛୁ୍ ସାହାଯ୍ୟରେ ରୋଗ ଭଲ କରୁଥିବା କଥା ଆଦିବାସୀମାନେ ଯେ ତାଙ୍କ ଲୋକକଳା ଭିତରେ ପ୍ରୟୋଗ କରୁଥିଲେ ଏହା ଅନୁମାନ କରିବା ଅପ୍ରାସଙ୍ଗିକ ହେବ ନାହିଁ ।

**୩. ଫୁଲ ଖଦା :-**

ବିଭିନ୍ନ ପ୍ରକାର ଫୁଲର ଚିତ୍ର ଶରୀରର ବିଭିନ୍ନ ଅଂଶରେ ଚିତା କୁଟାଇବାକୁ ଫୁଲ୍ ଖଦା କୁହାଯାଏ ।

ମୟୂରଭଞ୍ଜ ତଥା ଉ  ର ଓଡ଼ିଶାରେ ବିଭିନ୍ନ ମୌଳିକ ସଂସ୍କୃତି ସଂପନ୍ନ କୃଷକ ଜାତି (ହଲ୍) ଏବଂ କୃଷି ସହାୟକ ଜାତି (ମିତାନ୍) ଏକତ୍ର ମିଳିମିଶି ଚଳନ୍ତି । ତେଣୁ ଏଠାକାର ସଂସ୍କୃତିକୁ ନୃତ ୍ବିଦ୍‌ମାନେ ହଲ୍-ମିତାନ୍ ସଂସ୍କୃତି ବୋଲି କହନ୍ତି । ଏମାନଙ୍କ ଭାଇଚରା ଭାବ ଅତି ନିବିଡ଼ ।

ଏ ସଂସ୍କୃତିର କୃଷି ନବ ବର୍ଷ 'ମକର ପର୍ବ' ଅବସରରେ ଏକ ବିଶେଷ ସଂଗାତ ମୈତ୍ର ହେବାର ଅନୁଷ୍ଠାନ ପବିତ୍ର ଭାବେ ମକର ଚଉଳ ତଥା ମହାପ୍ରସାଦ ବଦଳ ମାଧମରେ ସଂପନ୍ନ ହୁଏ । ଏ ଅନୁଷ୍ଠାନର ନାମ ଫୁଲ୍‌ପାଣି' ଉତ୍ସବ । ଦୁଇ ଜଣଙ୍କ ଭିତରେ ମୈତ୍ରଭାବ ସକାଶେ ପରସ୍ପର ସଂପର୍କିତ ହେବା ପାଇଁ ଉଭୟେ ନିଜ ନିଜ ଶରୀରର ଏକ ନିର୍ଦ୍ଦିଷ୍ଟ ଅଙ୍ଗରେ ସମାନ ପ୍ରକାର ଫୁଲ ଚିତ୍ର ଚିତାକୁଟାଇ ଥାଆନ୍ତି । ଫଳରେ ଦୁହେଁ ଦୁହିଁଙ୍କ ସଙ୍ଗାତ ବା ମିତ ବୋଲି ଜୀବନ ଯାକ ତାଙ୍କ ଦୁହିଁଙ୍କ ସଙ୍ଗାତ ବା ମିତ ବୋଲି ଜୀବନ ଯାକ ତାଙ୍କ ସ୍ମୃତି ରହେ । ମହିଳାମାନେ ବେକ ତଳର ଛାତି ହାଡ ବା (ହାଁସ୍‌ଲି ହାଡ) ଉପରେ ଏହା କୁଟାଉଥିବା ବେଳେ ପୁରୁଷ ମିତ୍ରମାନେ ପିଠିର ପଞ୍ଜରା ହାଡ଼ରେ ଏକ ଚିତ୍ର ବେଶିଭାଗ କରାଇଥାଆନ୍ତି ।

ଫୁଲ ଖଦା ଦୁଇ ପ୍ରକାରର ହୋଇଥାଏ ।

(୧) ଏକ୍ ଫୁଲ୍ ଖଦା ବା ଗୋଟିଏ ଫୁଲ ଚିତ୍ର

(୨) ହାର୍ ଫୁଲ୍ ଖଦା ବା ଫୁଲ ହାର ଚିତ୍ର

**୪) ଝୁଁଟି ଖଦା ବା ଆଲ୍‌ପନା ଖଦା**

ଝୋଟି ବା ପୂଜା ବ୍ରତ ପାଇଁ ଅଙ୍କିତ ଆଲ୍‌ପନା ଚିତ୍ର ଆକୃତିର ଚିତ୍ର ଚିତାକୁଟାଇବାକୁ ଆଲ୍‌ପନା ବା ଝୁଁଟି ଖଦା କୁହାଯାଏ ।

ଲକ୍ଷ୍ମୀ, ସରସ୍ୱତୀ ତଥା ଲୌକିକ ଦେବଦେବୀ ଶରଣ ନେଇ ତାଙ୍କ ଉଦ୍ଦେଶ୍ୟରେ ଏ ଖଦା ନିଆ ହେଲେ ତାକୁ ଠାକୁର୍ ଝୁଁଟି ଖଦା କୁହାଯାଏ । ଆଉ ଖଦା ସହ ଉକ୍ତ ଦେବଦେବୀଙ୍କ ପ୍ରତୀକ ବି ଚିତ୍ରିତ ହୋଇଥାଏ । ଏହା ସବୁବେଳେ ଦକ୍ଷିଣ ହସ୍ତରେ ନିଆଯାଏ । ବାମ ହସ୍ତ ଶୌଚକର୍ମ କରୁଥିବାରୁ ଏ ହାତରେ ଏହ କୁଟାଇବା ନିଷିଦ୍ଧ ।

ତେବେ ସୌଖୀନ ଭାବେ ଯଦି କେହି ବାମ ହାତରେ ଏହା କୁଟାଇଥାଏ ତାକୁ ସାଦା ଝୁଁଟି ଖଦା କୁହାଯାଇଥାଏ । ହେଲେ ସାଦା ଝୁଁଟି ଖଦା ଉଭୟ ହାତର ଏହା ନିର୍ଦ୍ଦିଷ୍ଟ ଅଂଶରେ ହିଁ ନିଆଯାଇଥାଏ ।

**୫. ପତ୍‌ନୀ ଖଦା :**

ଫୁଲ ଉପରେ ପ୍ରଜାପତିର ଚିତ୍ର ଥିବା ଚିତାକୁଟାକୁ ପତ୍‌ନୀ ଖଦା କୁହାଯାଏ । ବିବରା, ବିପତ୍ନୀକ ସ୍ତ୍ରୀ ପୁରୁଷ ଜୀବନ ସଙ୍ଗୀ ସନ୍ଧାନରେ ଏ ପ୍ରକାର ଖଦା ନେଇ ଥାଆନ୍ତି । ଏହା ଶରୀରର ଦୃଶ୍ୟମାନ ଅଙ୍ଗରେ ନିଆଯାଇଥାଏ ।

**୬. ଖେଜୁର୍ ଖଦା :**

ଖେଜୁରୀ ଗଛର ଚିତ୍ର ତଥା ଖେଜୁରୀ ପେନ୍ଥା ଚିତ୍ର ବିଶିଷ୍ଟ ଉଭୟ ପ୍ରକାର ଖଦାର ନାମ ଖେଜୁର୍ ଖଦା । ଏହା ଦୁଇ ହାତରେ ନିର୍ଦ୍ଦିଷ୍ଟ ମାନସିକ ପୂରଣ ପାଇଁ ନିଆଯାଇଥାଏ । ବିଶେଷତଃ ଭୈରବ ସନ୍ତୁଷ୍ଟି ମାଧମରେ ରୋଗ ବଇରାଗରୁ ମୁକ୍ତ ତଥା ପୁତ୍ର ସନ୍ତାନଦି କାମନା ପୂ ୍ଣ ସକାଶେ ଦେବଦେବୀଙ୍କ ମାନସିକ ଉପଲକ୍ଷେ ଏହା ନିଆଯାଏ । ଶରୀରର ଅନ୍ୟ ଅଂଶରେ ବି ଉଭୟ ହାତରେ ଅନ୍ୟ ଖଦା ଚିତ୍ରଥିଲେ ଏହା ନିଆଯାଇଥାଏ ।

**୭. ପଇଁଜମ୍ ଖଦା :**

ତଳ ଗୋଡ଼ରେ ପଇଁଜମ୍ (ପାଉଁଜି) ଅଳଙ୍କାର ଆକୃତିର ଚିତ୍ର ଚିତାକୁଟାର ନାମ ପଇଁଜମ୍ ଖଦା । ବିଶେଷତଃ ବିଧବା ସ୍ତ୍ରୀମାନେ ଏହା ବେଶି ଭାଗ କୁଟାଇ ଥାଆନ୍ତି । ଅବଶ୍ୟ ସଧବା ସ୍ତ୍ରୀମାନେ ଯେ କୁଟାଇବା ମନା ପ୍ରକାର ବନ୍ଧନ କିଛି ନାହିଁ । ଏହା ସୌଖୀନଭାବେ ନାରୀମାନେ କୁଟାନ୍ତି । ଏ ସଂପର୍କରେ ସେପରି କୌଣସି ଲୋକ ବିଶ୍ୱାସ ବା ଲୋକଭାବନା ଥିବାର ଜଣାଯାଏ ନାହିଁ ।

**୮. ବାଜୁ ଖାଦ :**

ବାହୁର ଅଳଙ୍କାର ବାଜୁ ଚିତ୍ର ବାହୁରେ ଚିତା କୁଟାଇବାର ନାମ ବାଜୁ ଖଦା । ଏହା ସୌଖୀନ ଭାବେ ନାରୀମାନେ କୁଟାଇ ଥାଆନ୍ତି ।

**୯. ଛବି ଖଦା :**

ଲୌକିକ ଦେବ ଦେବୀ, ଆ ଳିକ ନାୟକ ନାୟିକା (Local Hero),କାଳ୍ପନିକ ଯକ୍ଷ, କିନ୍ନର, ଯୁଗନୀ, ପ୍ରେତ ଆଦି ଚିତ୍ର ଚିତାକୁଟାଇବାର ନାମ ଛବି ଖଦା । ଏହା ମଧ ସୌଖୀନ ଖଦା । ନାରୀ ପୁରୁଷ ନିଜ ଇଚ୍ଛାରେ ଶରୀରର ଯେ କୌଣସି ଅଂଶରେ ଏହା କୁଟାଇ ଥାଆନ୍ତି ।

ଖଦା ଦେବା ବା ଚିତ୍ କୁଟାଇବା କାମ ଆଇ ଜେଜୀ ତଥା କେଳାଜାତିର ସ୍ତ୍ରୀ ଲୋକ କୌଳିକ ବୃତ୍ତି ଭାବେ କରିଥାଆନ୍ତି । କୌଳିକ ବୃତ୍ତି ଭାବେ ଚିତା କୁଟାଉଥିବା ସ୍ତ୍ରୀ ଲୋକଙ୍କୁ ଖଦ୍‌ନୀ ମାଯାଁ ବା 'ଖଦନୀ' କୁହାଯାଏ । ଏମାନେ 'ଜହ୍ନମାମୁଁ' ପରି ସବୁ ବର୍ଗର ଲୋକଙ୍କ ଆଇ । ଏମାନେ ଗୀତ ଗାଇ ଗାଇ ଚିତା କୁଟାନ୍ତି । ଲୋକେ ଏ ସବୁକୁ ଚିତାକୁଟା ମନ୍ତ୍ର ବା ଖଦା ମନ୍ତ୍ର କହୁଥିଲେ ହେଁ ଏହା ସବୁ ଅଞ୍ଚଳର ଆଞ୍ଚଳିକ ଗୀତ ହିଁ ସେମାନେ ବୋଲନ୍ତି । ଯେଉଁ ଜାତିର ଆଦିବାସୀଙ୍କୁ ଚିତାକୁଟାନ୍ତି ସେଇ ଜନଗୋଷ୍ଠୀର ଲୋକପ୍ରିୟ ଲୋକ ସଂଗୀତ ଗୁଣୁଗୁଣାଉଥିବାରୁ ଅନ୍ୟ ଜାତିର ଲୋକ ପାଇଁ ଏହା ମନ୍ତ୍ରଗୀତ ପରି ବୋଧ ହୋଇଥାଏ । ଏମାନେ ପ୍ରାୟ ସବୁ ଭାଷାର ଲୋକଗୀତ ଜାଣିଥାଆନ୍ତି ।

ଚିତା କୁଟାଇବା ପାଇଁ ଫମ୍ପା ଛୁଞ୍ଚକୁ ନିଆଁରେ ପୋଡ଼ି ବିଶୋଧନ କରାଯାଏ । ଜଣକୁ ଖଦା ଦେବା ପରେ ତାହା ଅନ୍ୟ ଜଣକ ପାଇଁ ପ୍ରାୟ ବ୍ୟବହୃତ ହୁଏ ନାହିଁ । କୌଳିକ ବୃତ୍ତିଧାରୀ 'ଖଦନୀ' ତେଣୁ ତା' ପେଡ଼ିରେ ବହୁତ ଛୁଞ୍ଚ ନେଇ ଗାଁ ଗାଁ ବୁଲେ ।

ଚିତାକୁଟା ପାଇଁ ବ୍ୟବହୃତ କଳାରଙ୍ଗ ମା'କ୍ଷୀର, ଛେଳିକ୍ଷୀର ତଥା ଖାନ୍ତି ଗୁଆଘିଅ ସହ କଜ୍ଜଳର ପଚ୍ଛଶରେ ପ୍ରସ୍ତୁତ ହୋଇଥାଏ ।

ଶିଶୁମାନଙ୍କୁ ତାଙ୍କ ନିଜ ମା'କ୍ଷୀରରେ ପ୍ରସ୍ତୁତ ଖଦା କଳା ପଚ୍ଛଶରେ ହିଁ ଚିତାକୁଟା ଯାଇଥାଏ ।

ଖଦା ଚିତ୍ର କୁଟାଇବା ପୂର୍ବରୁ ଭେଣ୍ତିରସ ମନ୍ଦାରଫୁଲ ରସରେ ଖଦାର ନମୂନା ନକ୍ସା (Rough Drawing) କରାଯାଇଥାଏ ।

ଧର୍ମ ଦେବତାଙ୍କୁ ସାକ୍ଷୀ ରଖି ଚିତାକୁଟା ଯାଇଥାଏ । ଘା' ଶୁଖିଲେ ଧର୍ମଦେବତା ବୁଢ଼ାବାବା, ବଡ଼ ପାହାଡ଼ (ମୋରାଂବୁରୁ) ଓ ମନସା ମା'ଙ୍କ ମାନସିକ ପରିଶୋଧ ପୂଜା କରାଯାଏ ।

ଖଦା ନେଇଥିବା ବ୍ୟକ୍ତି ଘାଆ ଶୁଖିବା ପର୍ଯ୍ୟନ୍ତ ଉପର ବର୍ଣ୍ଣିତ ଦେବତାଙ୍କ ଉଦ୍ଦେଶ୍ୟରେ ବ୍ରତ ପାଳନ୍ତି । ହବିଷାନ୍ନ ଖାଆନ୍ତି । ଆଇଁଶ ଛୁଅନ୍ତି ନାହିଁ । ଘା'କୁ ପାଣିରେ ଭିଜାନ୍ତି ନାହିଁ ।

'ଖଦନୀ' ସ୍ତ୍ରୀ ଲୋକ ସାତଖଣ୍ଡ ହଳଦୀ ଓ ଲୁଣ ନେଇ ମନ୍ତ୍ର କରିଥାଏ । ମନ୍ତ୍ରିତ ହଳଦୀ ଘୋରି ଘା'ରେଲେପ ଦିଆଯାଏ । ଲୁଣ ଖାଦ୍ୟ ସହିତ ଘା' ଶୁଖିବା ପର୍ଯ୍ୟନ୍ତ ଖଦା ନେଇଥିବା ବ୍ୟକ୍ତି ଖାଇଥାଏ । ବେଳେବେଳେ 'ଖଦନୀ' ଘା ଶୁଖିବା ପାଇଁ ତୁକ୍ ତାକ୍ ମନ୍ତ୍ର ତନ୍ତ୍ରର ମଧ ଆଶ୍ରୟ ନେଇଥାଏ ।

ଆଧୁନିକ ଶିକ୍ଷାର ପ୍ରସାର, ଚିକିତ୍ସା ବିଜ୍ଞାନର ଅଗ୍ରଗତି ଓ ବହୁଳ ପ୍ରଚଳନ ଫଳରେ ଚିତାକୁଟା ବା ଖଦା ନେବା ପରମ୍ପରା ବହୁତ କମି ଯାଇଥିଲେ ବି ଗାଁ ଗହଳିର ଆଦିବାସୀ ଜନତା ଏହାକୁ ସଂପୂର୍ଣ୍ଣ ଛାଡ଼ି ନାହାନ୍ତି । ଆଜି ବି ପାରମ୍ପରିକ ରୀତିରେ ଏ ଲୋକକଳା ବଞ୍ଚ ରହିଛି । ହେଲେ 'ଖଦନୀ'ମାନେ ଆଉ କୌଳିକ ବୃତ୍ତି ଭାବେ ଏହାକୁ ଧରି ରଖି ପରିବାର ଭରଣ ପୋଷଣ କରି ପାରୁ ନଥିବାରୁ ନୂତନ ପୀଢ଼ିର 'ଖଦନୀ' ବାହାରୁ ନ ସକାଶେ ଏ ଲୋକକଳା ମରିହଜି ଯିବାର ସମ୍ଭାବନା ବହୁତ ।

ଚିତ୍ରଡ଼ା, ମୟୂରଭଞ୍ଜ,
ଓଡ଼ିଶା - ୭୫୭୦୧୮

# ଦେଶିଆ କନ୍ଧ ସଂପ୍ରଦାୟର ଚିତାକୁଟା ପରଂପରା : ଏକ ଅନୁଶୀଳନ

ଡକ୍ଟର ରାଜେନ୍ଦ୍ର ପାଢ଼ୀ

ଓଡ଼ିଶାରେ ବାସ କରୁଥିବା ବାଷଠି ପ୍ରକାରର ଆଦିବାସୀ ସଂପ୍ରଦାୟଙ୍କ ମଧ୍ୟରେ କନ୍ଧ ସଂପ୍ରଦାୟଙ୍କ ସଂଖ୍ୟା ସର୍ବାଧିକ । ଆମ ରାଜ୍ୟରେ ଏମାନଙ୍କ ଲୋକ ସଂଖ୍ୟା ୧୧ ଲକ୍ଷରୁ ଅଧିକ । ଏମାନେ ଅବିଭକ୍ତ କୋରପୁଟ, କଳାହାଣ୍ଡି, ବୌଦ୍ଧ କନ୍ଧମାଳ ଓ ବଲାଙ୍ଗୀରରେ ବହୁଳ ସଂଖ୍ୟାରେ ବାସ କରୁଥିବାବେଳେ ସମ୍ବଲପୁର, ଢେଙ୍କାନାଳ, ଗଂଜାମ, ପୁରୀ ଜିଲ୍ଲାରେ ବିକ୍ଷିପ୍ତ ଭାବେ ବାସ କରିଥାନ୍ତି । ପଡ଼ୋଶୀ ଆନ୍ଧ୍ରପ୍ରଦେଶ କନ୍ଧ ସଂପ୍ରଦାୟ ବାସ କରୁଥିବା ଜଣାଯାଏ ଏମାନଙ୍କ ବସତି, ଚଳଣି ଓ ଭୌଗୋଳିକ ଅବସ୍ଥାନ ଭି ିରେ କନ୍ଧ ସଂପ୍ରଦାୟ ମୁଖ୍ୟତଃ କୁଟିଆ, ଡଙ୍ଗରିଆ ଓ ଦେଶିଆ ଭେଦରେ ନାମିତ ହୋଇଥାନ୍ତି । କୁଟିଆ କନ୍ଧମାନେ ମୁଖ୍ୟତଃ କନ୍ଧମାଳ ଜିଲ୍ଲାର ବେଲଘର ଅ ଳରେ, ଡ଼ଙ୍ଗରିଆ କନ୍ଧମାନେ ରାୟଗଡ଼ା ଜିଲ୍ଲାର ନିୟମଗିରି ପାହାଡ଼ ଶୀର୍ଷରେ ଓ ଦେଶିଆ କନ୍ଧମାନେ ଅବିଭକ୍ତ କୋରାପୁଟ ଜିଲ୍ଲାର ସମତଳ ଅ ଳରେ ବସବାସ କରିଆସୁଛନ୍ତି । ଏମାନଙ୍କ ଭାଷା କୁଇ/କୁଭି ଭାଷା, ଯାହାକି ଦ୍ରାବିଡ଼ୀୟ ଭାଷା ପରିବାରର ଅନ୍ତର୍ଭୁକ୍ତ । ଏମାନଙ୍କ ଏକ ସ୍ୱତନ୍ତ୍ର ଚଳଣି, ଧର୍ମବିଶ୍ୱାସ, ନୃତ୍ୟଗୀତ ଓ କଳାତ୍ମକ ଅଭିରୁଚି ପୁରୁଷାନୁକ୍ରମେ ମୌଖିକ ପରଂପରାରେ ଗତିଶୀଳ । ଏମାନଙ୍କ କଳାବିଭବମାନ ସ୍ୱକୀୟ ରୁଚି ଅନୁଯାୟୀ ସାମାଜିକ ପରଂପରା, ରୀତିନୀତି ଓ ସାଂସ୍କୃତିକ ଧାରା ମଧ୍ୟରେ ଲୋକମୁଖରେ ସଂଜୀବିତ । ଆଦିମ ଜନଗୋଷ୍ଠୀର ନୃତ୍ୟଗୀତ, ଚିତ୍ରକଳା ଓ ମୌଖିକ ଲୋକ ପରଂପରା ଏମାନଙ୍କ ଜୀବନର ଅବିଚ୍ଛେଦ୍ୟ ଅଂଗ । ଏମାନଙ୍କ ଦୈନନ୍ଦିନ ଜୀବନସହ ଏମାନଙ୍କ ଜୀବନ ଅବିଚ୍ଛେଦ୍ୟ ଅଂଗ । ଏମାନଙ୍କ ଦୈନନ୍ଦିନ ଜୀବନ ସହ କଳାତ୍ମକ ସୌନ୍ଦର୍ଯ୍ୟର ସଂପର୍କ ଖୀର ଓ ନୀର ପରି ନିବିଡ଼ । ଆଦିବାସୀ ଜନଗୋଷ୍ଠୀ ମୁଖ୍ୟତଃ ସବୁଜ ଅରଣ୍ୟାନୀ, ଢ଼େଉଢ଼େଉକା ପାହାଡ଼ମାଳା ଓ କଳକଳ ନାଦିନୀ ଝରଣା ପରିବେଷ୍ଟିତ ନୈସର୍ଗିକ ସୁଷମା ଭରା ପ୍ରାକୃତିକ ପରିବେଶରେ ବସବାସ କରୁଥିବାରୁ ଏମାନଙ୍କ ଚିତ୍ରକଳା ଓ ଅନ୍ୟାନ୍ୟ ମୌଖିକ କଳା ଅଭିରୁଚିରେ ପ୍ରାକୃତିକ ପରିବେଶୀୟ ଚିତ୍ରଣ ଯଥାର୍ଥ ଭାବେ ପ୍ରତିଫଳିତ ହେବା ସ୍ୱଭାବସିଦ୍ଧ । ପ୍ରସ୍ତୁତ ଆଲେଖ୍ୟରେ ଓଡ଼ିଶାର ପ୍ରମୁଖ ଜନଗୋଷ୍ଠୀ ଏହି କନ୍ଧ ସଂପ୍ରଦାୟଙ୍କ ଦେଶିଆ ଉପଗୋଷ୍ଠୀଙ୍କ ଅନ୍ୟାନ୍ୟ କଳା ବିଭବ ମଧ୍ୟରୁ ଏମାନଙ୍କ ଶରୀରରେ ଖୋଦନ କରାଯାଉଥିବା ଚିତାକୁଟା କଳା ସମ୍ବନ୍ଧରେ କି ୍ତ ଆଲୋକପାତ କରାଯାଉଛି ।

ଅଧିକାଂଶ ଆଦିବାସୀଙ୍କ ଶରୀରର ବିଭିନ୍ନ ସୌନ୍ଦର୍ଯ୍ୟ ପ୍ରସାଧନ ମଧ୍ୟରେ ଚିତାକୁଟା ହେଉଛି ବହୁ ପ୍ରାଚୀନ କଳାସଂପଦ । ଏମାନେ ଉଭୟ ପୁରୁଷ ଓ ସ୍ତ୍ରୀ ଶରୀରର ବିଭିନ୍ନ ଅଂଗରେ ଚିତାକୁଟାଇବାକୁ ପସନ୍ଦ କରିଥାନ୍ତି । କିନ୍ତୁ, ପୁରୁଷମାନଙ୍କ ଅପେକ୍ଷା ଅଧିକାଂଶ ମହିଳା ନିଜ ନିଟୋଳ ଓ ବଳିଷ୍ଠ ଶରୀରକୁ କ୍ଷତାକ୍ତ କରି ଚିତାକୁଟାଇବାରେ କୁଣ୍ଠାବୋଧ କରିନଥାନ୍ତି । ଚିତାକୁଟା ଏକ କଷ୍ଟସାଧ୍ୟ ଓ ଯନ୍ତ୍ରଣାଦାୟକ କାର୍ଯ୍ୟ ହୋଇଥିଲେ ହେଁ ଏମାନେ ଶରୀରର ବିଭିନ୍ନ ଅଂଗରେ ଚିତାକୁଟାଇ ନିଜ ସୌନ୍ଦର୍ଯ୍ୟବୋଧ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଧର୍ମ ଅର୍ଜନ କରିବା ଲକ୍ଷ୍ୟରେ ଏହି ପରଂପରାକୁ ବହୁ ପ୍ରାଚୀନ କାଳରୁ ବଜାୟ ରଖି ଆସିଛନ୍ତି ।

ଚିତାକୁଟାଇବା ଉଦ୍ଦେଶ୍ୟ : କନ୍ଧ ସଂପ୍ରଦାୟଙ୍କ ସମେତ ଅନ୍ୟାନ୍ୟ ଆଦିବାସୀ ସଂପ୍ରଦାୟ ନିଜ ଶରୀରରେ ଚିତାକୁଟାଇବାର ଉଦ୍ଦେଶ୍ୟ ସଂପର୍କରେ ବହୁ ତଥ୍ୟ ଶୁଣିବାକୁ ମିଳିଥାଏ । ଅନୁଧ୍ୟାନରୁ ଜଣାଯାଏ ଯେ, ଅତୀତରେ ମୋଗଲ, ମରହଟ୍ଟା ଓ ଇଂରେଜମାନେ ଆଦିବାସୀ ଅ ଳକୁ ଶାସନ କରି ଆସିଥିଲେ । ଏହି ବିଦେଶୀମାନେ ଆଦିବାସୀ ରମଣୀମାନଙ୍କ ଉପରେ ଲୋଲୁପଦୃଷ୍ଟି ପକାଉଥିଲେ । ଏଣୁ ଏମାନଙ୍କ କବଳରୁ ରକ୍ଷା ପାଇବା ନିମନ୍ତେ ବିଭିନ୍ନ ଅଂଗରେ ଚିତାକୁଟାଇ ବିକୃତ କରିବାକୁ ଉଚିତ ମଣୁ ଥିଲେ । ଅନ୍ୟ ଏକ ତଥ୍ୟ ଅନୁଯାୟୀ ଚିତାକୁଟା ଶରୀରର ଏକ ସୌନ୍ଦର୍ଯ୍ୟ ପ୍ରସାଧନ । ଶରୀରର ବିଭିନ୍ନ ଅଂଗରେ ଚିତାକୁଟାଇ ସ୍ଥାୟୀ ସୌନ୍ଦର୍ଯ୍ୟବୃଦ୍ଧି କରିବା ଏକ ପରଂପରା ଭାବେ ମାନ୍ୟତା ଲାଭ କରିଥାଏ । ଏହା ମଧ ଏକ ପ୍ରକାରର ଅଳଙ୍କାର ଭାବେ ମାନ୍ୟତା ଲାଭ କରିଥାଏ । ଏହା ମଧ ଏକ ପ୍ରକାରର ଅଳଙ୍କାର ଭାବେ ପରିଗଣିତ । ଚିତାକୁଟା ସଂପର୍କରେ ତୃତୀୟ ଉଦ୍ଦେଶ୍ୟଟି  ହେଉଛି - ପୂଣ୍ୟ ଅର୍ଜନ ଓ ଯମପୁରକୁ କେବଳ ଚିତାକୁଟା ହିଁ ଯାଇଥାଏ । ଶରୀରରେ ଚିତାକୁଟାଇଥିବା ଚିହ୍ନ ଦେଖି ଯମ ଦଣ୍ଡ ଦେଇଥାନ୍ତି ବୋଲି ଆଦିବାସୀମାନଙ୍କ ଦୃଢ଼ ବିଶ୍ୱାସ ରହିଛି । ଉପରୋକ୍ତ ତିନୋଟି ତଥ୍ୟ ମଧ୍ୟରୁ ପ୍ରଥମ ତଥ୍ୟ ଅପେକ୍ଷା ଅନ୍ୟ ଦୁଇ ତଥ୍ୟ ଅତ୍ୟନ୍ତ ବଳିଷ୍ଠ ଓ ଯୁକ୍ତିନିଷ୍ଠ  । କାରଣ କେତେକ ଆଦିବାସୀ ସଂପ୍ରଦାୟରେ ଉଭୟ ପୁରୁଷ ଓ ମହିଳା ନିଜ ଶରୀରରେ ଚିତାକୁଟାଇଥିବା ଲକ୍ଷ୍ୟ କରାଯାଏ । ସୁତରାଂ, ଆଦିବାସୀମାନେ ବିଭିନ୍ନ ଅଳଙ୍କାର ଅନୁରୂପ ଶରୀରର ବିଭିନ୍ନ ଅଂଗରେ ଚିତାକୁଟାଇ ନିଜର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଯମଦଣ୍ଡରୁ ରକ୍ଷା ପାଇଥାନ୍ତି, ଏହି ଦୁଇ ଉଦ୍ଦେଶ୍ୟ ରଖି ଚିତାକୁଟା ପରଂପରା ପ୍ରଚଳିତ ରହିଛି ବୋଲି ସ୍ୱୀକାର କରାଯାଇପାରେ ।

**ଚିତାକୁଟାଇବା ପଦ୍ଧତି :** ବିଭିନ୍ନ ଆଦିବାସୀ ସଂପ୍ରଦାୟଙ୍କ ଶରୀରରେ ଚିତାକୁଟାଇବା ପଦ୍ଧତିରେ ସାମଞ୍ଜସ୍ୟ ଲକ୍ଷ୍ୟ କରାଯାଏ । ଏମାନେ ସାଧାରଣତଃ ଶରୀରର ବିଭିନ୍ନ ଅଂଗ ଯଥା :- ମୁହଁ, ଗାଲ, କପାଳ, ଛାତି, କହୁଣୀ, ବାହୁ, ଜଙ୍ଘ, ଆଣ୍ଠୁ ପ୍ରଭୃତିରେ ପତ୍ର, ଫୁଲ, ଡ଼ାଳ, ଲତା, କୋଠି, ବିନ୍ଦୁ, ଚିତା, ରେଖାମାନ ଚିତାକୁଟାଇଥାନ୍ତି । କେତେକ ନିଜ ନିଜ ନାମକୁ ମଧ ହାତରେ ଚିତାକୁଟାଇଥିବା ଲକ୍ଷ୍ୟ କରାଯାଏ ।

ଦେଶିଆ କନ୍ଧ ସଂପ୍ରଦାୟରେ ଚିତାକୁଟାକୁ 'ଟିଙ୍କା' ଓ ସ୍ଥାନୀୟ ଦେଶିଆ ଭାଷାରେ 'ବାନାଗୁଦାନି' କହିଥାନ୍ତି । ପୂର୍ବେ ପଡ଼ୋଶୀ ଛତିଶଗଡ଼ର ବସ୍ତର ଅ ଳରୁ ମହିଳାମାନେ ଗାଁ ଗାଁ ବୁଲି ଚିତାକୁଟାଉ ଥିଲେ । ସଂପ୍ରତି କୋରାପୁଟ ଜିଲ୍ଲାର ହରିଜନ ଓ ଲୋହରା ସଂପ୍ରଦାୟର ମହିଳାମାନେ ଏହି କାର୍ଯ୍ୟ କରିବା ଦେଖାଯାଏ । ଏମାନଙ୍କୁ 'ଗୁଗର୍‌ଲିଆ' ଓ 'ଗୁଗର୍‌ନି' କୁହାଯାଏ । ଧାନକୁଟା ଯେପରି ତିନି ପର୍ଯ୍ୟାୟର ସେହିପରି ଚିତାକୁଟା ମଧ ତିନି ପର୍ଯ୍ୟାୟ । ଯଥା: ପ୍ରଥମେ ତିନି / ଚାରୋଟି ମୁନିଆ ଛୁ୍‌କୁ ଏକତ୍ର କରି ବନ୍ଧାଯାଏ । ଚିତାକୁଟାଇବା ଅଂଗରେ କଳା ରଂଗରେ ଚିତ୍ର ଅଙ୍କନ କରାଯାଏ । ତା'ପରେ ଅଙ୍କା ଯାଇଥିବା ଚିହ୍ନ ଉପରେ ଛୁ୍‌କୁ ଫୋଡ଼ାଯାଏ । ଏହାକୁ 'ମୁଣ୍ଡ୍‌ମାର୍‌ନି' କୁହାଯାଏ । ଏଥିରେ ରକ୍ତ ଝରିଥାଏ । ଦ୍ୱିତୀୟ ପର୍ଯ୍ୟାୟରେ ରକ୍ତ ଝରୁଥିବା ସ୍ଥାନରେ ନଡ଼ାକୁ ପୋଡ଼ି ହଳଦି ମିଶାଇ ପ୍ରସ୍ତୁତ ଦ୍ରବଣକୁ ବୋଳି ଦିଆଯାଏ । ଏହାକୁ 'ଦୁସୁରାନି' କୁହାଯାଏ । ତୃତୀୟ ପର୍ଯ୍ୟାୟରେ ଧାନକୁଟାର ଶେଷ ପର୍ଯ୍ୟାୟ ଚାଉଳ କାଣ୍ଡିଲା ଭଳି ପୁନଶ୍ଚ ଛୁ୍‌କୁ ପୂର୍ବରୁ ଚିତାକୁଟା ହୋଇଥିବା ସ୍ଥାନରେ ଫୋଡ଼ାଯାଏ, ଏହାକୁ 'କାଣ୍ଡନି' କୁହାଯାଏ । ଦୁଇ/ତିନି/ଚାରି/ପା  ଧାଡ଼ି ବିନ୍ଦୁ କିମ୍ବା ରେଖାମାନ ଶରୀରର ଚିବୁକ, କପାଳ, ବାହୁ, ବକ୍ଷ, ଗୋଡ଼ରେ କୁଟାଯାଏ । ପୂର୍ବେ ଉପରୋକ୍ତ ଧାଡ଼ିଚିତାମାନ କୁଟାଯାଉଥିଲା । କିନ୍ତୁ, ଏବେ ଚିତାକୁଟାଇବା ଆଗ୍ରହ କ୍ରମଶଃ ହ୍ରାସ ପାଇବା ଫଳରେ କେବଳ ହାତରେ ନିଜ ନାମକୁ ଓ ଦୁଇ ଭୁଲତା ମଧ୍ୟରେ

ବିନ୍ଦୁ /ଚିତା କୁଟାଉଥିବା ଲକ୍ଷ୍ୟ କରାଯାଏ । ଚିତାକୁଟା ସମୟରେ ଯନ୍ତ୍ରଣା ଲାଘବ ନିମନ୍ତେ କେତେକ ଗୀତ ଗାନ କରାଯାଇଥାଏ । ତନ୍ମଧ୍ୟରୁ ଗୋଟିଏ ଗୀତର କିଛି ଅଂଶ ହେଲା :

ବାନାଦେକିଆସାଯେ ବାନାଦେକିଆସା
ଆମର୍‌ଗରେ ଗଗର୍‌ନିଆଡ଼େ
ବାନାଗୁଦିଆସା
ମେନ୍‌ସେସ୍ ବାନାଯେ ଗୋଦିବେଲେ ଦେବା
ହାତେ ଗୁଦିଦେବାଯେ ଗୋଡ଼େ ଗୁଦିଦେବା
ବଡ଼ ମୁଏଁ ଗୁଗର୍‌ନିଯେ ଗାଇ ବାନା ଲୋଡ଼ି
ବଡ଼େ ମୁଏଁ ଗୁଗର୍‌ନିଯେ ପୁଲିମଦ ଲୋଡ଼ି
ଆତି ଗୋଡ଼ା ଲଡ଼ିଯେ ଶଏ ଟାଙ୍କା ଲୋଡ଼ି
ଗଅର ଦେବା ଯେ ବାନାଗୁଦିଆସା
ମାଆଗରେ ବାନାଗୁଦି ହେବା କାଜେ ଆସା
ଗୋଟି ଗୁଦି ବାନାଯେ ଶଏ ଶଏ ମୁଲ
ସଇ ସଂଗାତ ହୋ ବାନାଗୁଦି ଆସା ଇତ୍ୟାଦି ।

ଅର୍ଥାତ୍, ଚିତାକୁଟା ଦେଖିବାକୁ ଆସ । ଆମର ଘରକୁ ଚିତାକୁଟାଇବା ଲୋକ ଆସିଛି । ଚିତାକୁଟାଇବାକୁ ଆସ । ମନ କରିବା ଚିତା/ଚିତ୍ରକୁ କୁଟାଇ ଦେବ । ହାତ, ଗୋଡ଼ ଓ ଅନ୍ୟ ଅଂଗରେ ଚିତାକୁଟାଇ ଦେବ । ବଡ଼ ମୁହିଁ ଚିତାକୁଟୁଣୀ ଯେ, ଗୀତ ଗାଇ ଚିତାକୁଟାଇ ଦେବ । ଚିତାକୁଟାଇବା ପାଇଁ ଖା ିମଦ, ହାତୀ, ଘୋଡ଼ା ଓ ଶହେ ଟଙ୍କା ଲୋଡ଼ା ପଡ଼ିବ । ମାଆ ଘରେ ଚିତାକୁଟାଇବାକୁ ଆସ । ଗୋଟିଏ ଚିତାକୁଟାର ମୂଲ୍ୟ ଶହ ଶହ ଟଙ୍କା । ହେ, ସହି ସଙ୍ଗାତ, ଚିତାକୁଟାଇବାକୁ ଆସ ।

**ଚିତାକୁଟାଇବା ସମୟ :** ସାଧାରଣତଃ ଶୀତ ଋତୁରେ ଚିତାକୁଟାଯାଇଥାଏ । ଏହି ସମୟରେ ଧାନ, ମାଣ୍ଡିଆ ପ୍ରଭୃତି ଶସ୍ୟ ଅମଳ ହୋଇଯାଇଥାଏ । ଲୋକଙ୍କ ପାଖରେ ଶସ୍ୟ ଓ ପଇସା ଥାଏ । ଏହି ସମୟଟି ଆଦିବାସୀ ଗାଁରେ ବିଭିନ୍ନ ପର୍ବପର୍ବାଣୀ ପାଳିତ ହୋଇଥାଏ । ଏତଦ୍‌ବ୍ୟତୀତ ଶୀତ ଦିନେ ଚିତାକୁଟା ଯନ୍ତ୍ରଣା କମ୍ ହୋଇଥାଏ ଓ କ୍ଷତ ମଧ୍ୟ ଶୀଘ୍ର ଶୁଖିଯାଇଥାଏ । ଏହି କାରଣରୁ ଶୀତଋତୁ ହିଁ ଚିତାକୁଟା ନିମନ୍ତେ ପ୍ରକୃଷ୍ଟ ସମୟ ଭାବେ ଚିତାକୁଟାଉଥିବା ଲୋକେ ଗାଁ ଗାଁ ବୁଲି ଚିତାକୁଟାଇ ଧାନ, ଚାଉଳ, ମାଣ୍ଡିଆ, ଲୁଗାପଟା ଓ ଟଙ୍କା ପଇସା ରୋଜଗାର କରିଥାନ୍ତି । ଅତୀତରେ ଅବିବାହିତ ଆଦିବାସୀ କନ୍ୟାମାନେ ଚିତାକୁଟାଇବାକୁ ଏକ ସାମାଜିକ ପରଂପରା ଭାବେ ଗ୍ରହଣ କରୁଥିଲେ । ଏହାକୁ ସୌନ୍ଦର୍ଯ୍ୟର ଏକ ଅଂଶ ଭାବେ ମଧ୍ୟ ଗ୍ରହଣ କରାଯାଇଥିଲା । ସଂପ୍ରତି ଶିକ୍ଷାର ପ୍ରସାର ଓ ଆଧୁନିକ ସଭ୍ୟତାର ପ୍ରଭାବରେ ଅଧିକାଂଶ ଆଦିବାସୀ ସଂପ୍ରଦାୟର ଚିତାକୁଟା ପରଂପରା କ୍ରମଶଃ ଲୋପ ହେବାରେ ଲାଗିଛି । ଶରୀରକୁ ଯନ୍ତ୍ରଣା ଦେଇ ଚିତାକୁଟାଇବା ଏକ ବିକୃତ ପରଂପରା ବୋଲି ଆଜିର ଝିଅମାନେ ଆଉ ଚିତାକୁଟାଇବାକୁ ପସନ୍ଦ କରନ୍ତି ନାହିଁ । ଅତୀତରେ ଅବିବାହିତ କନ୍ୟାମାନେ

(କନ୍ଧ, ପରଜା, ଭତରା ଆଦି ଆଦିବାସୀ ସଂପ୍ରଦାୟରେ) ଚିତାକୁଟାଇବା ଏକ ପ୍ରକାର ବାଧକତାମୂଳକ ପ୍ରଥା ରହିଥିବା କେତେକ ବୟସ୍କ ବ୍ୟକ୍ତି ମତପୋଷଣ କରିଥାନ୍ତି । କିନ୍ତୁ, ଆଜି ଚିତାକୁଟା ପ୍ରତି ଝିଅମାନେ ଘୃଣାଭାବ ପ୍ରଦର୍ଶନ କଲେଣି । ସଂପ୍ରତି ଆଦିବାସୀଙ୍କ ଏଇ ଅଂଗ ସୌନ୍ଦର୍ଯ୍ୟର ଉପାଦାନ ଚିତାକୁଟା ଅନୁକରଣରେ ଦେଶବିଦେଶର ଚିତ୍ରତାରକା ଓ କଳାପ୍ରେମୀ ଶିକ୍ଷିତ ବ୍ୟକ୍ତିମାନେ ନିଜ ଶରୀରର ବିଭିନ୍ନ ଅଂଗରେ ଚିତାକୁଟାଇ ଏହି ପ୍ରାଚୀନ ପରଂପରାକୁ ଆଧୁନିକ ଷ୍ଟାଇଲ୍ ଭାବେ ଆଦରି ନେଇଥିବା ବେଳେଏହି ଆଦି କଳାର ସୃଷ୍ଟିପୀଠରେ ଏହାର ହତାଦର ଯେ ନିଶ୍ଚିତ ଭାବେ ଏହି ପରଂପରାର ବିଲୟର ସୂଚନା, ଏଥିରେ ସନ୍ଦେହ ନାହିଁ ।

(ଏହି ପ୍ରବନ୍ଧ ପ୍ରସ୍ତୁତି ନିମନ୍ତେ ୰ ଧନୁସାନ୍ତା, ଜୁରିଆଗୁଡ଼ା, ଡ଼ମୁ ସାନ୍ତା, ସଲପପଦର, ପ୍ରମିଳା ଗିଜଗିବା, ସାଧୁ ସାନ୍ତା - ଗମକା ପଦର ପ୍ରମୁଖ ତଥ୍ୟ ପ୍ରଦାନ କରିଥିବାରୁ ଏମାନଙ୍କ ନିକଟରେ କୃତଜ୍ଞ)

ଆଦିବାସୀ ଗବେଷଣା ମ
ସା/ପୋ : କୁନ୍ଦ୍ରା
ଭା : ଜୟପୁର - ୭୬୪୦୦୧
ଜି: କୋରାପୁଟ

# ଆଦିବାସୀ ଲୋକ ସଂସ୍କାରରେ ଚିତା କୁଟାଇବା

ସୁବାସ ଚନ୍ଦ୍ର ମିଶ୍ର

ଦେହକୁ ସଜାଇବା, ଦେହକୁ ଅଳଙ୍କରଣ କରିବା ମନୁଷ୍ୟର ସହଜାତ ପ୍ରବୃତ୍ତି । ଏହି ଅଳଙ୍କରଣ କ୍ଷେତ୍ରରେ ନାରୀମାନେ ପୁରୁଷମାନଙ୍କ ଅପେକ୍ଷା ଅଧିକ ଆଗ୍ରହୀ । ଆଭୂଷଣ ଏକ କଳା ଯାହାର କଳାତ୍ମକତା ଏହାକୁ ଧାରଣ କରିଥିବା ବ୍ୟକ୍ତିର ସୌନ୍ଦର୍ଯ୍ୟ ବୃଦ୍ଧିରେ ସହାୟକ ହୋଇଥାଏ । ଚିତା କୁଟାଇବା ସେମିତି ଏକ ଆଭୂଷଣ କଳା, ଯାହା ଶରୀରର ବିଭିନ୍ନ ଅଙ୍ଗରେ କୁଟାଯାଇଥାଏ । ଚିତା କୁଟାଇବା ଅଭ୍ୟାସ ସର୍ବପ୍ରଥମେ ଏସିଆ ମହାଦେଶର ବିଭିନ୍ନ ସଂସ୍କୃତିରେ ଆରମ୍ଭ ହୋଇ କାଳକ୍ରମେ ସମଗ୍ର ପୃଥିବୀକୁ ପରିବ୍ୟାପ୍ତ ହୋଇଥିଲା । ପ୍ରାୟତଃ ଆଦିବାସୀ ସମାଜରେ ଚିତା କୁଟାଇବା ପରମ୍ପରା ବହୁ ପ୍ରାଚୀନ ।

ଜାପାନରେ ମୂଳ ଆଦିବାସୀ ଆଇନୁ ଗୋଷ୍ଠିର ଲୋକମାନେ ମୁହଁରେ ଚିତା କୁଟାଇଥାନ୍ତି । ତାଇୱାନର ଆଟାୟୁଲ୍ ଦକ୍ଷିଣ ଆଫ୍ରିକାର ବେରବେର ଗୋଷ୍ଠିର ଲୋକେ, ଉତ୍ତର ନାଇଜେରିଆର ହାଉସା ପୂର୍ବ ତୁର୍କୀର କୁଦି ସ୍ଥାନର ଲୋକ ଓ ନିଉଜିଲାଣ୍ଡର ମାଓରି ଗୋଷ୍ଠିରେ ଚିତା କୁଟାଇବା ପ୍ରଥା ରହିଛି । ଏମାନେ ନିଜ ମୁହଁରେ ଚିତା କୁଟାଇଥାନ୍ତି ।

ଠିକ୍ ସେମିତି ଭାରତ ବହୁ ପ୍ରାଚୀନ ଆଦିମ ଗୋଷ୍ଠି ମଧ୍ୟରେ ଚିତା କୁଟାଇବା ପରମ୍ପରା ଥିବାର ଜଣାଯାଏ । ହିମାଚଳ ପ୍ରଦେଶ, ତାମିଲ୍‌ନାଡୁ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର, ଓଡ଼ିଶା ଆଦି ପ୍ରଦେଶରେ ଆଦିବାସୀଙ୍କ ମଧ୍ୟରେ ଚିତା କୁଟାଇବା ତାଙ୍କ ଲୋକ ସଂସ୍କାରର ଏକ ଅଙ୍ଗ ଭାବେ ପରିଗଣିତ ହୋଇଥାଏ ।

ଚିତା କୁଟାଇବା ଯେ ବହୁ ପ୍ରାଚୀନ ପରମ୍ପରା ତାହା ଇତିହାସରୁ ଜଣାଯାଇଥାଏ । Tattooing has been a Erosian practice at least since Neolithic times, iIt is the Iceman, dating from the forth to fifth millenium BC, was found on Otz valley in the Alps and had some 57 carbon tattoos consisting of simple dots and lines on his lower spines, behind his left knee and on his ankle.

ଖ୍ରୀଷ୍ଟପୂର୍ବ ୪୫ ସହସ୍ର ବର୍ଷ ଆଗରୁ ଚିତା କୁଟାଇବା ଯେ ପ୍ରଚଳିତ ଥିଲା, ତାହା ଉପଯୁକ୍ତ ଉକ୍ତିରୁ ଜଣାପଡ଼େ । ମିଶରର ଆମୁନେଟ୍ ଅଞ୍ଚଳର ପିରାମିଡ୍ ଭିତରେ ଥିବା ମମି ତଥା ଭଓନାନି ମାଳଭୂମିରେ ଥିବା ପାଜିରିକ୍ ପିରାମିଡ୍‌ରେ ଥିବା ତଥା ଉକୋକ ମାଳଭୂମିରେ ପାଜିରିକ୍ ପିରାମିଡ୍‌ରେ ଥିବା ମମିଙ୍କ ଦେହରେ ମଧ୍ୟ ଚିତା କୁଟାଇଥିବା ଚିହ୍ନ ପ୍ରମାଣ ସ୍ୱରୂପ ଦେଖିବାକୁ ମିଳେ ।

ଚିତାର ପରିଭାଷାରେ କୁହାଯାଏ, “A tattoo is a form of study modification, made by inserting indetible ink into the dermis layer of the skin to change the pigment”. ମନୁଷ୍ୟ ଚମ୍ ଭାର ଦ୍ୱିତୀୟ ସ୍ତରରେ ଚମଡ଼ାର ପ୍ରଥମ ସ୍ତରକୁ ଛୁଞ୍ଚି ବା ଗୋଜିଆ କୌଣସି ପଦାର୍ଥ ଦ୍ୱାରା ଫୋଡ଼ି, ବିଭିନ୍ନ ଆକୃତି ମଧ୍ୟରେ ଅଲିଭା କାଳି ପୁରାଇ ଯେଉଁ ଅଙ୍କନ କରାଯାଏ ତାହାକୁ ଚିତା କୁହାଯାଏ । ଯେଉଁ

ପ୍ରଣାଳୀରେ ଏହା କରାଯାଏ ତାହାକୁ ଚିତା କୁଟାଇବା କୁହାଯାଏ ।

ଏହି ଲେଖାରେ ଓଡ଼ିଶାର ନବରଙ୍ଗପୁର ଜିଲ୍ଲା ଓ ଉପାନ୍ତବ ୍ତୀ ଛତିଶଗଡ଼ ପ୍ରଦେଶର ବସ୍ତର ଜିଲ୍ଲାରଯେଉଁ ଅ ଳଗୁଡ଼ିକ ଓଡ଼ିଶାକୁ ଲାଗି ରହିଛି ସେହି ଅ ଳରେ ବସବାସ କରୁଥିବା ଆଦିବାସୀ ଗୋଷ୍ଠିମାନଙ୍କ ମଧ୍ୟରେ ପ୍ରଚଳିତ ଥିବା ଚିତା କୁଟାଇବା ପରମ୍ପରା ସମ୍ବନ୍ଧରେ ଆଲୋଚନା କରାଯାଇଛି । ପ୍ରସଙ୍ଗକ୍ରମେ ଏହା କହିଦେବା ଉଚିତ ହେବ ଯେ, ଅବିଭକ୍ତ କୋରାପୁଟ ଜିଲ୍ଲା (ବ ର୍ତ୍ତମାନର ନବରଙ୍ଗପୁର, ମାଲ୍‌କାନ୍‌ଗିରି, କୋରାପୁଟ, ରାୟଗଡ଼ା ଜିଲ୍ଲା)ରେ ବସବାସ କରୁଥିବା ବହୁ ଜନଜାତି ଗୋଷ୍ଠିର ନାରୀ ଓ ପୁରୁଷମାନେ ନିଜ ଶରୀରର ବିଭିନ୍ନ ଅଙ୍ଗରେ ଚିତା କୁଟାଇଥାନ୍ତି । ଏମାନଙ୍କ ମଧ୍ୟରେ କନ୍ଧ, ଗଣ୍ଡ, ଗାଦବା, ପରଜା, ଭତରା ଆଦି ଜନଜାତି ଗୋଷ୍ଠିଙ୍କ ମଧ୍ୟରେ ଚିତା କୁଟାଇବା ଏକ ପାରମ୍ପରିକ ପ୍ରଥା ଭାବେ ଗ୍ରହଣ କରାଯାଇଥାଏ ।

ନବରଙ୍ଗପୁର ଜିଲ୍ଲାର ନବରଙ୍ଗପୁର, ପାପଡ଼ାହାଣ୍ଡି, ତେନ୍ତୁଳିଖୁ ି, ଡାବୁଗାଁ, ଉମରକୋଟ, ଝରିଗାଁ, କୋଡ଼ିଙ୍ଗା, ଚନ୍ଦାହାଣ୍ଡି, ରାଇଘର, ନନ୍ଦାହାଣ୍ଡି ଆଦି ପ ାୟତ ସମିତି ତଥା ଛତିଶଗଡ଼ର କୋଣ୍ଡାଗାଁ, ବସ୍ତର, ନାରାୟଣପୁର, କେସ୍‌କାଲ୍‌, ବରେଇ, ଦେପାରା, ବିକ୍ରମପୁର ଆଦି ଅ ଳରେ ବସବାସ କରୁଥିବା ଗଣ୍ଡ ଜନଜାତି, ହାଲବୀ ଓ ଭତରା ଜନଜାତିଙ୍କ ମଧ୍ୟରେ ଚିତା କୁଟାଇବା ଏକ ପାରମ୍ପରକ ପ୍ରଥା, ଯାହା ଏବେ ମଧ୍ୟ ଦେଖିବାକୁ ମିଳେ ।

ମଧ୍ୟପ୍ରଦେଶର ବିଶିଷ୍ଟ ଲୋକ ସଂସ୍କୃତିବିଦ୍‌ ଶ୍ୟାମ ପରମାର୍‌ ଲେଖିଛନ୍ତି - "Monachesi, the Italian artists adoocating the use of female body as canvas, a new craze-dress naked might have taken the European art world by storn, but it not a new trend at all. The love for covering the bare bodies with various motifs and figures has always been a source of pleasure to women. The art of tattooing is one of the such earlist expressions tht probably leads to this sofisticated craze of the westren world. (Folklore of Madhya Pradesh, NBT, PP.150)

ସଂପ୍ରତି ଅଣ ଆଦିବାସୀ ଯୁବ ଗୋଷ୍ଠିଙ୍କ ମଧ୍ୟରେ ଦେହଚିତ୍ର ଯେଉଁ ପରିମାଣରେ ଆଙ୍କିବା ଦେଖା ଯାଉଛି, ଯାହାକୁ ବଲ୍‌ ପେନ୍‌ ଟାଟୁ, ଚର୍ମ କଳା, ଚିତା କୁଟାଇବା କଳା ଆଦି ନାମରେ ନାମିତ କରାଯାଉଛି । ତାହା ଯେ ପ୍ରାଚୀନ ଆଦିବାସୀ ଚିତା କୁଟାଇବା ପରମ୍ପରାର ସାମ୍ପ୍ରତିକ ଅନୁସରଣ ଏହାହିଁ ମନେ ହୁଏ । ଏହା ବ ର୍ତ୍ତମାନ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସହାୟତାରେ ଯନ୍ତ୍ର ସାହାଯ୍ୟରେ ଅଙ୍କନ କରାଯାଉଛି, ଏଥିରେ ପ୍ରାକ୍‌ ଖୋଦନ ଶୈଳୀ ଓ ବ୍ୟବହାର ନାହିଁ କିମ୍ବା ଏହା ସେତେ ଯନ୍ତ୍ରଣାମୟ, ଅପରିମାର୍ଜିତ, ସ୍ଥୂଳ ହେବା ବଦଳରେ ସୂକ୍ଷ୍ମ, ପରିମାର୍ଜିତ ସୁନ୍ଦର ହୋଇଥାଏ ।

ନବରଙ୍ଗପୁର ଜିଲ୍ଲାର ଆଦିବାସୀମାନଙ୍କ ମଧ୍ୟରେ ଚିତା କୁଟାଇବା ଏବେ ମଧ୍ୟ ବ ୍ତି ରହିଛି । ଯାହା ଗଣ୍ଡ ଆଦିବାସୀ ଗୋଷ୍ଠିମାନଙ୍କ ମଧ୍ୟରେ ଥିବା ବିଶ୍ୱାସର ଧାରଣା ନେଇଥାଏ । ସେମାନେ ଚିତା କୁଟାଇବା ଏକ

ପବିତ୍ର କାର୍ଯ୍ୟ ବୋଲି ମନେ କରିଥାନ୍ତି । ଏହା ସେମାନଙ୍କ ସାମାଜିକ ଦୃଷ୍ଟିକୋଣକୁ ପ୍ରତିଫଳିତ କରିଥାଏ । ଗଣ୍ଡ ସ୍ତ୍ରୀମାନେ ଚିତା କୁଟାଇବାକୁ ଏକ ଆନୁଷ୍ଠାନିକ (Retualistic Act) ମନେ କରିଥାନ୍ତି । ଚିତା କୁଟାଇବା ସେମାନଙ୍କ ପାଇଁ ଏକ ସାମାଜିକ ମର୍ଯ୍ୟାଦାର ସନ୍ତକ ଭାବେ ଗୃହୀତ ହୋଇଥାଏ । ଯେତେବେଳେ ଗଣ୍ଡ ଝିଅଟିଏ ବିବାହ ଯୋଗ୍ୟ ବୟସର ହୋଇଯାଏ, ସେତେବେଳେ ତା ପରିବାର ବର୍ଗ ଚିତ୍ କୁଟାଇ ଦେଇଥାନ୍ତି ତା ଦେହରେ । ସେମାନଙ୍କ ପାଇଁ ଚିତା କୁଟାଇବା ସୌନ୍ଦର୍ଯ୍ୟର ପ୍ରତୀକ, ନିରାପ ।, ଖରାପ ଦୃଷ୍ଟିରୁ ରକ୍ଷା ଏବଂ ନିଜସ୍ୱ କୁଳର ଚିହ୍ନ ଭାବେ ଗ୍ରହଣ କରାଯାଇଥାଏ । ଏଥିରୁ ସେମାନେ ଏକ ପ୍ରକାର ଆତ୍ମିକ ଓ ମାନବିକ ତୃପ୍ତି ମଧ ପାଇଥାନ୍ତି । ଏଣୁ କାହିଁ କେତେ ଯୁଗରୁ ଚିତା କୁଟାଇବା ଆଦିବାସୀ ଗୋଷ୍ଠିଙ୍କ ମଧରେ ଉ ରାଧିକାର ସୂତ୍ରରେ ଗଢ଼ି ଆସୁଛି, ଯାହାର ଜୀବନୀ ଶକ୍ତି ଏବେ ମଧ ପ୍ରାଣମୟ ।

ଆଦିବାସୀମାନଙ୍କ ମଧରେ ଆଉ ଗୋଟିଏ ବଦ୍ଧମୂଳ ବିଶ୍ୱାସ ଏବେ ମଧ ବଳବ ର ଯେ ଦେହରେ ବିଭିନ୍ନ ଆକୃତିର ବିଭିନ୍ନ ସଂକେତର ଚିତା କୁଟାଇବା ଭଲ କାର୍ଯ୍ୟକୁ ପ୍ରମାଣ ଏବଂ ଚିତା ଦେହରେ ଥିଲେ କୌଣସି ମନ୍ଦ, ଅଶୁଭ ଘଟେ ନାହିଁ ଏବଂ ଏହି ଚିତା ମଣିଷର ମଲେ ମଧ ତା ସହିତ ରହିଥାଏ ଆତ୍ମାର ଛାଇ ପରି ଓ ତାର ପ ତ ୍ ମାଟି, ପାଣି, ପବନ, ଆଲୁଅ ଓ ଶୂନ୍ୟରେ ମିଶିଯାଇଥାଏ । ଚିତା କୁଟାଇବାର ଆକୃତି ଓ ଚିହ୍ନଗୁଡ଼ିକ ତାର ଅତୀତ ସହିତ ସଂପର୍କିତ ହୋଇଥାଏ ।

ଗଣ୍ଡ ଜନଜାତିର ପୁରୁଷମାନେ ବିଶେଷତଃ ନବରଙ୍ଗପୁର ସୀମାନ୍ତରେ ଥିବା ଛତିଶଗଡ଼ର ବିଭିନ୍ନ ଅ ଳରେ ସେମାନଙ୍କର ଗୋଡର ବାହାର ପାଖ, ଆଣ୍ଠୁକୁ ତଳକୁ ବଳାଗଣ୍ଠି ମଧରେ ଚିତା କୁଟାଇଥାନ୍ତି । ଆଉ କେତେକ ନିଜ ନିଜ ବାହୁରେ ମଧ ଚିତା କୁଟାଇଥାନ୍ତି ।

ଆଦିବାସୀ ସ୍ତ୍ରୀମାନେ ସାଧାରଣତଃ ସେମାନଙ୍କ ପ୍ରଥାମାନ ହେଉଥିବା ଶରୀରର ଖୋଲା ଅଂଶରେ ଚିତା କୁଟାଇଥାନ୍ତି । ବାହୁ, ହାତର ତାଳପାଖି, ପାପୁଲିର ଉପର ଅଂଶ, କପାଳ, ଦୁଇ ଭ୍ରୁଲତାରେ ମଝି ଅଂଶ, ଗାଲ, ଥୋଡ଼ି, ଛାତି, ଜଙ୍ଘ, ଗୋଡ଼ର ବଳାଗଣ୍ଠି ଉପର, ପାଦର ଉପର ଅଂଶ ଏପରିକି ବେକତକ, କାନ୍ଧରେ ମଧ ଚିତା କୁଟାଇଥାନ୍ତି । ହାତ ଓ ପାପୁଲିର ମିଳନ ସ୍ଥଳ କଟିରେ ମଧ ଚିତା କୁଟାଇ ଥିବାର ଦେଖିବାକୁ ମିଳେ । ଚିତା କୁଟାଇବାର ଆକୃତି ଗୁଡ଼ିକ ବିନ୍ଦୁ, ଗାର, ଅର୍ଦ୍ଧବୃ ଆକାରର ହୋଇଥାଏ । ଗଣ୍ଡନାରୀମାନେ ତାରା, ପରସ୍ପରକୁ ଛେଦ କରୁଥିବା ଦୁଇଟି ରେଖା ଓ ମଣିଷ ଓ ପଶୁଙ୍କ ଆକୃତି କୁଟାଇବା ପସନ୍ଦ କରିଥାନ୍ତି । ଭୂମିଆ ଓ ଗାଦବା ସ୍ତ୍ରୀମାନେ ଦୀର୍ଘ, ଲମ୍ବାଗାର କୁଟାଇଥାନ୍ତି । ପ୍ରକୃତିରେ ଦେଖାଯାଉଥିବା ପକ୍ଷୀ, ଗଛ, ଲତା, ପ୍ରାଣୀ, ସୂର୍ଯ୍ୟ, ଚନ୍ଦ୍ର ଆଦି ଚିତା କୁଟାଇବା ପରମ୍ପରା । ଆଦିବାସୀମାନେ ସେମାନଙ୍କ ଗୋତ୍ର ସନ୍ତକକୁ ପବିତ୍ର ମନେ କରୁଥିବାରୁ, ସେମାନଙ୍କ ଅନୁରୂପ ପ୍ରତିକୃତିକୁ ଦେହରେ କୁଟାଇଥାନ୍ତି ।

ରାଇଘର ଅ ଳରେ ଚିତାକୁ ବାନା ଚିତା, କୁଟାଇବାକୁ ବାନା ଗୋଦନା (ଗୋଦନା - ଖୋଦେଇବା), ଏବଂ ଚିତା କୁଟା କାର୍ଯ୍ୟ କରୁଥିବା ସ୍ତ୍ରୀକୁ ଗୋଦନୀ କୁହାଯାଏ । ଗୋଦନୀ ବା ଗୋଦନାରୀ ସାଧାରଣତଃ ଚିତା କୁଟାଇବା କାର୍ଯ୍ୟରେ ନିପୁଣ, କୁଶଳୀ ହୋଇଥାନ୍ତି । ତା ଛଡ଼ା ଚିତା କୁଟାଇବା ସମୟରେ ଚିତା କୁଟାଉଥିବା ବ୍ୟକ୍ତିର ପୀଡ଼ା କମ୍ କରି ତା ମନକୁ ପୀଡ଼ାରୁ ଅନ୍ୟତ୍ର ନେଇଯିବା ପାଇଁ ସେମାନେ ସୁଲଳିତ ସ୍ୱରରେ ଗୀତମାନ ଗାଇଥାନ୍ତି, ମନ ରଞ୍ଜାଇଥାନ୍ତି ।

**ଚିତା କୁଟାଇବାର ପୁରୁଣା ନୀତି :**

ଚିତା କୁଟାଇଥିବା ଝରିଗାଁ ଓ ରାଇଘର ଅ  ଳର ବୟସ୍କା ନାରୀମାନେ କହନ୍ତି - ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ଗୋଦନୀମାନେ ଗାଁମାନଙ୍କୁ ଆସି ଚିତା କୁଟାଇବା ପାଇଁ ଝିଅମାନଙ୍କୁ (ବିଶେଷତ୍ୱ ବିବାହ ବୟସ ହୋଇଥିବା ଝିଅମାନଙ୍କୁ, ପ୍ରଥମ ଋତୁମତୀ ହୋଇଥିବା ଝିଅମାନଙ୍କୁ) ଡାକି ଥାଆନ୍ତି । ମାଁ, ମାଉସୀ, ମାଇଁ, ପିଉସୀମାନେ ତାଙ୍କ ପରିବାରର ଝିଅମାନଙ୍କୁ ଚିତା କୁଟାଇବା ପାଇଁ ଆଣନ୍ତି । ଗାଁର ଦାଣ୍ଡରେ କିମ୍ବା କାହା ଘର ଖୋଲାସ୍ଥାନରେ ଗୋନଦୀ ତାର ସାଜ ସାରଞ୍ଜାମ ଧରି ବସେ । ଜଳୁଥିବା ଦୀପ ବା ନିଆଁ, ସୂତାରେ ବନ୍ଧା ହୋଇଥିବା ତିନିରୁ ପା   ଯାଏଁ ଛୁଂି, ସେ ତିଆରି କରିଥିବା ତରଳ ଦ୍ରବ୍ୟ, ହଳଦୀ, ନଡ଼ିଆ ଷଢ଼େଇ ପୋଡ଼ାରୁ ତିଆରି କଳାରଙ୍ଗ, ଜଡା କିମ୍ବା ନଡ଼ିଆତେଲ । ସେ ଜାଣିଥାଏ ଚିତାକୁଟାଇବାର ଚିହ୍ନ, ପ୍ରତୀକ, ଆକୃତି ସମ୍ବନ୍ଧରେ । ତା ଛଡା ଖୋଦେଇ କରି ସାରିଲା ପରେ ଚମଡ଼ାରେ ଫୋଡା ହୋଇଥିବା ଫାଙ୍କରେ କଳା ରଙ୍ଗର ଦ୍ରବଣ ଦେଇ ଗୀତ ଗାଇ ଗାଇ ଗୋଦନି ସେହି ସ୍ଥାନରେ ପୋଡ଼ା ଜଳା କମ୍ କରିବା ପାଇଁ ତେଲ ଘଷିଦିଏ । କିଛି ସମୟ ପରେ ଚିତା କୁଟାଇବା ସ୍ଥାନକୁ କନାରେ ଗୁଡ଼ାଇ ଦିଆଯାଏ । ଫୁଲା କମିବା ପାଇଁ ତେଲର ପ୍ରଲେପ ଦିଆଯାଏ । ଚିତାର ଆକୃତି ଓ ସଙ୍କେତଗୁଡ଼ିକ ଉଜ୍ଜ୍ୱଳ ଦିଶିବା ପାଇଁ ହଳଦୀ ଗୁଣ୍ଡର ପ୍ରଲେପ ଦିଆଯାଏ । ଛୁଂିଗୁଡ଼ିକ ଏକତ୍ର ଧରି ଜଳନ୍ତା ନିଆ ଶିଖା କିମ୍ବା ଦୀପର ଶିଖାରେ ଛୁଂିମୂନକୁ ତତାଇ ଲାଲ୍ ହୋଇଗଲା ପରେ ପୂର୍ବରୁ ଆଙ୍କିଥିବା ଆକୃତି ବା ବିନ୍ଦୁ ବା ଗାର ଆଦିକୁ ଫୋଡ଼ି ଚମଡ଼ାକୁ ଫଟାଇବା ପୀଡାଦାୟକ ହେଉଥିଲେ ମଧ୍ୟ ପାରମ୍ପାରିକ ବିଶ୍ୱାସ ଅନୁସାରେ ଚିତା କୁଟାଇବା ଦ୍ୱାରା ସୁନ୍ଦର ଦିଶିବା କଳ୍ପନାରେ ଚିତା କୁଟାଇଥିବା ଝିଅମାନେ ଏହା ସହିଯାନ୍ତି ।

ଚିତାଗୁଡ଼ିକ (ବାନା) ପାରମ୍ପରିକ ରୀତିର ପ୍ରତୀକ ଓ ସାମାଜିକ ମର୍ଯ୍ୟାଦାର ଚିହ୍ନ ଭାବେ, ଧାର୍ମିକ ଓ ଆତ୍ମିକ ଭକ୍ତିର ସନ୍ତକ ଭାବେ, ଭାବୀ ସ୍ୱାମୀକୁ ଆକର୍ଷିତ କରିବାର ପ୍ରତୀକ, ଉର୍ବରତାକୁ ଚିହ୍ନ, ପ୍ରେମର ପ୍ରତିଶ୍ରୁତି ଓ ମନ୍ଦ ଖଳ ପ୍ରକୃତିର କୁଦୃଷ୍ଟିରୁ ରକ୍ଷା ପାଇବାର ବିଶ୍ୱାସ ରୂପେ କୁଟା ଯାଇଥାଏ । ସ୍ଥାନ, କାଳ, ପାତ୍ର, ଭେଦରେ ଚିତାଗୁଡ଼ିକର ପ୍ରତୀକ ଓ ପ୍ରଭାବ ଅଲଗା ଅଲଗା ହୋଇଥାଏ ବିଭିନ୍ନ ସମାଜରେ ଓ ସଂସ୍କୃତିରେ ।

ରାଇଘର ଅ  ଳର ଗଣ୍ଡ ଜନଜାତିରର ଗୋଷ୍ଠି ସେମାନଙ୍କ ସମାଜରେ ଚିତା କୁଟାଇବା ପରମ୍ପରାକୁ ଇତିହାସ ସହିତ ସଂପର୍କିତ କରିଥାନ୍ତି । ସେମାନେ କହନ୍ତି ଯେ ସେମାନଙ୍କ ପୂର୍ବପୁରୁଷମାନେ ମଧ୍ୟ ଭାରତରୁ ୧୪୦୦-୧୬୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ମୁସଲମାନ ଓ ମରହଟ୍ଟାମାନଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଓଡ଼ିଶା ବା ଉଡ୍ଡୀୟାନ ରାଜ୍ୟକୁ ଚାଲି ଆସିଥିଲେ । ଏହି ଆକ୍ରମଣକାରୀମାନଙ୍କକୁ ଓ ଖରାପ ଦୃଷ୍ଟିରୁ ସେମାନଙ୍କ ସ୍ତ୍ରୀ କୁଳଙ୍କୁ ରକ୍ଷା କରିବା ପାଇଁ ସେମାନଙ୍କ ମୁହଁ, ଦେହରେ ଅନ୍ୟ ଅଂଶରେ ଚିତାକୁଟାଇ ବିଶ୍ରୀ କରି ଦେବା ଉଚିତ ମଣିଲେ ଏବଂ ଏହି ବିଶ୍ୱାସ ଏବେ ମଧ୍ୟ ପରମ୍ପରାର ଧାରା ଅନୁସାରେ ଚାଲି ଆସୁଛି ।

ଗୋଦନି ବା ଗୋଦନାରୀମାନେ ପେଷାଗତ ଭାବେ ଏହି କାର୍ଯ୍ୟ କରି ଆସୁଛନ୍ତି । ନବରଙ୍ଗପୁର ଜିଲ୍ଲାର ଉପାନ୍ତ ଅ  ଳରେ ବସୁଥିବା ସାପ୍ତାହିକ ହାଟ ମାନଙ୍କରେ ବିଭିନ୍ନ ଗ୍ରାମରୁ ଆସିଥିବା ଝିଅମାନେ ଗୋଦନି ମାନଙ୍କ ଦ୍ୱାରା ଚିତା କୁଟାଇବା କାମ କରାଇଥାନ୍ତି । ଉଦାହରଣସ୍ୱରୂପ ନବରଙ୍ଗପୁର ଜିଲ୍ଲାର ଉପାନ୍ତରେ ଥିବା ଖିଲୋଲି ଗ୍ରାମଠାରୁ ପଶ୍ଚିମ ଦିଗରେ ୩ କିମି ଗଲେ ଛତିଶଗଡ଼ରେ ବରେଇ ସାପ୍ତାହିକ ହାଟ ବସେ । ବହୁତ ବଡ଼ ହାଟ ।

ଯେଉଁ ହାଟରେ ଶତକଡ଼ା ୮୦ ଭାଗରୁ ଅଧିକ ସ୍ତ୍ରୀ ଲୋକ ସମସ୍ତ କାରବାର କରିଥାନ୍ତି । ଏହି ହାଟରେ ଗୋଦନିମାନେ ପାରମ୍ପରିକ ରୀତିରେ ଚିତାକୁଟା କାର୍ଯ୍ୟ କରିଥାନ୍ତି ।

ଏଠାରେ ଚିତାକୁଟା ରୀତି ସହିତ ତାମିଲ୍‌ନାଡୁ ଆଦିବାସୀଙ୍କ ଚିତାକୁଟା ତୁଳନା କଲେ ଦେଖାଯାଏ ଯେ ଉଭୟ ସ୍ଥାନର ରୀତି ପ୍ରାୟତଃ ସମାନ ।

"To perform the tattooing operation the pattern is selected from a bundle of drawings and is first traced on the skin with a blunt stick dipped in the prepared ink which is pricked in with needles. The part is than washed well with cold water and a cast of ink, rubbed into brighten the colour and to prevent swelling. (Folklore of Tamilnadu, NBT, New Delhi-PP 178)

ଚିତା କୁଟାଇବା ପୂର୍ବରୁ ପ୍ରଥମେ କେତେକ ଚିତ୍ର ମଧ୍ୟରୁ ଚିତ୍ର ନିର୍ବାଚିତ କରାଯାଏ । ଏହି ବାଛିବା ପ୍ରକ୍ରିୟା ପରେ ସେହି ଚିତ୍ରକୁ ଚମଡ଼ାରେ ଗୋଟିଏ ଅଦାଢୁଆ ଗୋଜିଆ କାଠିରେ ପ୍ରସ୍ତୁତ ହୋଇଥିବା କାଳିରେ ବୁଡ଼ାଇ ଅଙ୍କନ କରାଯାଏ ଏବଂ ଛୁ୍ଚ ସହିତ ଫେଡ଼ାଯାଏ । ତାପରେ ସେହି ଅଂଶକୁ ଥଣ୍ଡା ପାଣିରେ ଭଲଭାବରେ ଧୋଇ ସାରି ତା ଉପରେ ପ୍ରସ୍ତୁତ ହୋଇଥିବା କାଳିକୁ ଘଷି ଦିଆଯାଏ । ପୀଡ଼ା କମ୍ କରିବା ପାଇଁ ତା ଉପରେ କିଛି ପରିମାଣରେ ନଡିଆ ତେଲ ଲଗାଇ ଦିଆଯାଏ । ହଳଦୀ ଗୁଣ୍ଡକୁ ଚିତା କୁଟା ସ୍ଥାନରେ ଚିତାର ରଙ୍ଗକୁ ଉଜ୍ଜ୍ୱଳ କରିବା ପାଇଁ ଓ ଫୁଲା କମାଇବା ପାଇଁ ଲଗାଇ ଦିଆଯାଏ ।

ବ ର୍ତମାନ ଚିତା କୁଟାଇବା ପାଇଁ ଆଉ ପୁରୁଣା ରୀତିର ପ୍ରଚଳନ ପ୍ରାୟ ହେଉନାହିଁ । ସଂପ୍ରତି ସୂକ୍ଷ୍ମ ଯନ୍ତ୍ର ଓ ରାସାୟନିକ ରଙ୍ଗ ପ୍ରୟୋଗ କରି ଚିତା କୁଟାଇବା ପ୍ରାୟ ଲୋକପ୍ରିୟ ହୋଇଗଲାଣି ।

ତାଛଡ଼ା, ଯଦିଓ ବ ର୍ତମାନ ଚିତା କୁଟାଇବା ପ୍ରଣାଳୀ ବହୁବିଧ ହେଲାଣି ଯଥା - ପ୍ରାକୃତିକ ଚିତାକୁଟା ବା ଦୁର୍ଘଟଣାର ଜାତ ଚିତା ବା କ୍ଷତ ହୋଇ ରକ୍ତ ଜମାଟ ବାନ୍ଧି ଚିତା ହେବା, ପେଷାଦାର ଚିତାକୁଟା ଯାହା ଉଭୟ ପାରମ୍ପରିକ ଏବଂ ଆଧୁନିକ ଉପାୟରେ କରାଯାଇଥାଏ ଯଥା ପ୍ରସାଧାନିକ ଚିତାକୁଟା () ଯାହା ଚିରସ୍ଥାୟୀ ହୋଇ ରହିବା ପାଇଁ କରାଯାଇଥାଏ ଓ ଚିକିତ୍ସା ଉଦ୍ଦେଶ୍ୟରେ କରାଯାଉଥିବା ଚିତାକୁଟା ଏବଂ ବ ର୍ତମାନ ପାଶ୍ଚାତ୍ୟ ଦେଶମାନଙ୍କରେ ପୁରୁଷ ଯୌନେନ୍ଦ୍ରିୟରେ ମଧ୍ୟ ଚିତାକୁଟାର ପ୍ରଚଳନ ଦେଖିବାକୁ ମିଳୁଛି ହେଲେ ନବରଙ୍ଗପୁର ଅ ଳର ଆଦିବାସୀ ଗୋଷ୍ଠିର ପାରମ୍ପାରିକ ଏବଂ କେତେକ ସ୍ଥଳରେ ଯନ୍ତ୍ର ସାହାଯ୍ୟରେ ଚିତା କୁଟା ହେଉଥିବାର ଦେଖିବାକୁ ମିଳେ ।

ଆଦିବାସୀ ସ୍ତ୍ରୀମାନଙ୍କ ଶରୀରରେ ଦେଖିବାକୁ ମିଳୁଥିବା କେତେକ ବାନା(ଚିତା) ସମ୍ବନ୍ଧରେ ଜାଣିବା ପ୍ରାସଙ୍ଗିକ ହେବ । ନିମ୍ନରେ କେତେକ ଚିତ୍ର ଦିଆଯାଇଅଛି ।

ଚିତ୍ର ବର୍ଣ୍ଣନା -

୧) ଚାରିକୋଣିଆ ବସିବା ଆସନ, ରାମଲକ୍ଷ୍ମଣ ସୀତା, ସୀତାଙ୍କ ରୋଷେଇ ଘର

୨) ଆମ୍ବଗଛ, ଖଜୁରୀ ଗଛ, ବାବୁଲ୍ ଗଛ, ଗୋଟିଏ ଫୁଲ

୩)	କଙ୍କଡ଼ା ବିଛା, କଙ୍କଡ଼ା ବିଛା, କଙ୍କଡ଼ା ବିଛା, ପାର୍ବତୀଙ୍କ ବସିବା ଆସନ, ଅର୍ଦ୍ଧଚନ୍ଦ୍ର
୪)	ଅନ୍ଧ ମଣିଷ ଓ ତାର ଲାଠି, ଫାଳେ ନଡ଼ିଆ, ତିନିମହଣ ବାଜରା, ଚଢ଼େଇର ଆଖି
୫)	ଚଢ଼େଇ, ଚଢ଼େଇ, ଚଢ଼େଇ (ବିଭିନ୍ନ ଆକୃତିର) ଦାଢ଼ୀ ବା ଥୋଡ଼ି
୬)	ମୁଣ୍ଡ ପଗଡ଼ି, ଦୁଇଟି ମୟୂରର ଚିତ୍ର
୭)	ଲବଙ୍ଗ, ରାମଙ୍କ ମୁକୁଟ, ଉପରକୁ ଉପର ରଖାଯାଇଥିବା ପାଣିପାତ୍ର, ମୁଣ୍ଡ ତଳକୁ ଗୋଡ ଉପରକୁ ଥାଇ ସଉତୁଣୀର ଚିତ୍ର (ଉପପତ୍ନୀ)
୮)	ରାମଙ୍କ ନାମ, ପିତା-ମାତାଙ୍କ ଗାଁକୁ ବାଟ, ହାଣ୍ଡି ରଖିବା ଉପକରଣ, ବିଜୁଳି ଭାଇ
୯)	କଚଟିର ଆଭୂଷଣ, ସରୁମୁହାଁ କୂପ (କୂଅଁ), ପୁଅ ସାଙ୍ଗ, ଚୁଲୀ, ଓ ଗରମ ଥାଳିଆ
୧୦)	ସୂର୍ଯ୍ୟ, ବଧୂ ଓ ବର, ସାକ୍ଷୀମାନେ, ଥାନା (ପୋଲିସ୍ ଷ୍ଟେସନ), କୂପ
୧୧)	ବାଟ, ରାମଙ୍କ ଖାଦ୍ୟ, ପାଦଚିହ୍ନ, ଉପପତ୍ନୀ, କୂପ
୧୨)	ଗଛ, ମୟୂର

ଚିତା କୁଟାଇବା କାର୍ଯ୍ୟରେ ବିଶେଷତଃ ବିନ୍ଦୁ, ଗାର, ଅର୍ଦ୍ଧଚନ୍ଦ୍ର, ସୂର୍ଯ୍ୟ ଓ ବିଭିନ୍ନ ସାଙ୍କେତିକ ଚିହ୍ନ ମାନ ବ୍ୟବହାର କରାଯାଇଥାଏ । ଆ ଳିକ ଭେଦ ଅନୁସାରେ ଏହି ଚିହ୍ନଗୁଡ଼ିକ ଅଲଗା ଅଲଗା ହୋଇଥାଏ । ନବରଙ୍ଗପୁର ଜିଲ୍ଲା ଆଦିବାସୀ ଗୋଷ୍ଠୀଙ୍କ ଚିତା କୁଟାଇବାର ଶୈଳୀ, ସଙ୍କେତ ଛତିଶଗଡ଼ର ଅ ଳର ଗୋଦନିମାନଙ୍କ ଦ୍ୱାରା ହେଉଥିବାରୁ, ଏଗୁଡ଼ିକରେ ଛତିଶଗଡ଼ର ଯଥେଷ୍ଟ ପ୍ରଭାବ ଦେଖିବାକୁ ମିଳେ । ଗଣ୍ଡ ଜନଜାତି ଓ ଭୂମିଆ ଜନଜାତିର ଝିଅମାନେ ସେମାନଙ୍କ ନାକ ଉପରକୁ ତଥା କପାଳର ତଳକୁ, ଦୁଇ ଭୂଲତା ମଝିରେ ଘୋଡ଼ନାଲ୍ ସଦୃଶ୍ୟ ଚିତା କୁଟାଇଥାନ୍ତି ଯାହାର ଖୋଲା ଅଂଶଟି ନିମ୍ନ ଆଡକୁ ଥାଏ ଓ ତାହାର ଦୁଇ ପାର୍ଶ୍ୱରେ ଦୁଇଟି ବିନ୍ଦୁ ଥାଏ ଓ ତଳକୁ ଗୋଟିଏ ବିନ୍ଦୁ ଥାଏ । ଗଣ୍ଡ ଜନଜାତିର ଝିଅମାନେ ଯୁକ୍ତମାନ ହେଲା ପରେ ବାହୁ, ଛାତି ଓ କାନ୍ଧରେ ଚିତା କୁଟାଇଥାନ୍ତି । ବିବାହ ପୂର୍ବରୁ ସେମାନେ ପୁଣି ଥରେ ଶରୀରରେ ଅନ୍ୟ ଅଂଶରେ ଚିତା କୁଟାଇଥାନ୍ତି ଏବଂ ଜଙ୍ଘରେ ମଧ । ଗଣ୍ଡ ଗୋଷ୍ଠି ମତରେ ଚିତା (ବାନା)ର ଚିହ୍ନ ହେଉଛି ଗୋଟିଏ କଳା କୁକୁର ଯାହାର ଛାଇ ନଥାଏ । ଛତିଶଗଡ଼ ନାରୀମାନଙ୍କର ବଦ୍ଧମୂଳ ବିଶ୍ୱାସ ଯେ ଯେଉଁ ପୁରୁଷ-ସ୍ତ୍ରୀ ଜୀବନ କାଳରେ ଚିତା କୁଟାଇଥାନ୍ତି, ସେମାନଙ୍କ ମୃତ୍ୟୁ ହେଲାପରେ ସେମାନଙ୍କର ଆତ୍ମା ସେଇ ଚିତା କୁଟାଇବା ଚିହ୍ନ ସହ ସ୍ୱର୍ଗକୁ ଯାଇଥାଏ । ଏଥିରୁ ଗଣ୍ଡ ଜନଜାତିର ଚିତା କୁଟାଇବାକୁ ନେଇ ଯେଉଁ ବିଶ୍ୱାସ ଓ ତାର ଜୀବନ ଦର୍ଶନରେ ଚିତା କୁଟାଇବାର ଗୁରୁତ୍ୱ ସହଜରେ ଉପଲବ୍ଧି କରିହୁଏ ।

ଅନ୍ୟ ଅ ଳ (ଏଠି ଉମରକୋଟ, ରାଇଘର, ଝରିଗାଁ ପ ାୟତ ସମିତିର)ଆଦିବାସୀ ଗୋଷ୍ଠିର ନାରୀଙ୍କ ପରି ଛତିଶଗଡ଼ ନାରୀମାନେ ମଧ ଚିତା କୁଟାଇବା (ବାନା ଗୋଦନା) ରେ ଭାରି ଆଗ୍ରହୀ ହୋଇଥାନ୍ତି । ସେମାନେ ଗୋଦନାରୀ (ଗୋଧାରୀନ୍-ଚିତା କୁଟାଇବା ନାରୀ) ଦ୍ୱାରା ପୁରୁଣା ରୀତିରେ ଚିତା କୁଟାଇଥାନ୍ତି, ଯାହା ପୀଡ଼ାଦାୟକ ହୋଇଥାଏ ।

ଆଦିବାସୀ ଲୋକ ଗୀତରେ ଚିତା କୁଟାଇବାର ହୃଦୟସ୍ପର୍ଶୀ ବର୍ଣ୍ଣନା :-

ଯେତେବେଳେ ଗୋଦନୀ ଝିଅଟିକୁ ଚିତା କୁଟୁଛି, ସେତେବେଳେ ଝିଅଟି ଗୋଦନୀକୁ ପୀଡା ନହେଲା ପରି, ମୃଦୁ ମୃଦୁ ଭାବରେ ଚିତା କୁଟିଦେବାକୁ ଅଭିଳାଷ କରି ନିମ୍ନମତେ ଗୀତ ଗାଉଛି ।

ଧୀରେ ଧୀରେ ଚିତା କୁଟାଇବେ ଚିତା ଧୀରେ ଧୀରେ
ପ୍ରଥମେ ମୋ ଶାଶୁଙ୍କୁ, ତାପରେ ମୋ ନଣନ୍ଦକୁ
ତା'ପରେ ଯାଇ ମୋ ବାହୁରେ
ଧୀରେ ଧୀରେ ଚିତା କୁଟାଇ ଦେ, ଚିତା ଧୀରେ ଧୀରେ ।
ଧୀରେ ଧୀରେ ଚିତା କୁଟାଇ ଦେ ଚିତା ଧୀରେ ଧୀରେ
ପ୍ରଥମେ ମୋ ପାଦ ଉପରେ ବଳାଗଣ୍ଠି ତଳକୁ
ତା ପରେ ମୋ ଜଙ୍ଘରେ
ଧୀରେ ଧୀରେ କୁଟାଇଦେ, ଚିତା ଧୀରେ ଧୀରେ ।

ପ୍ରଥମେ ମୋ ଛାତିରେ ଆଙ୍କିଦେ ଚିହ୍ନ ଆଙ୍କିଦେୟ
ତା ପରେ ମୋ ପିଠିରେ
ଧୀରେ ଧୀରେ ଚିତା କୁଟାଇଦେ ଚିତା ଧୀରେ ଧୀରେ ।

ପ୍ରଥମେ ମୋ କପାଳରେ
ଆଙ୍କିଦେ ଏକ ଚୁଲୀର ଚିହ୍ନ
ତାପରେ ମୋ ସାରା ଦେହରେ
ଧୀରେ ଧୀରେ ଚିତା କୁଟାଇ ଦେ ଚିତା ଧୀରେ ଧୀରେ ।

(ଫୋକ୍ ସଙ୍ଗସ୍ ଅଫ୍ ଛତିଶଗଡ଼ ପୁସ୍ତକରେ ୧୩, ୧୪ ପୃଷ୍ଠାରେ ଥିବା ଗୀତର ଓଡ଼ିଶା ଓଡ଼ିଶା ଭାଷାନ୍ତର - ସୁବାସ ଚନ୍ଦ୍ର ମିଶ୍ର) ।

ଏହି ଲୋକଗୀତରୁ ଏହା ସ୍ୱଷ୍ଟ ଯେ, ଚିତା କୁଟାଇବା ସମୟରେ ନାରୀ ଶରୀରର କେଉଁ କେଉଁ ସ୍ଥାନରେ ଚିତା କୁଟାଇବା ପାଇଁ ଗଣ୍ଡ ଜନଜାତିର ନାରୀମାନେ ପସନ୍ଦ କରିଥାନ୍ତି ।

ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ତଥା ସୀମାନ୍ତ ଛତିଶଗଡ଼ ଅ ଳରେ ମାଡ଼ିଆ ଗଣ୍ଡ ଜନଜାତି ଗୋଷ୍ଠିଙ୍କ ଧାଙ୍ଗଡ଼ି ଧାଙ୍ଗଡ଼ା ବସା, ଯାହାକୁ ଗୋଟୁଲ୍ କୁହାଯାଏ, ଯେଉଁଠି ଗ୍ରାମର ବୟସ୍କା ସ୍ତ୍ରୀମାନେ ଯୁବତୀ ଯୁବକମାନଙ୍କୁ ସମାଜର ରୀତିନୀତି, ଚାଲିଚଳଣ, ସାମାଜିକତା, ଅତିଥି ପରାଣୟତା, ପାରମ୍ପରିକ ଗୀତ, ନୃତ୍ୟ, ସଙ୍ଗୀତ, ଚିତ୍ରକଳା ଆଦିର ଶିକ୍ଷା (ଲିଙ୍ଗୋ-ଲିଙ୍ଗୋ ମହାଦେବ, ପେନ୍-ଦେବତା) ପ୍ରତିଷ୍ଠା କରିଥିଲେ, ଯାହା ଅତି ପବିତ୍ର ସ୍ଥାନ, ସେଠି ପୁଅ ଝିଅମାନେ ଯୌବନ କାଳର ସମସ୍ତ କ୍ରିୟାକଳାପ ଶିକ୍ଷା କରୁଥିଲେ । ବ ର୍ତମାନ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ମାଡିଆ ଗଣ୍ଡମାନଙ୍କର ଗୋଟୁଲ୍ ଏକ ବିଲୟମାନ ଅନୁଷ୍ଠାନ । ଏତାରେ

ଗଣ୍ଡ ସମାଜ, ଏହା ଏକ ଅଶାଳୀନ, ଅଶ୍ଳୀଳ ଅନୁଷ୍ଠାନ ମନେ କରି ଏହା ଯୌନାଚାରର କେନ୍ଦ୍ର ଭାବେ ବିବେଚନା କରି ୧୯୭୨ ମସିହାରେ ଗଣ୍ଡ ସମାଜ ସମ୍ବିଧାନ ପ୍ରଣୟନ କରି ଏହି ଅନୁଷ୍ଠାନକୁ ବନ୍ଦ କରି ଦେଲେ, କିନ୍ତୁ ଛତିଶଗଡ଼ରେ ଏହା ଏବେବି କାର୍ଯ୍ୟରତ ।

ଗଣ୍ଡ ନାରୀଙ୍କ ଦୃଷ୍ଟିରେ ଚିତା(ବୋନା) କୁଟାଇବା ଏକ କଳାତ୍ମକ ଆଭୂଷଣ -

ଗୋଟୁଲ୍‌କୁ ଆସୁଥିବା ମୋଟିୟାରିନ୍ (ପ୍ରେମ ମନସ୍କ ଯୁବତୀ / ପ୍ରେମିକାର ନାମ)ର ପ୍ରିୟ ଆଭୂଷଣ ହେଉଛି ବାନା ବା ଚିତା । ସେ ବିଶ୍ୱାସ କରିଥାଏ ଯେ ଚିତା ନା କୁଟାଇବା ଦ୍ୱାରା ତା ଜୀବନର ସୌନ୍ଦର୍ଯ୍ୟ ଅପୂର୍ଣ୍ଣ ରହିଯିବ । ଚିତା କୁଟାଇବା ଦ୍ୱାରା ତାର ସୌନ୍ଦର୍ଯ୍ୟ ଯେମିତି ଦ୍ୱିଗୁଣିତ ହୋଇଯିବ । ଚିତା ଏପରି ଏକ ଆଭୂଷଣ ଯାହା ଚିରସ୍ଥାୟୀ ହୋଇଥାଏ, ଏବଂ ମୃତ୍ୟୁପରେ ବି ବା ସହିତ ରହିଥାଏ । ଚିତା କୁଟାଇବା ପରେ ପ୍ରେମୀ ଯୁବକ ତା ପ୍ରେମିକାକୁ ସବୁ ବେଳେ ନିଜ ନଜରରେ ରଖିଥାଏ । ଏହି ସମସ୍ତ ଗୋଟୁଲ୍‌ର ଝିଅ ଚିତା କୁଟାଇବାରେ ବିଶ୍ୱାସ ରଖିଥାଏ ଓ ନିଜ ଇଚ୍ଛାର ମୂଲ୍ୟବାନ୍ ଆଭୂଷଣ ପିନ୍ଧିବା ବଦଳରେ ଚିତା କୁଟାଇ ପୂରା କରାଯାଏ । ଗୋଟୁଲ୍‌ର ଝିଅମାନେ କପାଳ, ଛାତି, ବାହୁ, କଟି, ପାପୁଲିର ପୃଷ୍ଠଭାଗ, ଆଣ୍ଠୁ ଉପର ଭାଗ, ଗୁପ୍ତାଙ୍ଗ, ପାଦର ଆଙ୍ଗୁଠି, ପେଣ୍ଡା, ହାତ, ସ୍ତନ ଓ ପାଦ ଉପରେ ଚିତା କୁଟାଇଥାନ୍ତି ।

ଗୋଟୁଲ୍ ଝିଅମାନଙ୍କର ଚିତା କୁଟାଇବା କାର୍ଯ୍ୟ ଗଣ୍ଡ ଜନଜାତିର ସ୍ତ୍ରୀ ମାନେ କରିଥାନ୍ତି ଯାହାକୁ ଗୋଦନାରୀ କୁହାଯାଏ । ଗୋଟୁଲ୍‌କୁ ଆସୁଥିବା ଝିଅମାନେ (ମୋଟିୟାରିନ୍) ମୟୂର, ଶିକୁଳୀ, କଙ୍କଡ଼ା, ବିଛା, କଳାବିନ୍ଦୁ, ଗଛ, ସର୍ପାକାର ଆକୃତି, ଫୁଲ, ପତ୍ର, ରେଖା, ଲାଲ୍ ପିମ୍ପୁଡ଼ି, ଜଙ୍ଘରେ ବିନ୍ଦି, ରେଖା, ଛାତିରେ ମାଛ, କଣ୍ଠହାର, ହାତୀ, ବୋଇତାଳୁ, ଭ୍ରମର, ଚାଉଳ ଆଦି ଚିତ୍ର କୁଟାଇଥାନ୍ତି ।

ଗୋଟୁଲ୍ ଝିଅମାନଙ୍କର ଚିତା କୁଟାଇବା ଗୀତ -

୧) ଇଲି ଓଝିଲି ଗୋଦାଲୀ ବାଁହା
ଇଜତ ଗେଲି ମରଜଦ ଗେଲି
ଘାଂଡି ଦେ ମହାଂରେ

ଓଡ଼ିଆ ରୂପାନ୍ତର - ଗୋ ମୋର ପ୍ରିୟ
ଚିତା କୁଟାଇ ଦେଉଥିବା ସ୍ତ୍ରୀ
ତୁ ମୋ ପ୍ରେମିକର ନାମ
ମୋ ବାହୁରେ ଚିତା କୁଟାଇଦେ
ଏହାକୁ ଦେଖି
ମୋର ସାଙ୍ଗସାଥି ସବୁ
ପରିହାସ କରିବେ, ହସିବେ ସିନା
ମୋ ପ୍ରେମିକର ନାମ
ମୋ ହାତରେ ସଦା ରହିଥିବ
ସଦା ରହିଥିବ

୨)	ରସ୍ତା ରେରେଙ୍ଗେ ହଲାଲେ କୋହନୀ
ତୋରା ଆଂରଫ ମେ ସଓ୍ୱୋନୀ
ଖୋଫା ମୋ ମୋହନୀ
ଖୋଫା ମୋ ମୋହନୀ
ରସ୍ତା ରେରେଙ୍ଗେ ହଲାଲେ ମୋହନୀ

ଓଡ଼ିଆରୂପାନ୍ତର – ହେ ରାସ୍ତାରେ ଧୀରେ ଧୀରେ
ଚାଲୁଥିବା ମୋର ପ୍ରିୟ ପ୍ରେମିକ
ତୋତେ କ'ଣ ଦିଶୁନାହିଁ
ମୋ କୁଟାଇ ଥିବା ଚିତା
ଦେଖି ମୋ ଆଖି କୋଣରେ
କୁଟାଇ ଥିବା ଚିତା ଯୋଗୁଁ
ମୋ ଆଖି କେଡ଼େ ସୁନ୍ଦର ଦିଶୁଚି
କମନୀୟ ଦିଶୁଚି
କ'ଣ ଏବେବି ମୋ ରୂପ ତୋର
ମନକୁ ପାଉନି ।

୩)	ପୀଡାଶମନ ପାଇଁ ଦେବୀଙ୍କୁ ପ୍ରାର୍ଥନା
ମା ଗୋ ଆମର ପ୍ରାର୍ଥନା ଶୁଣ ମା
ତୁମେ ନ ଦେଇଥିଲ ପ୍ରତିଶ୍ରୁତି
ମା ଗୋ କଷ୍ଟହେଉଛି ମା
ଛୁ< ଜ୍ୱଳନ ଶାନ୍ତ କରିଦେ ମାଁ
ଆମର ପ୍ରାର୍ଥନା ଶୁଣ ।

ପ୍ରଥମ ଗୀତରେ ଗୋଦନୀକୁ ପ୍ରେମିକା ତାର ବାହୁରେ ପ୍ରେମିକର ନାମ ଖୋଦେଇ କରିଦେବାର ଅନୁରୋଧ, ସମସ୍ତଙ୍କ ପରିହାସ ସ ୍ୱ ପ୍ରେମିକର ନାମ ଧାରଣ କରିବାର ମାନସିକ ସନ୍ତୁଷ୍ଟିକୁ ସୂଚାଇ ଦେଉଛି । ଦ୍ୱିତୀୟ ଗୀତରେ ପ୍ରେମିକା ଚିତା କୁଟାଇ ଥିବାରୁ ସେ କେତେ ସୁନ୍ଦର ଦିଶୁଛି, ତାର ଆଖି କେତେ କମନୀୟ ହାଇ ଉଠିଛି । ଏହି ସୌନ୍ଦର୍ଯ୍ୟ କଥା ଶୁଣାଇ ପ୍ରେମିକା ତା ପ୍ରେମିକର ମନ ଜାଣିବାକୁ ଇଚ୍ଛା କରୁଛି । ସତରେ କ'ଣ ଚିତା କୁଟାଇବା ଦ୍ୱାରା ତାର ଯେଉଁ ସୁନ୍ଦରପଣିଆ ବଢ଼ିଯାଇଛି, ତାହା ତା (ପ୍ରେମିକର) ମନକୁ ପାଉନାହିଁକି ?

ତୃତୀୟ ଗୀତରେ ଗ୍ରାମ ଦେବତୀଙ୍କୁ ଚିତା କୁଟାଇବା ସମୟରେ ପୀଡ଼ା ଓ ଜ୍ୱଳନକୁ ଶାନ୍ତି କରିବା ପାଇଁ ପ୍ରାର୍ଥନା କରାଯାଇଛି । ଉପଯୁକ୍ତ ଗୀତଗୁଡ଼ିକରୁ ଯୁବତୀର ମାନସିକତା, ସୌନ୍ଦର୍ଯ୍ୟ ଚେତନା, ଦେବଦେବୀଙ୍କ

ପ୍ରତି ବିଶ୍ୱାସର କଥା ଜାଣିହୁଏ । ପ୍ରେମଲଗ୍ନା ଯୁବତୀର ପ୍ରେମୀ ପ୍ରତି ମନୋଭାବ ଏହି ସଂକ୍ଷିପ୍ତ ଗୀତରେ କେତେ ସୁନ୍ଦର ଭାବରେ ଅଭିବ୍ୟକ୍ତ ନ ହୋଇଛଇ ସତରେ ।

(ଛତିଶଗଡ଼ୀ ଗୀତର ଓଡ଼ିଆ ରୂପାନ୍ତରଣ - ସୁବାସ ଚନ୍ଦ୍ର ମିଶ୍ର)

ପୁଅ ଝିଅ ଖେଳ । ବାଲି ଖେଳରୁ ଯୌବନର ସ୍ପର୍ଶ । ନିକଟତର ହେବାର ଅସ୍ଥିର ଭାବ ଆସିଥାଏ ଯୌବନ ଛୁଇଁଲେ । ବିବାହ ବୟସ ଆସିଗଲେ, ମାଁ, ମାଉସୀ, ମାଇଁ, ପିଉସୀ ସମସ୍ତେ ଜାଣି ଯାଆନ୍ତି ଯେ ଝିଅ ବାହା ହୋଇ ପର ଘରକୁ ଯିବ, ଏଣୁ ଚିତା କୁଟାଇବା ସମୟ ଆସିଯିବ । ବାପ ଘର ଛାଡ଼ି ଶାଶୁଘର ଯିବା ଆଶଙ୍କାରେ ଝିଅ କାତର । ଚିତା କୁଟାଇବା ସ୍ତ୍ରୀ ବଢ଼ିଲା ଝିଅର ହାତରେ, ବାହୁରେ, କପାଳରେ, ଗାଲରେ, ଥୋଡ଼ିରେ, ହାତ ପାପୁଲିରେ ଉପର ପାଖରେ, ଜଙ୍ଘରେ, ପେଣ୍ଡାରେ, ସ୍ତନରେ, ଛାତିରେ କୁଟାଇ ଦେବ ଚିତା, କେତେ କଷ୍ଟ, କେତେ ପୀଡା ହେବ । ବୟସ ନହେଉଣୁ ପର ଘରକୁ ପଠାଇ ଦେବାର ପ୍ରସ୍ତୁତି ଦେଖି ଝିଅ କାନ୍ଦୁଛି, ମା, ଭାଉଜ ତାକୁ ବୁଝାଉଛନ୍ତି, ଝିଅର ବୟସ ହେଲେ ସେ ପର ଘରକୁ ଯିବ, ଏହା ଏହି ମାଟି ମ ୍ୟର ସବୁ ଝିଅଙ୍କ ପାଇଁ ସତ୍ୟ, ଏଣୁ ଝିଅ କାନ୍ଦିବା ଉଚିତ ନୁହେଁ । ସେ ଖୁସୀରେ ଚିତା କୁଟାଉ, ଆନନ୍ଦରେ ଚିତାକୁ କୁଟାଇ । ନିମ୍ନ ଲୋକଗୀତଗୁଡ଼ିକରେ ଭତରା ଜନଜୀବନର ଏହି ବିଷୟକୁ ନେଇ ମର୍ମସ୍ପର୍ଶୀ ଭାବ ଶୁଣିବାକୁ ମିଳେ ସେଗୁଡ଼ିକ ଯେତେ କରୁଣ, ସେମିତି ଅଶ୍ଳୀଳ ।

## ଝିଅର ଗୀତ

ଆୟା ଆୟା ମକେ ବାନା ଗାଦ୍‌ବାଏତେ
ଆୟା ମକେ ବାନା ଗାଦ୍‌ବା ଏଚେ (୨ ଥର)
ଗଟ୍ ଗଟ୍ ଟକ୍ କେ ସଏ ଟାକା ଦରବାଏତେ
ଆୟା ମକେ ବାନା ଗାଦ୍‌ବାଏ ଚେ (୨ ଥର)
ମଁର ବନ୍ଦି ଚଡାଓ ଆୟା ମଁର ବନ୍ଦି ଚଡାଓ
ଗଟ୍ ଗଟ୍ ଟକ୍‌କେ ସଏ ସଏ ଟାକା ଦରବା ଏଚେ
ଆୟା ସଏ ସଏ ଟାକା ଦରବାଏଚେ । (ଭତରୀ ଲୋକଗୀତ)

ଗୀତର ଓଡ଼ିଆ ଅନୁସୃଜନ÷-
ମାଁ ମାଁ ମୋତେ ଚିତା କୁଟାଇ ଦେଉଛନ୍ତି
ମାଁ ମୋତେ ଚିତା କୁଟାଇ ଦେଉଛନ୍ତି
ଥରେ ଥରେ ଖୋଦେଇ ଦେଇ
ଶହେ ଶହେ ଟଙ୍କା ନେଉଛନ୍ତି ମାଁ
ମୋତେ ଚିତା କୁଟେଇ ଦେଉଛନ୍ତି

ମୋତେ ଏହି ବନ୍ଦିତ୍ୱରୁ ମୁକ୍ତ କର ମାଁ (୨ଥର)
ଥରେ ଥରେ ଖୋଦେଇ ଦେଇ
ଶହେ ଶହେ ଟଙ୍କା ନେଉଛନ୍ତି
ଶହେ ଶହେ ଟଙ୍କା ନେଉଛନ୍ତି

ମାର ଗୀତ :

ଗଦାଓ ଗଦାଓ ବେଟି ଗଦାଓ ଗଦାଓ
ତର୍ ମନ୍‌କେ ଗଦାଓ ନନି
ତର୍ ମନ୍‌କେ ଗଦାଓ
ଆମି ପଇସା ଦେବୁ କାୟ୍ ଆମି ଚଡାଏ ନବୁ
ଆମି ପଇସା ଦେବୁ କାୟ୍ ଆମି ଚଡାଏ ନବୁ ।

ଓଡ଼ିଆ ଅନୁସୃଜନ :

ଚିତା କୁଟା ଚିତା କୁଟା ଝିଅ ଚିତା କୁଟା ଚିତା କୁଟା
ତୋ ମନ ଇଚ୍ଛାନୁସାରେ ଚିତା କୁଟା
ତୋ ମନ ଅନୁସାରେ ଚିତା କୁଟା
ମୁଁ ପଇସା ଦେବି ତୋତେ ବନ୍ଦୀତ୍ୱକୁ ମୁକ୍ତ କରିବି
ମୁଁ ପଇସା ଦେବି ମାଁ ତୋତେ ବନ୍ଦୀତ୍ୱରୁ ମୁକ୍ତ କରିବି ।

ଝିଅର ଗୀତ :

ତର୍ ଗରେ ରେଲି ଆୟା ତର୍ ଗରେ ରେଲି
ବେଟା ଏଲେ ତରଗର୍‌ତେ ନାଙ୍ଗର ଦରତି ରେଡି
ଆଜି ତର ଗର୍‌ତେ ନିକରି ଯାଇସି ଆୟା
ତର୍ ଗର୍ ସୁନା ଏଲା
ଉଡ୍‌ଲା କରମ୍ ଏଲା ଆୟା
ଉଡ୍‌ଲା କରମ୍ ଏଲା
ମର ବନ୍ଦି ଚଡାଓ ଆୟା
ମର୍ ବନ୍ଦି ଚଡାଓ ଆୟା ।

ଓଡ଼ିଆ ଅନୁସୃଜନ :

ତୋ ଘରେ ଥିଲି ମୁଁ, ତୋ ଘରେ ଥିଲି
ପୁଅ ହେଇଥିଲେ ମାଁ, ଲଙ୍ଗଳ ଧରିଥାନ୍ତି
ଜମିରେ ଚାଷ କରିଥାନ୍ତି

ଆଜି ତୋ ଘରୁ ଚାଲିଯିବି ମାଁ
ଆଜି ତୋ ଘରୁ ବାହାରି ଯିବି
ତୋ ଘର ଖାଲି ହୋଇଯିବ ମାଁ
ଖାଲି ହୋଇଯିବ ।
ତୋ ଘର ଖାଲି ହୋଇଗଲା ମାଁ
ଖାଲି ହୋଇଗଲା
ମୋ କପାଳ ଫାଟିଲା ମାଁ, ମୋ କପାଳ ଫାଟିଲା
ମୋତେ ବନ୍ଦୀତ୍ୱରୁ ମୁକ୍ତ କର ମାଁ
ମୋତେ ବନ୍ଦୀତ୍ୱରୁ ମୁକ୍ତ କର ।

ମାର ଗୀତ :

ଗଦାଓ ଗଦାଓ ବେଟି ଗଦାଓ ଗଦାଓ
ମନ୍ କରି ଗଦାଓ ବେଟି ମନ କରି ଗଦାଓ
ନନି ଜନମ ଏଲେ ନନି ଆୟା ଗର୍‌କେ ଚାଡସି
ନନି ମନ୍‌କେ କୋନ୍ ନନି ଗରତେ ସଙ୍ଗେଇ ରଇସି
ତର ମନ୍‌କେ ଗଦାଓ ବେଟି ତର୍ ମନକେ ଗଦାଓ

ଓଡ଼ିଶା ଅନୁସୃଜନ :

ଚିତା କୁଟା ଚିତା କୁଟା ଝିଅ ଚିତା କୁଟା ଚିତା କୁଟା
ତୋ ମନ ଇଚ୍ଛାରେ ଚିତା କୁଟା ଝିଅ
ଝିଅ ଜନମ ପର ଘରକୁ ମାଁ, ମାଁ ଘର ଛାଡ଼ିଯିବ
ଝିଅମାନଙ୍କୁ କିଏ ଘରେ ରଖି ପାରିବ
ତୋ ମନ ଇଚ୍ଛାରେ ଚିତା କୁଟା ଝିଅ
ତୋ ମନ ଇଚ୍ଛାରେ ଚିତା କୁଟା ।

ଚିତା କୁଟାଉଥିବା ଝିଅର ଭାଉଜକୁ ଗୁହାରୀ ଗୀତ

ମକେ ବାନା ଗଦବାଏଚେ ବଉ
ମକେ ବାନା ଗଦବାଓଚେ
ମଁର ଆତକେ ଦରଲା ଏଚେ ବଡ଼
ମଁର ଆତକେ ଦରଲା ଏଚେ
ଆତକେ ଦରି ବସାଏଲାଏ ବଈ
ଗଟ୍ ଗଟ୍ ଟକ୍‌କେ ସଏ ସଏ ମୂଲ ବଉ

ସଏ ସଏ ମୂଲ୍
ମଁର ବନ୍ଦି ଚଡାଓ କାଏ ବଉ
ମଁର ବନ୍ଦି ଚଡାଓ
ମକେ ବାନ ଗଦବାଏଚେ ବଉ
ମକେ ବାନ ଗଦାବାଏଚେ ।

ଓଡ଼ିଆ ଅନୁସୃଜନ :
ମୋତେ ଚିତା କୁଟାଉ ଦେଉଛନ୍ତି ଭାଉଜ ମୋର
ମୋତେ ଚିତା କୁଟାଇ ଦେଉଛନ୍ତି
ମୋ ହାତକୁ ଧରିଲେ ଭାଉଜ ମୋର
ହାତକୁ ଧରିଲେ
ହାତ ଧରି ବସାଇଲେ ମୋତେ ଭାଉଜ
ହାତ ଧରି ବସାଇଲେ
ଥରେ ଥରେ ଛୁ଼ ଫୋଡ଼ିବାକୁ ଶହେ ଶହେ
ଟଙ୍କା ନେଉଛନ୍ତି ଭାଉଜ ମୋର
ଶହେ ଶହେ ଟଙ୍କା ନେଉଛନ୍ତି
ମୋତେ ବନ୍ଦୀତ୍ୱରୁ ମୁକ୍ତ କର ଭାଉଜ ମୋର
ମୋତେ ବନ୍ଦୀତ୍ୱରୁ ମୁକ୍ତ କର

ନଣନ୍ଦକୁ ସାନ୍ତ୍ୱନା ଦେଇ ଭାଉଜର ଗୀତ:
ମନ କରି ଗଦା କାଯ୍ ନନି ମନ କରି ଗଦା
ଆମି ପଇସା ଦବୁ ଆମି ବଡାଏ ନବୁ
ନନି ଜନମ୍ ଏଲେ ନନି
ନନି ଜନମ୍ ଏଲେ
ସଂକଡିଦେଇତେ ଏସି ନନି
ଜିଉ ଜାଇତେ ରେଲେ
ତର୍ ମନକେ ଗଦାଓ ନନି
ତର୍ ମନକେ ଗଦାଓ ।

ଓଡ଼ିଆ ଅନୁସୃଜନ :

ତୋ ମନ ମୁତାବକ ଚିତା କୁଟା ଝିଅ
ତୋ ମନ ମୁତାବକ ଚିତା କୁଟା
ମୁଁ ପଇସା ଦେବି ଝିଅ
ତୋତେ ମୁକୁଳାଇ ଆଣିବି
ଝିଅ ଜନମ ହେଲେ
ଅଇଁଠା ଧୋଇବାକୁ ପଡ଼େମା
ନିସ୍ତାର ନାହିଁ ସଂଖୁଡ଼ି ଧୋଇବାରୁ
ଯମ ଡାକିଲା ଯାଏ
ତୋ ମନ ମୁତାବକ ଚିତା କୁଟା ଝିଅ
ତୋ ମନ ମୁତାବକ ଚିତା କୁଟା

ଚିତାକୁଟାକୁ ନେଇ ଏମିତି ଅନେକ ଗୀତ ଗଣ୍ଡ, ହାଲବୀ, ଭତରା, ଜନଜାତି ଗୋଷ୍ଠିରେ ଶୁଣିବାକୁ ମିଳେ । ଏହି ଗୀତ ଗୁଡ଼ିକ ଝିଅର, ମାଁର, ଭାଉଜର ମନର କରୁଣ ଭାବକୁ ଚିତ୍ରିତ କରିଥାଏ । ସାମାଜିକ ପରମ୍ପରାରେ ଆଦିବାସୀ ସମାଜରେ ଚିତା କୁଟାଇବାର ପରମ୍ପରା ଏବେ ବି ଅଛି । ପୁରୁଣା ଚିତା କୁଟାଇବା ରୀତି ବଦଳରେ ଏବେ ଚିତା କୁଟାଣି (ଗୋଦନୀ) ମାନେ କିଛି ନୂଆ ରୀତି ଆପଣେଇ ନେଲେଣି ।

ଉପଯୁକ୍ତ ଗୋଦନୀ ଗୀତ ଗୁଡ଼ିକ ନବରଙ୍ଗପୁର ଜିଲ୍ଲା, ଝରିଗାଁ ପ ।ୟତ ସମିତି ଅନ୍ତର୍ଗତ ମହଣ୍ଡି, ବେଲଗାଁ, ଚିତାବେଡା, ଝରିଗାଁରୁ ସଂଗୃହୀତ । ଏହାକୁ ସଂଗ୍ରହ କରିଛନ୍ତି ଗବେଷକ ଶ୍ରୀ ଭଗବାନ ଦଳେଇ । ଅନୁସୃଜନ କରିଛନ୍ତି ସୁବାସ ଚନ୍ଦ୍ର ମିଶ୍ର । ଏହି ଗୋଦନୀ ଗୀତ ଗୁଡ଼ିକ ଗାଇଛନ୍ତି ଶ୍ରୀମତୀ ସୁହୁରି ଦେଇ, ୬୦ ବର୍ଷ, ଶ୍ରୀମତୀ ଅନ୍ତି ଦେଇ, ୫୦ ବର୍ଷ, ଗ୍ରାମ - ମହଣ୍ଡି, ଝରିଗାଁ ବ୍ଲକ, ଜିଲ୍ଲା - ନବରଙ୍ଗପୁର ।

ସାଂପ୍ରତିକ କାଳଖଣ୍ଡରେ ଓଡ଼ିଶାରେ ଗ୍ରାମ୍ୟ ଜୀବନ ଶୈଳୀ ସହିତ ଜନପ୍ରଦ, ସହର ଜୀବନ ଶୈଳୀ, ସହାବ୍ ସ୍ଥାନ କରିବାର ଦେଖାଯାଏ । ଗୋଟିଏ ପଟେ ଉନ୍ନତ ସହର ତାର ବଡ଼ ବଡ଼ କୋଠାଘର, କ୍ଷିପ୍ର ଓ ବେଗଗାମୀ ଜୀବନ ଶୈଳୀ ଓ ସବୁ ସୁବିଧା -ସୁଯୋଗକୁ ନିଜର କରି ପାରୁଥିବା ବେଳେ ଅନ୍ୟପଟେ ଠିକ୍ ତାହାର ଏକ ବିପରୀତ ଧର୍ମୀ ଆଦିବାସୀ ସଂସ୍କୃତିର ସ୍ୱରୂପ ଓଡ଼ିଶାରେ ଦୃଶ୍ୟମାନ ହୁଏ । ଏହି ଜୀବନ୍ତ ବର୍ଣ୍ଣମୟ ସଂସ୍କୃତିର ଛାପ ସହର ଜୀବନ ଶୈଳୀରେ ସେ ପଡୁଛି ଯେମିତି କି ସେମାନଙ୍କ ଲୋକନୃତ୍ୟ, ଗୀତ, କଳା, ହସ୍ତଶିଳ୍ପ, କବିତା ଓ ଚିତା କୁଟାଇବା ।

ଚିତା କୁଟାଇବା ବହୁ ପ୍ରାଚୀନ ହେଲେ ବି ଏ କାଳକୁ ନୂଅ ନୂଆ ଢ଼ଙ୍ଗରେ, ନୂଆ ନୂଆ ଶୈଳୀରେ ଆଦିବାସୀ ସଂସ୍କୃତିରୁ ସଂକ୍ରମିତ ହୋଇ ସହରି ଜୀବନକୁ ଯେ ପ୍ରଭାବିତ କଲାଣି ଏଥିରେ ସନ୍ଦେହ ନାହିଁ ।

ଖୋଲା ଦେହକୁ ଏକ ଚିତ୍ରପଟ କରି ତହିଁରେ ବିଭିନ୍ନ ସଙ୍କେତ ଓ ଆକୃତିର ଚିତା କୁଟାଇବା ଆଧୁନିକ ଯୁଗର ଯୁବକ ଓ ଯୁବତୀଙ୍କ ମଧ୍ୟରେ ବହୁଳ ଦେଖାଯାଉଛି ।

ଆଦିବାସୀ ଲୋକ ସଂସ୍କାରରେ ଚିତା କୁଟାଇବା ଏକ ସାମାଜିକ ଚଳଣୀ ଭାବେ ଯୁଗ୍ମ ଯୁଗରୁ ଯୁବକ ଯୁବତୀ ପ୍ରାଣକୁ ଆକର୍ଷଣ କରି ଆସୁଛି । ଚିତାଗୁଡ଼ିକରେ ବିଭିନ୍ନ ପ୍ରତୀକ, ଆକୃତି, ଚିହ୍ନ ଆଦିବାସୀ ଜୀବନର ଦୈନନ୍ଦିନ ଜୀବନ ସହିତ ଯେ ସଂପର୍କିତ ହୋଇଥାଏ, ଏଥିରେ ସନ୍ଦେହ ନାହିଁ । ବିଶେଷତଃ ଆଦିବାସୀ ନାରୀମାନଙ୍କର ବିଶ୍ୱାସ ଯେ ଯିଏ ଯେତେ ସଂଖ୍ୟକ୍ର ଚିତାର ଧାରିକା, ସିଏ ସେତେ ସୌନ୍ଦର୍ଯ୍ୟମୟୀ । ଚିତା କୁଟାଇବା ମୂଳରେ ଏହି ସୌନ୍ଦର୍ଯ୍ୟ ଚେତନା ବୋଧହୁଏ ସବୁଠୁ ବେଶି ଆଦିବାସୀ ନାରୀଙ୍କୁ ପ୍ରଭାବିତ କରିଥାଏ ।

ନିର୍ଦ୍ଦେଶକ
ଆଦିବାସୀ ଭାଷା ଓ ସଂସ୍କୃତି ଗବେଷଣା କେନ୍ଦ୍ର
ଉମରକୋଟ, ଜିଲ୍ଲା - ନବରଙ୍ଗପୁର, ଓଡ଼ିଶା
ପିନ୍- ୭୬୪୦୭୩, ମୋବାଇଲ୍ - ୦୯୪୩୭୮୬୨୭୬୬

# ସାନ୍ତାଳ ସମାଜରେ 'ଖଦା' (ଚିତାକୁଟା ) ପରଂପରା

ଦମୟନ୍ତୀ ବେଶ୍ରା

ଆଦିମ କାଳରୁ ମଣିଷ ତାର ସ୍ୱାଦ, ସ୍ୱଭାବ,ଅଭିରୁଚି ଓ ପରିକଳ୍ପନାକୁ ନେଇ ସ୍ୱଚ୍ଛନ୍ଦ ଜୀବନ ଯାପନ କରି ଆସିଛି । ସେତେବେଳେ ବ ର୍ତ୍ତମାନ ପରି ସାମାଜିକ ବା ନ୍ୟାୟଗତ କଟକଣା ନ ଥିବାରୁ ସେ ଯାହା ଚାହୁଁଥିଲା ତାକୁ ସାକାର କରିବାରେ ଜୀବନକୁ ମଧ୍ୟ ବାଜି ଲଗାଇ ଦେଉ ଥିଲା ।ଏହି କ୍ରମରେ ମଣିଷର ଜୀବନ କେତେବେଳେ ସରଳ ସାବଲୀଳ ଥିଲା ତ କେତେବେଳେ ସଂଘର୍ଷପୂର୍ଣ୍ଣ ।ନାରୀପାଇଁ ପୁରୁଷ କିମ୍ବା ପୁରୁଷ ପାଇଁ ନାରୀ ଉଭୟେ ଉଭୟର ଆବଶ୍ୟକତା ଅନୁଭବ କରିବାରୁ ପାରିବାରିକ ବନ୍ଧନ ଭଳି ଏକ ଚିନ୍ତାଧାରା ଜନ୍ମ ନେଲା ଏବଂ ତାହାହିଁ ହେଲା ପରିବାର ସୃଷ୍ଟି ହେବାର ଆଧାର । ସେହି ବନ୍ଧନ ମଣିଷକୁ ଦେଲା ଭିନ୍ନ ଧରଣର ସ୍ୱାଦ ଓ ବଳ । ସେଇଟି ଥିଲା ଏକତାର । ତେଣୁ ତାହା ପ୍ରୋତ୍ସାହିତ କଲା ଏକତାକୁ ଅଧିକ ଗୁଢ଼ିମନ୍ତ କରିବା ପାଇଁ ଏବଂ ସମ୍ପ୍ରସାରିତ ହେଲା ଏକ ଏକ ଗୋଷ୍ଠୀ ଓ ସମାଜ ଭାବରେ ।ଏହିଠାରେ ସେମାନେ ଅନୁଭବ କଲେ ଯେ ଯାହା ଏକକ ଭାବରେ ତାଙ୍କ ପାଇଁ ଅଲଭ୍ୟ ଥିଲା, ତାହା ସମୂହରେ ସହଜ ହୋଇଯାଇଛି । ତେଣୁ ମନରେ ଜାତ ହେଉଥିବା କଳ୍ପନା କିମ୍ବା ରହସ୍ୟର ଉନ୍ମୋଚନ ପାଇଁ ସାମୁହିକ ଭାବରେ ବିଚାର ବିମର୍ଷ କରି ତାକୁ ରୂପ ଦେଲେ କିମ୍ବା କାରଣ ଖୋଜିଲେ । ଅନନ୍ତ ଆକାଶ, ଅସୀମ ଜଳରାଶି, ସୂର୍ଯ୍ୟର ଉଦୟ ଓ ଅସ୍ତ, ଋତୁ ଚକ୍ରର ଆବ ର୍ତ୍ତନ ଜନ୍ମ ମୃତ୍ୟୁର ରହସ୍ୟ କିନ୍ତୁ ରହିଗଲା ତା ପାଇଁ ଅସମାହିତ । ତାହାର ସକଳ ଶକ୍ତି ଏହାକୁ ଭେଦ କରିବାରେ ଫେଲ ମାରିବାରୁ ଅତିମାନବୀୟ ବା ଭଗବାନଙ୍କର ସୃଷ୍ଟିଭଳି ଚିନ୍ତାଧାରା ଜନ୍ମ ନେଲା । ମଣିଷର ବିଶ୍ୱାସ ଦୃଢ଼ିଭୂତ ହେଲା ଯେ ତାଙ୍କରି ଇଙ୍ଗିତରେ ମଣିଷ ମଧ୍ୟ ଜନ୍ମ ନିଏ ଓ ମୃତ୍ୟୁ ବରଣ କରେ ଏ ଭବ ସଂସାରର ଲୀଳାସାରି । ଯିଏ ଜନ୍ମ ନେଇଛି ସିଏ ଦିନେନା ଦିନେ ନିଶ୍ଚୟ ମରିବ । ଏହି କଥାକୁ ରାଧାନାଥ କହିଛନ୍ତି -

''କେହି ରହି ନାହିଁ ରହିବ ନାହିଁଟି<br>
ଭବରଙ୍ଗ ଭୂମି ତଳେ<br>
ସର୍ବେ ନିଜ ନିଜ ଅଭିନୟ ସାରି<br>
ବାହୁଡିବେ କାଳ ବଳେ ।''

ବାସ୍ତବରେ ଏ କାଳ କବଳରୁ ମୁକ୍ତି ପାଇବା ବାଟ ମଣିଷ ଆଜି ପର୍ଯ୍ୟନ୍ତ ଖୋଜି ପାରି ନାହିଁ । ପୃଥିବୀର ଶ୍ରେଷ୍ଠ ପ୍ରାଣୀ ମଣିଷ କାଳ ନିକଟରେ ନତ ମସ୍ତକ ହୋଇ ପରାଜୟକୁ ସ୍ୱୀକାର କରେ । କିନ୍ତୁ ସାନ୍ତାଳ ପରଂପରା ଏହାକୁ ସ୍ୱୀକାର କରେ ନାହିଁ । ଏ ଧରା ଧାମରେ ଅଭିନୟ କରି ସାରିଲା ପରେ, ମୃତ୍ୟୁଲୋକକୁ ଗଲେ ମଧ୍ୟ ତାର ନାମ ପୁଣି ଶୁଣିବାକୁ ଚାହେଁ ଜୀବିତ ମାନଙ୍କ ଓଠରେ । ସେଥିପାଇଁ ସାନ୍ତାଳ ଲୋକ କବି କହିଛି -

''ଞାପାମ କାନ ଲାଙ୍ ବାପାଗ୍ କାନ୍ ଲାଙ୍<br>
ଞାପାମାଲାଙ୍ ଦହଲା<br>
ଯାହାଁରେ ଗଜ୍ ହଳ ହଁ ବା ।ଅଃ ଆକ<br>
ଜିଓ୍ୱିଦାଃ ଲୁଟିରେ ଦହଲା ।''

ଓଡିଆ ରୂପାନ୍ତର -''ମିଳନ ପରେ ବିଚ୍ଛେଦ ଆମ<br>
ପୁନର୍ମିଳନ ପୁଣି

ମୃତକ ଯହିଁ ଜୀଇଁ ଉଠଇ
ଜୀବିତ ଓଠରେ ପୁଣି ।''

ସାନ୍ତାଳ ନାରୀ -ପୁରୁଷ ଏ ଭବସାଗରରୁ ଚାଲିଯିବେ ସିନା ତାଙ୍କ ନାମ ଟି ନାତି ନାତୁଣୀଙ୍କ ନିକଟରେ ବି ରହେ । କାରଣ ସାନ୍ତାଳମାନଙ୍କ ନାମ ଦିଆ ପରଂପରା ଅନୁସାରେ ପୁଅର ପ୍ରଥମ ପୁଅ ହେଲେ ବାପାର ନାମ ତାକୁ ଦିଆଯାଏ ।ଦ୍ୱିତୀୟ ପୁଅ ହେଲେ ଶ୍ୱଶୁରଙ୍କ ନାମ ଦିଏ ।ସେହିପରି ପ୍ରଥମ ଝିଅକୁ ମାଆର ନାମ ଦ୍ୱିତୀୟ ଝିଅକୁ ଶାଶୁର ନାମ ଦେଇଥାଏ ।ତେଣୁ ସାନ୍ତାଳ ମାନଙ୍କର ନାମ କେବେ ମରେ ନାହିଁ । ତା ମର ଶରୀର ସିନା ମାଟିରେ ମିଶିଯାଏ କିନ୍ତୁ ନାମ ରହିଯାଏ ଧରଣୀ ବକ୍ଷରେ ।କେବଳ ନାମ କରଣ କ୍ଷେତ୍ରରେ ନୁହେଁ ଅନ୍ୟାନ୍ୟ ପରଂପରାରେ ମଧ୍ୟ ଏହି ଧାରା ପ୍ରଚଳିତ ।

ସାନ୍ତାଳ ନାରୀ ଏବଂ ପୁରୁଷ ଉଭୟେ କଳାପ୍ରିୟ । କଳାକୁ ସେମାନେ Art for art's sake ବୋଲି ଗ୍ରହଣ ନ କରି Art for life sake ବୋଲି ଗ୍ରହଣ କରନ୍ତି । କଳାକୁ ନିଜ ଭିତରେ ବ ଇ ରଖିବାକୁ ଚାହାଁନ୍ତି । ସେଥିପାଇଁ ଘର କାନ୍ଥରେ,ବ୍ୟବହାର ଉପଯୋଗୀ ଉପକରଣରେ ଏବଂ ନିଜ ଶରୀରରେ ତାକୁ ରୂପ ଦେଇଥାଏ ।ଆବହମାନ କାଳରୁ ଏହି ପ୍ରଥା ଚାଲି ଆସିଛି ।ଏହା ସେ ସମୟର ଏକ ଏକ ପ୍ରସାଧନ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ପରଂପରା ଏବଂ ରୁଚିବୋଧକୁ ଲକ୍ଷ୍ୟ କରି କବି କୁଞ୍ଜ ବିହାରୀ ଦାଶ ଲେଖିଛନ୍ତି -

''ଝୁଲେ ଟାଙ୍ଗିଆ ତାର କାନ୍ଧରେ
ଦେହେ କେତେ ପରକାର ଚିତା
ଗଳେ ପୋହଳା କାଇଁଚ କଣ୍ଠିର ମାଳା
ଲାଲ ହଳଦିଆ ଫିତା ...''

ସାନ୍ତାଳମାନେ ଯେ କେବଳ ନିଜ ଅଙ୍ଗରେ ଚିତା କୁଟାଇ ଥାଆନ୍ତି ତା ନୁହେଁ, ଗୃହ ପାଳିତ ପଶୁଙ୍କ ଶରୀରରେ ମଧ୍ୟ ନିଜ ନିଜର ଗୋତ୍ର ସନ୍ତକକୁ ଖୋଦନ କରନ୍ତି ଦାଆର ଗରମ ଚେଙ୍କରେ ।

ସାନ୍ତାଳ ନୀତି ଅନୁସାରେ 'ଖଦା' ଓ 'ଶିଖା' ଚିହ୍ନବହନ କରିବା ଏକ ସାମାଜିକ ପ୍ରଥା ଅଟେ ।ଏହା ନାରୀ ଓ ପୁରୁଷ ଉଭୟେ ନିଶ୍ଚିତ ଭାବରେ ବହନ କରୁଥିଲେ ।ସାନ୍ତାଳ ଝିଅ ବିବାହ ପୂର୍ବରୁ ବାମ ହାତ, ବାମ ଗୋଡ,ବାମ କାନ୍ଧ, ବାମ ପାଖ ବେକରେ ଚିତା କୁଟାଇ ଥାଏ ।ବିବାହ ପରେ ସେହିପରି ଡାହାଣ ପାଖ ହାତ, ଗୋଡ, କାନ୍ଧ ତଥା ବେକରେ କରିଥାଏ ।ବିବାହ ପୂର୍ବରୁ କୌଣସି ଝିଅ ଚିତା କୁଟାଇ ନ ଥିଲେ ସେହି ଝିଅ ଶାଶୁ ଘରେ କନ୍ୟାର ମର୍ଯ୍ୟାଦା ପାଏ ନାହିଁ । ଏ ସଂପର୍କରେ J. Troisi ତାଙ୍କର Tribal Religion ପୁସ୍ତକରେ ଉଲ୍ଲେଖ କରିଛନ୍ତି -A girl without these tattoo marks will not be accepted by her mother-in-law as a daughter of the house. page - 166 କିନ୍ତୁ ସାନ୍ତାଳ ସମାଜ ନାରୀମାନଙ୍କୁ ଉଚ୍ଚ ଆସନ ଦେଇ ଥିବାରୁ ତାଙ୍କ ପାଇଁ ବିଶେଷ ରିହାତି ରୀତି ମଧ୍ୟ ରଖିଛି ଚିତା କୁଟାଇବା ପାଇଁ । କୌଣସି କାରଣବଶତଃ ଯଦି ଝିଅ ବାପଘରେ ଚିତା କୁଟାଇ ପାରିନାହିଁ ଏବଂ ବିବାହ ପରେ ଚିତା କୁଟାଇବା ପାଇଁ ଚାହେଁ ତା ହେଲେ ଯେତିକି ଟଙ୍କା ସେଥିପାଇଁ ଆବଶ୍ୟକ ତହିଁରୁ ଅଧା ବାପଘରୁ ଏବଂ ଅଧା ଶାଶୁ ଘରୁ ଆଣି ଦେଇଥାଏ ।

'ଶିଖା' ପୁରୁଷ ମାନେ ଧାରଣ କରନ୍ତି । ଏହା ଏବର ଟିକା ଚିହ୍ନ ପରି ଦେଖାଯାଏ ।ପ୍ରକୃତରେ ଏହା ଏକ ପୋଡା ଦାଗ, ଯାହା ବାମ ହାତର ଅଗ୍ରବାହୁରେ ଗ୍ରହଣ କରିଥାଆନ୍ତି । ତେଣୁ 'ଖଦା' ଏବଂ 'ଶିଖା' ଉଭୟ ସାନ୍ତାଳ ନାରୀ ଏବଂ ପୁରୁଷ ସ୍ୱଇଛାରେ ଶରୀରରେ ଧର୍ମର ସନ୍ତକ ଭାବରେ ଖୋଦନ କରାଇ ଥାଆନ୍ତି । ଏ ସଂପର୍କରେ ଚାରୁଲାଲ ମୁଖାର୍ଜି କହନ୍ତି -That the Santals consider tatooing as a special religious necessity, and its omission and offence, cannot be contested in view of the wide prevalence of the costum through the length and breadth of the santal areas. -The Santals - page -115

ଅଲଚିକି ଲିପିର ଉଦ୍ଭାବକ ପଣ୍ଡିତ ରଘୁନାଥ ମୁର୍ମୁ ତାଙ୍କର 'ଖେରଓ୍ୱାଲବୀର' ନାଟକ ପୁସ୍ତକରେ ସୁନ୍ଦର କାହାଣୀ ସଂଯୋଗ କରିଛନ୍ତି, ନାରୀମାନଙ୍କର 'ଖଦା' ଏବଂ ପୁରୁଷମାନଙ୍କର 'ଶିଖା' ଗ୍ରହଣ କରିବା କାରଣକୁ ଅବତାରଣା କରି ।କାହାଣୀଟି ଏହିପରି -ପୁରାଣ ଯୁଗରେ ମାନବ ଏବଂ ଦାନବ ମଧ୍ୟରେ ଘୋର ସଂଘର୍ଷ ହୋଇଥିଲା ।ଏହି ସଂଘର୍ଷରେ ନାଟକର ନାୟକ ଖେରଓ୍ୱାଲ ଦାନବ ମାନଙ୍କୁ ଅତ୍ୟନ୍ତ ସାହସର ସହିତ ପ୍ରତିରୋଧ କରିଥିଲା । ଏଥିରେ କାଜଲ (ନାଟକର ନାୟିକା ) ଖେରଓ୍ୱାଲକୁ ବିଭିନ୍ନ ପ୍ରକାରେ ସାହାଯ୍ୟ କରି ମାନବ କୁଳକୁ ଧ୍ୱଂସ ମୁଖରୁ ଉଦ୍ଧାର କରିଥିଲେ । ମାନବ ଏବଂ ଦାନବଙ୍କ ସହିତ ସଂଘର୍ଷ ଫଳରେ ଖେରଓ୍ୱାଲ ଏବଂ କାଜଲଙ୍କ ଶରୀର କ୍ଷତ-ବିକ୍ଷତ ହୋଇଯାଇଥିଲା । ଏହି କ୍ଷତ ଚିହ୍ନକୁ ସାନ୍ତାଳ ନାରୀ ଓ ପୁରୁଷ 'ଖଦା ଏବଂ' ଶିଖା' ଭାବରେ ଗ୍ରହଣ କରିଛନ୍ତି ।ସେହି ଦିନଠାରୁ ବୀରତ୍ୱର ସନ୍ତକ ଭାବରେ ଅର୍ଥାତ ଆମେ 'ବୀରଜାତି' କୁ ଜାହିର କରିବା ପାଇଁ ସାନ୍ତାଳମାନେ ଚିତା କୁଟାଇ ଥାଆନ୍ତି ।ତା ଛଡା ଶ୍ରଦ୍ଧା ଓ ସମ୍ମାନର ଏହା ଏକ ପ୍ରତୀକ ଅଟେ ।

ସାନ୍ତାଳ ବିଶ୍ୱାସ ଅନୁସାରେ ଯଦି ନାରୀଟିଏ ଚିତା କୁଟାଇ ନ ଥାଏ ତା ହେଲେ ମଲାପରେ ଯମପୁରରେ ତାକୁ ମାଦଳ ସଦୃଶ କୀଟ କୋଳେଇ ଦିଆଯାଏ । ସେ କୀଟ ମୂହୁର୍ତ୍ତକ ମଧ୍ୟରେ ରକ୍ତ ଶୋଷଣ କରିଥାଏ ଶରୀରରୁ ।ସେଇ ରକ୍ତ ଶୋଷକ କୀଟକୁ କୋଳେଇବାରୁ ରକ୍ଷା ପାଇବା ପାଇଁ ଜୀଇଁଥିବା ଅବସ୍ଥାରେ ଚିତା କୁଟାଇବା ଆବଶ୍ୟକ । ପୁନଶ୍ଚ ଚିତା କୁଟାଇଥିଲେ ଯମପୁରରେ ଥିବା ଲୋକମାନେ ତାକୁ ଚିହ୍ନିବେ ସାନ୍ତାଳ ଲୋକ ବୋଲି । ନ ହେଲେ ସେ ପୁରରେ ସେ କୋଉ ସମାଜରେ ରହିବ ? ଏହି ସବୁ ବିଶ୍ୱାସର ବଶବର୍ତ୍ତୀ ହୋଇ ସାନ୍ତାଳ ଝିଅ ତତ୍ପର ଥାଏ ଚିତା କୁଟାଇବା ପାଇଁ ।ତେଣୁ ଖୁଦନୀ (କେଳୁଣୀ) ଆସିଲେ ଜେଜେମା ନାତୁଣୀକୁ ଖୁସିରେ ଗୀତ ଗାଇ ଶୁଣାନ୍ତି -

''ଚେତାନ ଦିଶମ ବିଟୀ — ହେସେଜ ସେକେଜ
ଲାତାର ଦିଶମ ବିଟୀ — ତକୟ ସେଟେଜ୍ ।
ଖଦାତେ ସେଟେଜ୍ ମେ — ଯମ ରାଜାଃ ଆରୀ ଦ
ରାସ୍କାତେ ଖାଣ୍ଡାଅ ମେ — ଜିଓ୍ୱିଦ ଜୀବନ ଦ ।''

ଓଡିଆ ଅନୁବାଦ -

''ଧନ ଲୋ ! ମରତରେ — ବିରାଜେ ସୁଖ ଶାନ୍ତି
ଧନ ଲୋ ! ନରକକୁ — କେହି ଭେଦି ନ ପାରନ୍ତି
'ଚିତା' ଭେଦି ପାରେ — ଯମ ରାଜାର ନୀତିକୁ
ଖୁସିରେ ତୁ ଦେ ବିତାଇ — ମରତ ଜୀବନକୁ ।''

ଶୀତ ଋତୁ ଆସିଲେ ସାନ୍ତାଳ ଗ୍ରାମ ମାନଙ୍କରେ କେଳୁଣୀମାନେ ପହଂି ଯାନ୍ତି ଚିତା କୁଟିବା ପାଇଁ ।ସାଧାରଣତଃ ସେମାନେ ବଡ଼ ବଡ଼ ଗଛ ମୂଳରେ ଡେରା ପକାଇ ରହନ୍ତି । ଗାଁ ଝିଅ ବୋହୁମାନେ 'ଖୁଦ୍‌ନୀ 'ପହଂି ଥିବାର ଦେଖିଲେ ଗୀତ ଗାଆନ୍ତି -

''ଚେତାନ ଦିଶମ ଖୁଦ୍‌ନୀ
ସିଞ୍ଜ ବୁଟା ଡେରା କେଦ ଦୟ
ଦେଲାସେନା ଫୁଲମୁନୀ
ବାହା ସମାନ ଖଦାଲାଂ ହାତାଅ
ଚାନ୍ଦ ସମାନ ଫୁଲମୁନୀ
ଟାକାଲାଂ ଲେଖାୟ ।''

ଓଡିଆ ରୂପାନ୍ତର -

''ଉପର ଦେଶର କେଳୁଣୀ
ଡେରା ପକାଇଲା
କଲିୟାରୀ ମୂଳେ
ଚାଲ ଫୁଲମଣି
ଚିତା କୁଟାଇବା ଫୁଲ ସମାନ
ଟଙ୍କା ଗଣି ଦେବା
ଚାନ୍ଦ ସମାନ ।''

ଶରୀରରେ ଚିତା କୁଟାଇବା ମଧ୍ୟ ଅତ୍ୟନ୍ତ କଷ୍ଟକର ବ୍ୟାପାର ।ଗ୍ରାମର କିଶୋରୀ ତଥା ବୋହୂମାନେ କେଳୁଣୀକୁ ଦେଖିଲେ କିଏ ଆନନ୍ଦିତ ହୁଏ ତ କିଏ ଭୟଭୀତ ହୁଏ । କାରଣ ଚିତା କୁଟିଲା ବେଳେ କେଳୁଣୀ ପାଖରୁ ଅସଂଖ୍ୟ ଛୁଂି ଫୋଡା ଖାଇବାକୁ ପଡିଥାଏ ।ରକ୍ତ ମଧ୍ୟ କ୍ଷରଣ ହୁଏ ।ବେଳେ ବେଳେ ଝିଅମାନେ ଛୁଂି ଫୋଡ଼ା ସହି ନ ପାରି କାନ୍ଦି ପକାନ୍ତି ।ତେଣୁ କେଳୁଣୀ ଗୀତ ଗାଇ ପ୍ରବୋଧନା ଦିଏ -

''କହୁଛି ଶୁଣ ଭଉଣୀ
ମଲା ବେଳକୁଟି ସଙ୍ଗରେ ଯିବ
ଦେହ ସଙ୍ଗେ ହେବ ପାଣି ଗୋ ।
ନୋହିଲେ ଯମ ରାଜନ
ଦଣ୍ଡ ଦେବ ଘନ ଘନ
ଶିମୁଳି ଗଛରେ ବାନ୍ଧି ପକାଇବ
ଚିତା ନ ଥିଲେ ପୁଣି ଗୋ ।''

(ପଲ୍ଲୀଗୀତ ସଂଚୟନ - ପୃ - ୫୮୮
କୁଞ୍ଜବିହାରୀ ଦାଶ)

ସାଧାରଣରତଃ ଠିକିରୀ,ଫୁଲ,ପତ୍ର,ଗଛ-ଲତା, ଚଢେଇ ଇତ୍ୟାଦି ଦେଇ ଚିତା କୁଟାଯାଏ ।ଏହା ଶରୀରରେ ଅତ୍ୟନ୍ତ ସୁନ୍ଦର ଦେଖାଯାଏ । ମଣିଷ ଜନ୍ମ ହୁଏ ଖାଲି ହାତରେ, ମଲାବେଳେ ମଧ୍ୟ ଶୂନ୍ୟ ହସ୍ତରେ

ଫେରେ । କିନ୍ତୁ ସାନ୍ତାଳ ନାରୀ ଏବଂ ପୁରୁଷ ମଲାବେଳେ ତା ଶରୀରରେ କୁଟାଇଥିବା ଚିତାକୁ ନେଇ ସାଙ୍ଗରେ ଯାଏ । କାରଣ ତାହା ତାର ଧର୍ମର ସନ୍ତକ ଅଟେ ।ଏହି କଥାକୁ ଲୋକ ନାରୀ କବି ତା ସାନ ଭଉଣୀ ପାଖରେ ପ୍ରକାଶ କରି କହିଛି -'' ଏ ମାଇଁ, ହୁଡିଞ୍ଜ ମାଇଁ

ମାସେ ଲଗନଃମେ
ଖୁଦ୍‌ନୀମାୟ ସେଟେରେନ୍
ଲଗନ୍ ହିଜୁଃମେ ।
ଖଦା ଆଲାଂ ମାଇଁ
ଚାମ୍ପାବାହା ତଓ୍ୱାବାହା
ଇଦି ତରାୟାଲାଙ୍ ମାଇଁ
ଧରମ ଚିହ୍ନା ।''

ଓଡିଆ ଅନୁବାଦ -

''ସାନ ଭଉଣୀ ମୋ ଗେହ୍ଲେଇ ରାଣୀ
ବେଇଗି ଚାଲ ଅଇଲା କେଳୁଣୀ
ଚିତା କୁଟାଇବା ଚମ୍ପା ଟଗର
ରହିବ ସନ୍ତକ ଆମ ଧରମର ।''

ଚିତା କୁଟାଇବା ସାନ୍ତାଳ ନାରୀ ମାନଙ୍କ ପାଇଁ ଜାତିର ଏକ ସନ୍ତକ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା ତାଙ୍କୁ ସାନ୍ତାଳର ପୂର୍ଣ୍ଣ ପରିଚୟ ଦିଏ । ବ୍ରାହ୍ମଣ ଘରେ ଜନ୍ମ ନେଇ ପୁଅମାନଙ୍କ ପାଇଁ ବ୍ରତ ଯେମିତି ଅନିର୍ବାଯ୍ୟ ଖ୍ରୀଷ୍ଟିୟାନ ଘରର ପୁଅ ଝିଅ ମାନଙ୍କ ପାଇଁ 'Baptism' ଯେଭଳି ଏକ ଅବିଚ୍ଛେଦ୍ୟ ପରଂପରା କିମ୍ବା ମୁସଲମାନ ଘରର ପିଲାପାଇଁ' ସୁନତ' ଯେଭଳି ଏକ ଧାର୍ମିକ ଆବଶ୍ୟକ ଅଟେ ସେହିଭଳି ସାନ୍ତାଳ ଯୁବକ ପାଇଁ 'ଶିଖା' ଏବଂ ଯୁବତୀ ପାଇଁ 'ଖଦା' ନିତାନ୍ତ ଜରୁରୀ ଥିଲା ।

'ଖଦା' ହେବାର ଅନ୍ୟାନ୍ୟ କାରଣ ମଧ୍ୟ ରହିଛି । ତନ୍ମଧ୍ୟରୁ ବାତ ରୋଗରୁ ଉପଶମ ପାଇବା ହେଉଛି ଏକ କାରଣ ।ବାତ ରୋଗ ହେଲେ ଶରୀରର ଶିରା ଗୁଡିକ ଟାଣେ ।ଶିରାରେ ଦୂଷିତ ରକ୍ତ ଜମାଟ ବାନ୍ଧିବା ଫଳରେ ଶିରାଗୁଡିକ ଆବୁ ଆବୁ ଦିଶେ । ତେଣୁ ଗୋଡରେ ହାତରେ ଚିତା କୁଟାଇଲେ ଛୁିରେ ଫୋଡା ହେବାଦ୍ୱାରା ଦୂଷିତ ରକ୍ତ ବାହାରି ଯାଏ ଏବଂ ଚିତା ଆଙ୍କିବା ପାଇଁ ଯେଉଁ ରସ ପ୍ରୟୋଗ କରାଯାଏ ସେଥିରେ ଔଷଧୀୟ ଗୁଣ ଥିବାରୁ ତାହା ଛୁି ମାଧ୍ୟମରେ ପ୍ରବେଶ କରେ, ଫଳରେ ବାତ ରୋଗରୁ ଉପଶମ ମିଳେ ।

ଆଉ ଏକ କାରଣ ହେଉଛି ନିଜ ଚେହେରାକୁ ବିକୃତ କରିବା । ନାରୀର ସୁନ୍ଦର ରୂପ ଅନେକ ସମୟରେ ତା ପାଇଁ ବିପଦର କାରଣ ହୋଇଥାଏ ।ପୂର୍ବେ ଗଡ଼ଜାତ ଅ ଳରେ ରାଜାଙ୍କ ଶାସନ ଥିଲା ।ରାଜା ଥିଲେ ପ୍ରଜାମାନଙ୍କ ବାପା-ମାଆ ।ରାଜା ଯାହା ଆଦେଶ ଦେଉଥିଲେ ପ୍ରଜାମାନେ ତାହା ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ । ପ୍ରଜାଙ୍କର ସମସ୍ତ ଶ୍ରମର ଫଳକୁ ରାଜାମାନେ ଭୋଗ କରୁଥିଲେ ।ଏଭଳି ରାଜା ମଧ୍ୟ ଥିଲେ ଯିଏ ସୁନ୍ଦର ବୋହୂ ଝିଅଙ୍କୁ ଦେଖିଲେ ତାଙ୍କୁ ମଧ୍ୟ ଉପଭୋଗ କରିବା ପାଇଁ ପଛାଉ ନ ଥିଲେ ।ଗଡ଼ଜାତ ଅ ଳରେ ଏଭଳି ବି ପ୍ରଥାଥିଲା ସେ ଅ ଳର ଝିଅ ବାହାହେବା ପୂର୍ବରୁ ପ୍ରଥମେ ରାଜାଙ୍କ ଘରକୁ ଯାଉଥିଲା । ରାଜା ତାକୁ ଭୋଗ କରି ସାରିଲା ପରେ ତା ବାହାଘର ପାଇଁ ସମସ୍ତ ଖର୍ଚ୍ଚ ଦେଉଥିଲେ । ଏହିଭଳି ପଶୁପ୍ରବୃି ଥିବା ରାଜାଙ୍କଠାରୁ ରକ୍ଷା ପାଇବା ପାଇଁ ମଧ୍ୟ ଝିଅମାନେ ଚିତା କୁଟାଉ ଥିଲେ ।

ବ ର୍ତ୍ତମାନ ଆଦିବାସୀ ସମାଜର ଅନେକ ପରଂପରା ର ପରିବ ର୍ତ୍ତନ ଘଟିଲାଣି ।ସହରାଭିମୁଖୀ ଏବଂ ଶିକ୍ଷିତ ହେବା ଫଳରେ ସହରୀମାନଙ୍କୁ ଅନୁକରଣ କରି ବେଶ ପୋଷାକ,ଚାଲି ଚଳନ, ପରଂପରା ସବୁ ନୂତନ ରୂପ ନେଲାଣି ।ବନ୍ୟଜନ୍ତୁ ସଂରକ୍ଷଣ ଆଇନ ଲାଗୁ ହେବା ଫଳରେ କେଳାମାନେ ସାପ ଖେଳାଇବା ବନ୍ଦ କରି ଦେଲେ ।ତେଣୁ କେଲୁଣୀମାନେ ମଧ୍ୟ ଆଉ ଚିତା କୁଟିବା ପାଇଁ ଗାଁ ଗାଁ ବୁଲୁ ନାହାନ୍ତି । ତା ସହିତ ସାନ୍ତାଳ ନାରୀ ମଧ୍ୟ ଚିତା କୁଟାଇବା ପାଇଁ ଏତେଟା ଆଗ୍ରହ ପ୍ରକାଶ କରୁ ନାହିଁ । କିନ୍ତୁ ଆଧୁନିକ ଭାରତୀୟ ସମାଜ ତଥା ପାଶ୍ଚାତ୍ୟ ସଭ୍ୟତାରେ ଏହା ବ ର୍ତ୍ତମାନର ନୂତନତମ ଫେସନ ଭାବରେ ଦେଖା ଦେଇଛି ।ଚିତ୍ର ତାରକାଠାରୁ ଆରମ୍ଭ କରି ସାଧାରଣ ଯୁବକ ଯୁବତୀ ପର୍ଯ୍ୟନ୍ତ ଟାଟୁ କରିବାରେ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି ।ବିଭିନ୍ନ ମେଳା, ରଥଯାତ୍ରା, ପାର୍ବଣ ଅବସରରେ ଏହି ଚିତା କୁଟାଇବା ପାଇଁ ଯୁବ ସମାଜ ଭିଡ଼ ଜମାଇଲେଣି ।ଆଦିବାସୀ ମାନେ ମଧ୍ୟ କେଲୁଣୀ ପାଖରେ ଚିତା ନ କୁଟାଇ ମେସିନ ସାହାଯ୍ୟରେ ଚିତା କୁଟାଇବାକୁ ଆଗ୍ରହ ପ୍ରକାଶ କଲେଣି ।

ପରିବ ର୍ତ୍ତନର ସୁଅରେ ଝାସ ଦେବାପାଇଁ ଅଧୁନା ସାନ୍ତାଳ ଜନଗୋଷ୍ଠୀ ଉଦ୍ୟମ ରତ । ଓଡିଶାର ଏଇ ଜନଗୋଷ୍ଠୀକୁ ଲକ୍ଷ୍ୟକଲେ ଦେଖାଯାଏ ସେମାନେ ବିଭିନ୍ନ ରାଜ୍ୟରେ ରହି ଉଚ୍ଚ ପଦ-ପଦବୀରେ ଚାକିରୀ କଲେଣି । ସାହିତ୍ୟ ତଥା ରାଜନୀତି କ୍ଷେତ୍ରରେ ମଧ୍ୟ ନିଜକୁ ପ୍ରତିଷ୍ଠିତ କରିବାରେ ପଛାଇ ନାହାନ୍ତି । କିନ୍ତୁ ଶିକ୍ଷିତ ହେବା ଫଳରେ କଂକ୍ରିଟ ଜଙ୍ଗଲର ଉହାଡ଼ରେ ରହି କିଛି ସାନ୍ତାଳ ପରଂପରାରୁ ବିଚ୍ୟୁତ ହେଉଥିଲେ ମଧ୍ୟ ଅଧିକାଂଶ ସାନ୍ତାଳ ତାଙ୍କ ପରଂପରାର ପରିଧି ଭିତରେ ରହିବାକୁ ଭଲ ପାଆନ୍ତି ।ସେଇଥିପାଇଁ ହିଁ 'ଖଦା' ପରଂପରା ଆଜି ପର୍ଯ୍ୟନ୍ତ ବ ର୍ତ୍ତି ରହିଛି ।

ମହାରାଜା ସ୍ୱୟଂଶାସିତ ମହାବିଦ୍ୟାଳୟ,
ତଖତପୁର, ବାରିପଦା - ୭୫୭୦୦୩
ମୋବାଇଲ - ୯୪୩୭୩୪୯୭୯୧

# କନ୍ଧମାଳର ଲୋକକଳା : କୁଟେଇ ଚିତା

ଡକ୍ଟର ସରୋଜ କୁମାର ପରିଡ଼ା

'କନ୍ଧମାଳ' ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର । ମୁଖ୍ୟତଃ ଏହା ଏକ ପାର୍ବତ୍ୟା  ଳ, ପାହାଡ଼ ପାଦଦେଶରେ କୁଳୁ କୁଳୁ ନାଦିନୀ ଝରଣା ଏବଂ ଚତୁଃପାର୍ଶ୍ୱରେ ଘ   ବନାନୀ, ନଦୀ ଉପତ୍ୟକାରେ ରମଣୀୟ ଦୃଶ୍ୟରାଜି ସହିତ ଆଦିମ ଅଧିବାସୀ କୁହୁନାଦିନୀ କନ୍ଧ ରମଣୀର ସୁମଧୁର କଣ୍ଠସଙ୍ଗୀତ ଯଥାର୍ଥରେ ସମଗ୍ର ଓଡ଼ିଶାରେ ଏହାକୁ ସ୍ୱାତନ୍ତ୍ର୍ୟ ପ୍ରଦାନ କରିଛି । ଏହି ଜିଲ୍ଲା ଏକ ଆଦିବାସୀ ବହୁଳ ଜିଲ୍ଲା । ଆଦିବାସୀମାନଙ୍କ ସହିତ ଅଣ-ଆଦିବାସୀମାନେ କେଉଁ ସୁଦୂର ଅତୀତରୁ କନ୍ଧମାଳରେ ବସବାସ କରିଆସୁଥିଲେ ମଧ ମୁଖ୍ୟତଃ ଏହା ଆଦିବାସୀମାନଙ୍କ ଚାରଣଭୂଇଁ । ଆଦିବାସୀ ଅଧ୍ୟୁଷିତ କନ୍ଧମାଳରେ ପ୍ରାୟତଃ ୩୮ ପ୍ରକାର ଆଦିବାସୀ ପରିଦୃଷ୍ଟ ହୋଇଥାନ୍ତି । ସେମାନଙ୍କ ମଧରେ କନ୍ଧ ସଂପ୍ରଦାୟ ସର୍ବ ବୃହତ । ଏହି ସଂପ୍ରଦାୟର ଏକ ସ୍ୱତନ୍ତ୍ର ଓ ବଳିଷ୍ଠ ସାଂସ୍କୃତିକ ପରମ୍ପରା ରହିଛି । ଲୋକ କଳା ଏହି ବଳିଷ୍ଠ ସାଂସ୍କୃତିକ ପରମ୍ପରାର ସାର୍ଥକ ନିଦର୍ଶନ ପରନ୍ତୁ କନ୍ଧମାଳର ଲୋକକଳା କହିଲେ ମୁଖ୍ୟତଃ 'କନ୍ଧ' ଆଦିବାସୀମାନଙ୍କ କଳାକୁ ଗ୍ରହଣ କରାଯାଇଥାଏ । ମାତ୍ର ଏହି ଜିଲ୍ଲାର କଳାକୁ ସର୍ବ-ତନ୍ତ୍ର-ସ୍ୱତନ୍ତ୍ର କରିବାରେ ଅଣ ଆଦିବାସୀମାନଙ୍କ ଅବଦାନକୁ ଉପେକ୍ଷା କରାଯିବା ଉଚିତ ମନେହୁଏ ନାହିଁ । ସୁତରାଂ 'କନ୍ଧମାଳର ଲୋକକଳା : କୁଟେଇ ଚିତା' ପ୍ରବନ୍ଧରେ ଆଦିବାସୀ କଳାକୁ ଗୁରୁତ୍ୱ ପ୍ରଦାନ ପୂର୍ବକ ଅଣ-ଆଦିବାସୀମାନଙ୍କ କଳାପ୍ରବଣତାକୁ ମଧ ଆଲୋଚନା ପରିସରଭୁକ୍ତ କରିବା ଯୁକ୍ତିଯୁକ୍ତ ମନେ କରୁଅଛୁ ।

ବସ୍ତୁତଃ ଲୋକମାନଙ୍କ ଦ୍ୱାରା ପ୍ରସ୍ତୁତ କଳା ହିଁ ଲୋକକଳା, ଏହା ଲୋକମାନଙ୍କର ସାମାଜିକ ଜୀବନଯାତ୍ରାର ଏକ ସାମୂହିକ ଶୈଳ୍ପିକ ପରିପ୍ରକାଶ, ସ୍ୱତଃସ୍ଫୂ ର୍ତ୍ତ, ସରଳ, ସ୍ୱାଭାବିକ, ସାଙ୍କେତିକ ଓ ଭାବଗର୍ଭକ ପ୍ରକାଶଭଙ୍ଗୀ ଏହାର ବିଶେଷତ୍ୱ । କେବଳ ଯେ ଏହା ଲୋକ ମନରେ ଆନନ୍ଦ ଭରିଦିଏ ତାହାନୁହେଁ; ପରନ୍ତୁ ତା'ର ଜୀବନରେ ଉତ୍ସାହ ଭରିଦେଇ ତାକୁ ସୁଶିକ୍ଷିତ ମଧ କରିଥାଏ । ଆଲୋଚକମାନଙ୍କ ମତରେ "ଏ ଅବଧି ଏତେ ସବୁ ଆଧୁନିକତା ସ  ୍ତ୍ୱ ଯଦି କିଛି ଗାଁ ଗହଳିରେ ତିଷ୍ଠି ରହିଛି, ତାହା ହେଉଛି ଲୋକକଳା । ଏହା ଗ୍ରାମୀଣ ସାମାଜିକ ଜନଜୀବନର ସାମଗ୍ରିକ, ପ୍ରାଣବନ୍ତ, ନିଚ୍ଛକ ଶୈଳ୍ପିକ ପରିପ୍ରକାଶ । ଶିଳ୍ପ ଶାସ୍ତ୍ରୋକ୍ତ ବିଭିନ୍ନ ଧରାବନ୍ଧା ନୀତିନିୟମର ବହୁ ଉର୍ଦ୍ଧ୍ୱରେ ସରଳ ପଲ୍ଲୀ ଲଳନାର ଭାବାବେଗ ମୁହୂ ର୍ତ୍ତର ରୂପକଳ୍ପନା ଯୁଗ ଯୁଗ ଧରି ଗଢ଼ି ଆସିଥିବା ପରମ୍ପରାର ଦାୟାଦ ରୂପେ ଅପାଠୁଆ ଏହି ଲୋକ କଳାର ବିଭିନ୍ନ ବିଭାଗ ମଧରେ ଚିତ୍ରକଳା ଏକ ଆକର୍ଷଣୀୟ ବିଭାଗ ।

ବସ୍ତୁତଃ ଚିତ୍ର ମାଧମରେ ମଣିଷ ଯେଉଁ କଳା ପ୍ରତିପାଦନ କରିଥାଏ ତାହାହିଁ ଚିତ୍ରକଳା । ଲୋକ କଳାର ଏକ ଆକର୍ଷଣୀୟ ଓ ବହୁ ଲୋକଙ୍କ ଦ୍ୱାରା ଆଦୃତ କଳା ଭାବେ ଚିତ୍ରକଳାକୁ ଗ୍ରହଣ କରାଯାଇପାରେ । ଏହ ଲୋକ ମାନଙ୍କ ବିଭିନ୍ନ ଭାବ ଅନୁଭୂତି ଓ ମାନସିକ ପ୍ରତିକ୍ରିୟାର ଏକ ରୈଖିକ ପରିପ୍ରକାଶ, ପ୍ରକାରାନ୍ତରେ ରେଖା ଓ ରଙ୍ଗ ମଧ ଦେଇ ଚିତ୍ରକଳାର ପରିପ୍ରକାଶ ସମ୍ଭବ ହୋଇଥାଏ । ନୀରବତା ମଧରେ ଏହା ସ୍ଥାନ କାଳର ଉର୍ଦ୍ଧ୍ୱରେ ରହି ଅନେକ କିଛି ପ୍ରକାଶ କରିଥାଏ । କୁହାଯାଇପାରେ ଯେ, ଆଦି ମାନବର ରେଖା ଅଙ୍କନ ମଧରେ ହିଁ ଲୋକ

କଳାର ଆଦ୍ୟସ୍ଫୁରଣ ହୋଇଥିଲା । ଆଦିମାନବ ନିଜ ମନର ଭାବକୁ ପ୍ରକାଶ କରିବା ପାଇଁ ଯେଉଁ ମାଧ୍ୟମକୁ ଆଦରି ନେଇଥିଲା ତାହା ପରବ ୀ ସମୟରେ ଚିତ୍ରକଳା ନାମରେ ନାମିତ ହେଲା, ଏହି ଚିତ୍ର କଳାକୁ ବିଭିନ୍ନ ଭେଦରେ ବିଭକ୍ତ କରାଯାଇପାରେ । 'ଲୋକଚିତ୍ର' ତନ୍ମଧ୍ୟରେ ଅନ୍ୟତମ ବିଶିଷ୍ଟ ବିଭବ ।

ବସ୍ତୁତଃ ଚିତ୍ର ମାଧ୍ୟମରେ ମଣିଷ ଯେଉଁ କଳା ପ୍ରତିପାଦନ କରିଥାଏ । ତାହାହିଁ ଚିତ୍ରକଳା । ଲୋକ କଳାର ଏକ ଆକର୍ଷଣୀୟ ଓ ବହୁ ଲୋକଙ୍କ ଦ୍ୱାରା ଆଦୃତ କଳା ଭାବେ ଚିତ୍ରକଳାକୁ ଗ୍ରହଣ କରାଯାଇପାରେ । ଏହା ଲୋକମାନଙ୍କ ବିଭିନ୍ନ ଭାବ ଅନୁଭୂତି ଓ ମାନସିକ ପ୍ରତିକ୍ରିୟାର ଏକ ରୈଖିକ ପରିପ୍ରକାଶ ସମ୍ଭବ ହୋଇଥାଏ । ନୀରବତା ମଧ୍ୟରେ ଏହା ସ୍ଥାନ କଳାର ଉର୍ଦ୍ଧ୍ୱରେ ରହି ଅନେକ କିଛି ପ୍ରକାଶ କରିଥାଏ । କୁହାଯାଇପରେ ଯେ ଆଦି ମାନବର ରେଖା ଅଙ୍କନ ମଧ୍ୟରେ ହିଁ ଲୋକ କଳାର ଆଦ୍ୟସ୍ଫୁରଣ ହୋଇଥିଲା । ଆଦିମାନବ ନିଜ ମନର ଭାବକୁ ପ୍ରକାଶ କରିବାପାଇଁ ଯେଉଁ ମାଧ୍ୟମକୁ ଆଦରି ନେଇଥିଲା ତାହା ପରବ ୀ ସମୟରେ ଚିତ୍ରକଳା ନାମରେ ନାମିତ ହେଲା । ଏହି ଚିତ୍ର କଳାକୁ ବିଭିନ୍ନ ଭେଦରେ ବିଭକ୍ତ କରାଯାଇପାରେ । 'ଲୋକ ଚିତ୍ର' ତନ୍ମଧ୍ୟରେ ଅନ୍ୟତମ ବିଶିଷ୍ଟ ବିଭବ ।

ବସ୍ତୁତଃ ଲୋକଚିତ୍ର ଲୋକମାନଙ୍କ ଦ୍ୱାରା ଅଙ୍କିତ ଏକ ସ୍ୱତଃସ୍ଫୂ ି କଳା । କେବେ ଏହାର ସୃଷ୍ଟି ତାହା କଳନା କରିବା ଏକ ଦୁରୁହ ବ୍ୟାପାର । ଏହା ରସରେ ଯେପରି ମାଧୁର୍ଯ୍ୟମୟ, ହୃଦୟାବେଗରେ ସେହିପରି ପରିପୂର୍ଣ୍ଣ, ଲୋକଚିତ୍ର ପ୍ରାଚୀନ ସତ କିନ୍ତୁ ରସାଳ ଓ ଲାବଣ୍ୟମୟ ପରିପ୍ରକାଶ ହେତୁ ନିତ୍ୟ ନୂତନ । ଆପାତତ । ଏହା ସ୍ୱୟଂଭୂ ଓ ସ୍ୱୟଂ ସଂପୂର୍ଣ୍ଣ । ସାଧାରଣତଃ ଚିତ୍ର ଅଙ୍କନ ରୀତିକୁ ଲୋକଚିତ୍ର କୁହନ୍ତି । ଓଡ଼ିଶାରେ ଚିତା ତିନିପ୍ରକାର, ଯଥା (୧) ଝୋଟି, (୨) ମୁରୁଜ ଚିତା, (୩) କୁଟେଇ ଚିତା । ଏହି ଚିତା ହେଉଛି ଚିର ମନୋହରକାରୀ ଚିତ୍ର । ଲୋକଚିତ୍ର ଭାବରେ ଚିତା ଏକ ସାମାଜିକ ତଥା ସାଂସ୍କୃତିକ ଐତିହ୍ୟ ବହନ କରେ । ଏହି କ୍ରମରେ କନ୍ଧମାଳରେ ବହୁଳ ଭାବରେ ଆଦୃତ ହୋଇଥିବା କୁଟେଇ ଚିତାର ସାଂସ୍କୃତିକ ଅନୁଧ୍ୟାନ କରାଯାଉ ।

ବସ୍ତୁତଃ ଏହି ଅ ଳର ଲୋକମାନଙ୍କ ଶରୀରରେ ଯେଉଁ ସ୍ଥାୟୀଚିତା ଲେଖାଯାଇଥାଏ ତାହା କନ୍ଧମାଳର ସାଂସ୍କୃତିକ ଚେତନାର ଅନ୍ୟତମ ଦିଗ । ଏହି ଚିତାକୁ କୁଟେଇ ଚିତା କୁହାଯାଏ । ଝୋଟି ଚିତା ପରି କୁଟେଇ ଚିତା ଏହି ଜିଲ୍ଲାର ସବୁ ସଂପ୍ରଦାୟ ମଧ୍ୟରେ ଆଦର ଲାଭ କରିଥିଲା । ଆଧୁନିକ ଶିକ୍ଷା ଓ ସଭ୍ୟତାର ପ୍ରସାର ସଙ୍ଗେ ସଙ୍ଗେ ଏହି ଚିତାକୁଟା ପ୍ରଥା କ୍ରମଶଃ ଲୋପ ପାଇବାକୁ ବସିଲାଣି । ତଥାପି ଏବେ ମଧ୍ୟ ଆଦିବାସୀ କନ୍ଧ ସଂପ୍ରଦାୟ ମଧ୍ୟରେ ଏହି ପ୍ରଥା ଅଳ୍ପ ବହୁତ ପ୍ରଚଳିତ ଥିବା ଜଣାଯାଏ । ସାଧାରଣତଃ ବୟସ୍କମାନଙ୍କ ଠାରେ ଏହା ଦେଖିବାକୁ ମିଳିଥାଏ । ଚିତାକୁଟା ଲୋକ ବିଶ୍ୱାସ ସହିତ ଜଡ଼ିତ । "ଚିତା ସତୀତ୍ୱର ଲକ୍ଷଣ ବୋଲି ବିଶ୍ୱାସ କରାଯାଏ । ମଣିଷ ମଲାବେଳେ ଏ ମର ସଂସାରକୁ କିଛି ନେଇ ପାରେନି । କେବଳ ଚିତାଗୁଡ଼ିକ ଦେହ ସଙ୍ଗରେ ଯାଏ । ଏଣୁ ଏ ବିଶ୍ୱାସକୁ ଫଳବତୀ କରିବା ପାଇଁ ନାରୀ ଓ ପୁରୁଷ ଉଭୟ ନିଜ ଅଙ୍ଗରେ ଚିତା କୁଟାଉଥିଲେ ।" କେହି କେହି ଆଲୋଚକ କହନ୍ତି "ଆଦିବାସୀମାନେ ଆପଣା ମୁଖ ମଣ୍ଡଳରୁ ଆରମ୍ଭ କରି ଦେହର ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗରେ ଚିତା କୁଟାଇଥାନ୍ତି । ଏହି ଚିତା ଗୁଡ଼ିକରେ ବିନ୍ଦୁ, କୋଠି, ଚତୁର୍ଭୁଜ, ତ୍ରିଭୁଜ ଭଳି ଜ୍ୟାମିତିକ ରୂପଠାରୁ ଆରମ୍ଭ କରି ପଶୁ, ପକ୍ଷୀ, ଗଛ, ଲତା, ରଥ, ମନୁଷ୍ୟ, ଦେବଦେବୀ ଆଦି ଖୋଦିତ ହୋଇଥାଏ । ସମଗ୍ର ଶରୀରକୁ କ୍ଷତ ବିକ୍ଷତ କରି ରକ୍ତ ସ୍ନାନ ମଧ୍ୟରେ ଚିତା କୁଟାଇବା ପରଂପରା ପ୍ରାଚୀନ କାଳରୁ ଚଳି ଆସିଛି । ସ୍ତ୍ରୀ ଓ ପୁରୁଷ ଉଭୟ

ଶ୍ରେଣୀର ଲୋକେ ଚିତା କୁଟାଇଥାନ୍ତି । ପୁରୁଷମାନଙ୍କ ଦେହରେ ଏହାର ପରିମାଣ ଉଣା । ସେମାନଙ୍କ ମନରେ ବିଶ୍ୱାସ ଅଛି ଯେ, ମଲାପରେ ନିଜ ଦେହ ସହିତ ଚିତା ଏକତ୍ର ଶ୍ମଶାନକୁ ଯିବ । ସ୍ୱର୍ଗପୁରକୁ ମ ୍ୟ ମଣ୍ଡଳରୁ ନେଲାଭଳି ଉପାଦାନ ହେଉଛି କେବଳହିଁ ଦେହରେ କୁଟାଇଥିବା ଚିହ୍ନଗୁଡ଼ିକ ।"

ବସ୍ତୁତଃ ଏହି ଚିତା କୁଟାଇବା ମୂଳରେ ବିଭିନ୍ନ କାରଣ ନିହିତ ଥିଲେ ମଧ ମୁଖ୍ୟତଃ କଳା ପ୍ରିୟତା ଓ ଧାର୍ମିକ ବିଶ୍ୱାସ ହିଁ ଗ୍ରହଣଯୋଗ୍ୟ । ଆଦିବାସୀମାନେ ଏହାକୁ ବଂଶାନୁଗତ ପରଂପରା ରୂପେ ଗ୍ରହଣ କରିଛନ୍ତି । କନ୍ଧ ସଂପ୍ରଦାୟରେ ଚିତାକୁଟା ଏକ ଉଲ୍ଲେଖନୀୟ ପ୍ରଥା । ସାଧାରଣତଃ କନ୍ଧ କନ୍ୟା ଦଶ ବର୍ଷରେ ପଦାର୍ପଣ କରିବା ପରେ ତା'ର ମୁହଁ, ହାତ, ଗୋଡ଼, ଚିବୁକ, ଲଲାଟ ପ୍ରଭୃତିରେ ଚିତା କୁଟାଯାଇଥାଏ । ଅତୀତରେ ପ୍ରତ୍ୟେକ କନ୍ଧ ନାରୀ ଚିତା କୁଟିବା ପାଇଁ ବାଧ ହେଉଥିଲେ । ଯିଏ ଚିତା କୁଟୁନଥିଲା ସେ କନ୍ଧ ସମାଜରେ ବିବାହ ପାଇଁ ଅନୁପଯୁକ୍ତ ବିବେଚିତ ହେଉଥିଲା । କନ୍ୟାର ପ୍ରଥମ ଯୌବନ ପ୍ରାପ୍ତି ପୂର୍ବରୁ କନ୍ୟା ପିତା ଦୁବେରୀ ନିକଟକୁ ଯାଇ ଚିତା କୁଟିବା ପାଇଁ ଦିନ ଧାର୍ଯ୍ୟ କରିଥାନ୍ତି । ଚିତା କୁଟିବା ଦିନ କନ୍ୟା ପିତା ଦୁବେରୀ ନିକଟକୁ ଯାଇ ଚିତା କୁଟିବା ପାଇଁ ଦିନ ଧାର୍ଯ୍ୟ କରିଥାନ୍ତି । ଚିତା କୁଟିବା ଦିନ କନ୍ୟା ପରିବାରର ସ୍ତ୍ରୀ ଲୋକମାନେ ଭାତ, ମାଂସ, ପୋଡ଼ପିଠା ପ୍ରଭୃତି ଖାଦ୍ୟ ପ୍ରସ୍ତୁତ କରି କନ୍ୟାଟିକୁ ଖାଇବାକୁ ଦେଇଥାନ୍ତି । ଏହାପରେ ବାଳିକାଟିକୁ ଜଙ୍ଗଲର ଏକ ନିଭୃତ ସ୍ଥାନକୁ ନିଆଯାଇ ଦୁବେରୀ ନିକଟରେ ଉପସ୍ଥିତ କରାଯାଇଥାଏ । ସେଠାରେ ବାଳିକାକୁ କଷ୍ଟ ନିବାରଣ ପାଇଁ ମଦ୍ୟପାନ ଓ ଅଫିମ ସେବନ କରିବାକୁ ଦିଆଯାଇଥାଏ । ଫଳତଃ ବାଳିକାଟି ଚେତାଶୂନ୍ୟ ହୋଇପଡ଼େ । ଦୁବେରୀ ଜଡ଼ାତେଲ ଓ ଅଙ୍ଗାରର ଏକ ମଣ୍ଡ ପ୍ରସ୍ତୁତ କରିବା ପରେ, ଶରୀରର ଯେଉଁ ସ୍ଥାନମାନଙ୍କରେ ଚିତା କୁଟାଯିବ ସେହି ସ୍ଥାନମାନଙ୍କରେ ବିଭିନ୍ନ ପ୍ରକାର ରେଖା ଓ ବିନ୍ଦୁ ଅଙ୍କନ କରେ । ସେହି ଚିହ୍ନିତ ସ୍ଥାନମାନଙ୍କୁ ଦୁବେରୀ ତିନୋଟି ଛୁ ୍ ସାହାଯ୍ୟରେ ଫୋଡ଼ିଥାଏ । ବାଳିକାଟି ଚେତା ଫେରିପାଇବା ମାତ୍ରେ ତୀବ୍ର ଯନ୍ତ୍ରଣାରେ ଚିତ୍କାର କରି କାନ୍ଦି ଥାଏ । ଯନ୍ତ୍ରଣାରେ ଉପଶମ ପାଇଁ ଚିତା କୁଟା ଯାଇଥିବା ସ୍ଥାନମାନଙ୍କରେ ହଳଦୀ ଓ ଜଡ଼ାତେଲରେ ପ୍ରସ୍ତୁତ ମଣ୍ଡର ପ୍ରଲେପ ଦିଆଯାଇଥାଏ ।

କୁଇ ଭାଷାରେ ଚିତାକୁଟେଇବାକୁ ଟିକାଙ୍ଗ ଡଃପୋ କୁହାଯାଏ । କନ୍ଧ ସଂପ୍ରଦାୟରେ ଚିତା କୁଟାଇବା ପ୍ରଣାଳୀ ସର୍ବତ୍ର ଏକ ପ୍ରକାର ମନେ ହୁଏ । ମୁହଁରେ ଚିତା କୁଟାଇବାର ଜଟିଳ ନମୁନା ହେଉଛି କପାଳର ଦୁଇ ପାଖରେ ଥିବା ଅଂଶରୁ ଚିବୁକ ପର୍ଯ୍ୟନ୍ତ ଯାଇଥିବା କେତେକ ରେଖା ଯାହାକି ତୁଣ୍ଡର ଦୁଇ ପାର୍ଶ୍ୱ ଗାଲରେ ଗୋଲାପ ଆକୃତି ଛବିରେ ଶେଷ ହୋଇଥାଏ । ତିନୋଟି ସିଧାରେଖା ନାକର ଅଗ୍ର ଭାଗରୁ ତଳକୁ ଅଙ୍କନ କରାଯାଇଥାଏ । କେତେକ ସ୍ଥଳରେ ଏହି ସିଧା ରେଖା କପାଳ ପର୍ଯ୍ୟନ୍ତ ଉଠିଥାଏ । ମୁହଁପରି ଗୋଡ଼ରେ କୁଟାଯାଇଥିବା ଚିତା ମଧ ଆକର୍ଷଣୀୟ । ଆଣ୍ଠୁତଳେ ବିନ୍ଦୁ ବିନ୍ଦୁ ଚିହ୍ନ ଦିଆଯାଇ ବୃ   ଏବଂ ସିଧା ରେଖାର ଗୁଚ୍ଛ ମଧ ଅଙ୍କନ କରିବା କନ୍ଧ ସମାଜର ଏକ ପରମ୍ପରା । ପ୍ରତି ପାଦରେ ଷୋହଳଟି ବିନ୍ଦୁରେ ଓ ହାତ ପର ସମସ୍ତ ଅଂଶ ବିନ୍ଦୁ ବିନ୍ଦୁ ଚିତାରେ ପରିପୂର୍ଣ୍ଣ ହୋଇଥାଏ । କହୁଣୀ ତଳକୁ ପ୍ରତ୍ୟେକ ଧାଡ଼ିରେ ଚାରୋଟି ବିନ୍ଦୁ ଦେଇ ଚାରୋଟି ରେଖା ଥାଏ । ସାଧାରଣତଃ କାନ୍ଧନାରୀର ମୁଖରେ କୁଟାଯାଇଥିବା ଚିତା ସମାନ ଦୂରତାରେ ସଜାଯାଇଥିବା କେତୋଟି ସରଳ ରେଖା । ଏହା ସହିତ କେତୋଟି ବୃ  ାକୃତିର ଚିତାମଧ ମୁଖ ମଣ୍ଡନ କରିଥାଏ । ନାକ ଅଗ୍ରଭାଗରୁ ଆରମ୍ଭକରି କପାଳ ମଝି ଦେଇ ତିନୋଟି ରେଖା ସମାନ ଦୂରତାରେ ଅଙ୍କନ କରାଯାଇଥାଏ ଏବଂ କପାଳର ଦୁଇ ପାର୍ଶ୍ୱରେ

ଭୂଲତାରୁ ମୁଣ୍ଡବାଳ ପର୍ଯ୍ୟନ୍ତ ତିନୋଟି ଲେଖାଏଁ ଛଅଗୋଟି ରେଖା ଅଙ୍କିତ ହୋଇଥାଏ । ଓଠର ମଧ ଭାଗରେ ଗୋଟିଏ ଏବଂ ଏହି ମଧରେଖାର ଦୁଇ ପାଖରେ ଦୁଇଟି ଏହିପରି ମୋଟ ତିନୋଟି ସରଳ ରେଖା ଅଙ୍କନ କରାଯାଇଥିବା ଦୃଷ୍ଟିଗୋଚର ହୁଏ । ଏହି ସରଳ ରେଖାର ଦୁଇ ପାଖରେ ଏକ ବଳୟ ଏବଂ ବଳୟର ସମାନ ଦୂରତାରେ ଚାରିଗୋଟି ବିନ୍ଦୁ ଗୋଲାକାରରେ ଅଙ୍କନ କରାଯାଇଥାଏ । ସେହିପରି ବାହୁ ମୂଳସହ ସଂଯୋଗ କରି ଛାତିରେ ଏକଧାଡ଼ି କିମ୍ବା ଦୁଇ ଧାଡ଼ିର ଛୋଟ ଛୋଟ ବିନ୍ଦୁ ଆକୃତିର ଚିତା ମାଳି ପରି ଶୋଭା ବର୍ଦ୍ଧନରେ ସହାୟକ ହେବ ବୋଲି କନ୍ଧ ରମଣୀ ଛାତିରେ ମଧ ଚିତା କୁଟିବାକୁ କୁଣ୍ଠିତ ହେଉନଥିଲା । ହାତର ସାମନା ପଟେ ବାହୁ ମୂଳଠାରୁ ତଳକୁ ଚବିଶ କିମ୍ବା ତା'ଠାରୁ କିଛି ଅଧିକ ବିନ୍ଦୁ ଅଙ୍କନ ଦ୍ୱାରା ତିନି କିମ୍ବା ଚାରି ଧାଡ଼ି ଚିତା ଶୋଭା ପାଇଥାଏ । ବଳାଗଣ୍ଠି ଉପରକୁ ଗୋଡ଼ର ଚାରିପଟେ ବିନ୍ଦୁ ଦ୍ୱାରା ଏକ ଧାଡ଼ି ଏବଂ ଆଣ୍ଠୁ ତଳକୁ ବଳାଗଣ୍ଠିଯାଏଁ ଏଗାରଟି ବିନ୍ଦୁ ବିଶିଷ୍ଟ ଏକ ଧାଡ଼ି ଲେଖାଏଁ ପା ଧାଡ଼ି ଚିତା ଅଙ୍କନ କରାଯାଇଥାଏ । ଦେଶିଆ କନ୍ଧମାନଙ୍କପରି କୁଟିଆ କନ୍ଧ ସଂପ୍ରଦାୟରେ ମଧ ଏହା ଆଦର ଲାଭ କରିଥିଲା । ମାତ୍ର ଦେଶିଆମାନଙ୍କ ପରି କୁଟିଆମାନଙ୍କ ଶରୀରରେ ଚିତାର ବହୁଳତା ଦେଖାଯାଏ ନାହିଁ ।

ସେହିପରି ଗଣ୍ଡ ସମାଜରେ ଚିତାକୁଟାଇବା ଏକ ମର୍ଯ୍ୟାଦା ଜନକ ପ୍ରଥା । ଉଭୟ ଗଣ୍ଡ ନାରୀ ଓ ପୁରୁଷ ଶରୀରର ବିଭିନ୍ନ ଅଙ୍ଗରେ ଚିତା କୁଟେଇ ଥାଆନ୍ତି । ସ୍ତ୍ରୀ ଲୋକମାନେ ସାଧାରଣତଃ ତାରା, ଗୁଣନ ଚିହ୍ନ, ମଣିଷ ତଥା ଜୀବଜନ୍ତୁ ଓ ଗଛର ରେଖାଚିତ୍ର ନିଜ ଅଙ୍ଗରେ କୁଟେଇବାକୁ ପସନ୍ଦ କରନ୍ତି । ଗଣ୍ଡ କନ୍ୟାମାନଙ୍କ ପାଇଁ ଚିତା କୁଟେଇବାର ଉପଯୁକ୍ତ ସମୟ ହେଉଛି ସେମାନଙ୍କ ବିବାହ ବୟସ ବା ଯୌବନାବସ୍ଥା ।

ଏହି ଅ ଳର ଅନ୍ୟତମ ଆଦିବାସୀ ଆଦିବାସୀ ଗୋଷ୍ଠୀ ସଉରା ତଥା ଅନ୍ୟ ଆଦିବାସୀମାନଙ୍କ ମଧରେ ଏହି ସ୍ଥାୟୀ ଚିତା ପରିଲକ୍ଷିତ ହୋଇଥାଏ । କିନ୍ତୁ କନ୍ଧ ଆଦିବାସୀଙ୍କ ଚିତାର ବହୁଳତା ଅନ୍ୟମାନଙ୍କ ନିକଟରେ ଦେଖାଯାଏ ନାହିଁ । ଏହି ଅ ଳରେ ବାସ କରୁଥିବା ଡମ୍ ସଂପ୍ରଦାୟ ମୁଖ ମଣ୍ଡଳ, ବକ୍ଷ ଦେଶ, ହାତ କହୁଣୀର ନିମ୍ନ ଂଶ, ହାତ ପାପୁଲିର ପଶ୍ଚାତଭାଗ ଓ ଗୋଡ଼ ପେଣ୍ଡାର ଚତୁଃପାର୍ଶ୍ୱରେ ଚିତା କୁଟାଇଥାନ୍ତି । ଚିତା କୁଟାଇବାର ପ୍ରଣାଳୀ କନ୍ଧ ଓ ଡମ୍ ମାନଙ୍କର ପ୍ରାୟଶଃ ଏକା । ମୁଖମଣ୍ଡଳରେ ସରଳ ରେଖା, ବିନ୍ଦୁ ଓ ଚକ୍ର ଚିହ୍ନ ଡମ୍ ମାନେ କୁଟାଇଥାନ୍ତି । ବକ୍ଷ ଦେଶରେ ହାର ଭଳି ଅର୍ଦ୍ଧ ବୃ ।କାର ଚିତ୍ର ତିନୋଟି ସ୍ତରରେ କୁଟେଇଥାନ୍ତି । ଏହା ସ୍ତନ ଯୁଗଳର ଉପରିଭାଗ ପର୍ଯ୍ୟନ୍ତ ବିସ୍ତୃତ । ଉପର ଦୁଇ ଧାଡ଼ିରେ ଫୁଲମାଳ ଚିତ୍ର ଓ ତଳ ଧାଡ଼ିରେ ଝରାଫୁଲ ଚିତ୍ର ଅଙ୍କନ କରିଥାନ୍ତି । ପଶ୍ଚାତ୍ ଭାଗରେ ମନ୍ଦିର, ଝରାଫୁଲ, ଚନ୍ଦ୍ର, ଅର୍ଦ୍ଧଚନ୍ଦ୍ର ପ୍ରଭୃତି ଚିତ୍ର ଅଙ୍କିତ ହୋଇଥାଏ । ହାତ ପାପୁଲିର ପଶ୍ଚାତ୍ ଭାଗରେ ଧାଡ଼ି ଧାଡ଼ି ଫୁଲ ଚିତ୍ର ଏବଂ ଗୋଡ଼ ପେଣ୍ଡାରେ ବ ୍ଳାକାର ଚିତ୍ର ମଧରେ ବିଭିନ୍ନ ଫୁଲର ଚିତ୍ର କୁଟାଇଥାନ୍ତି । ପାଦରେ ମଧ ବିଭିନ୍ନ ପ୍ରକାର ଫୁଲ ଅଙ୍କନ କରିବାକୁ ଏମାନେ ଆଗ୍ରହୀ ।

ଆଦିବାସୀ ଓ ହରିଜନମାନଙ୍କ ପରି ସବର୍ଣ୍ଣମାନଙ୍କ ମଧରେ କୁଟେଇ ଚିତାର ଆଦରର ମଧ କମ୍ ନୁହେଁ । ସେମାନେ ହାତରେ ବିଭିନ୍ନ ଦେବଦେବୀଙ୍କ ନାମ ଓ ଚିତ୍ର କୁଟାଇବା ସହିତ ଭିନ୍ନ ଭିନ୍ନ ଫୁଲ ଓ ଲତାର ଚିତା କୁଟାଇଥିବା ଲକ୍ଷ୍ୟ କରାଯାଏ । ଲୋକ ସମାଜରେ ଚିତା କୁଟାଇବାରେ କେଳୁଣୀମାନେ ସିଦ୍ଧ ହସ୍ତ । ଏହା ସେମାନଙ୍କର ଜୀବିକା । ପ୍ରକାଶ ଥାଉକି ଏହିପରି ଏକ ଚିତ୍ରକଳା ଆଧୁନିକ ସଭ୍ୟତାର ପ୍ରଭାବରେ ଅବଲୁପ୍ତ ହେବାକୁ ବସିଲାଣି । ସ୍ଥାୟୀଚିତା ବା କୁଟେଇ ଚିତା ପରିବ ମକରୀଚିତା ବା ଅସ୍ଥାୟୀ ଚିତାର ବ୍ୟବହାର ବ ମାନ

ଲକ୍ଷ୍ୟ କରାଯାଏ । ଏହି ଅ  ଳର ୪୦ବର୍ଷରୁ ଅଧିକ ବୟସରେ ପଦାର୍ପଣ କରିଥିବା କନ୍ଧ ରମଣୀଙ୍କ ମୁଖରେ ଏବେ ମଧ କୁଟେଇ ଚିତା ଲକ୍ଷ୍ୟ କରାଯାଇପାରେ ।

ଉପଯୁକ୍ତ ଆଲୋଚନାକୁ ଆଧାର କରି କୁହାଯାଇପାରେ ଯେ, କୁଟେଇ ଚିତା ଏହି ଅ  ଳର ଲୋକବିଶ୍ୱାସ ଧର୍ମଧାରଣା, ସୌନ୍ଦର୍ଯ୍ୟାନୁରାଗ ଓ ଜୀବିକା ସହିତ ନିବିଡ଼ ଭାବରେ ସଂପୃକ୍ତ ।

ଅଧାପକ, ଓଡ଼ିଆ ବିଭାଗ
କଳିଙ୍ଗ ମହାବିଦ୍ୟାଳୟ
ଘୁ. ଉଦୟଗିରି, କନ୍ଧମାଳ

**ସହାୟକ ଗ୍ରନ୍ଥ:**

(୧) ପାଠୀ, ଦୀନାନାଥ - ୧୯୯୨, କଳା ଓ ସ୍ଥାପତ୍ୟ (ପ୍ର), ଓଡ଼ିଶାର ସାଂସ୍କୃତିକ -ଇତିହାସ, (ସଂ), ଓଡ଼ିଶା କଲଚରାଲ ଫୋରମ, ଭୁବନେଶ୍ୱର, ଗ୍ରନ୍ଥ ମନ୍ଦିର, କଟକ

(୨) - ୧୯୭୮, ଲୋକକଳା (ପ୍ର), ଓଡ଼ିଶାର ଲୋକ ସଂସ୍କୃତି, (ସଂ), ଓଡ଼ିଶା କଲଚରାଲ ଫୋରମ, ଗ୍ରନ୍ଥମନ୍ଦିର, କଟକ ।

(୩) ରାଉତରାୟ, ବିନୋଦ- ୧୯୮୨ ନନ୍ଦିତ ନିବନ୍ଧ, ଉତ୍କଳିକା, କଟକ ।

# ସାନ୍ତାଳ ସମାଜରେ ଖଦା ( ଚିତାକୁଟା)

ଡଃ. ନାକୁ ହାଁସଦା

ଆଦିବାସୀମାନଙ୍କ ଜୀବନ ଧାରା ତଥା ପରଂପରାକୁ ନେଇ ଯେତେ ଅଧିକରୁ ଅଧିକ ଗବେଷଣା କାର୍ଯ୍ୟମାନ କରାଯାଇଅଛି, ସେତେ ନୂଆ ନୂଆ ତଥ୍ୟମାନ ଉଞ୍ଚିତ ହେବାରେ ଲାଗିଅଛି । କାରଣ ଏମାନଙ୍କ ସଂସ୍କୃତି ତଥା ପରଂପରା ବହୁ ପ୍ରାଚୀନ ଓ ସମୃଦ୍ଧ । ଏହାକୁ ବିଶ୍ଳେଷଣ କରିବା ଏତେ ସହଜ କଥା ନୁହେଁ । ଏପର୍ଯ୍ୟନ୍ତ ଯେତିକି କରାଯାଇଅଛି ତାହା ସମୁଦ୍ରକୁ ଶଙ୍ଖେ ମାତ୍ର । ଏମାନଙ୍କ ସଂସ୍କୃତିକୁ ବିଶ୍ଳେଷଣ କରିବା ପାଇଁ ଆହୁରି କେତେ ବର୍ଷ ଲାଗିବ ତାହାର ସମୟ ସୀମା ସଠିକ୍ ଭାବେ ଆକଳନ କରିବା ଅସମ୍ଭବ । ଆଜିର ଆଲୋଚନା, ଆଦିବାସୀ ରମଣୀଙ୍କ ଚିତାକୁଟା କଥା ପ୍ରସଙ୍ଗରେ ସାନ୍ତାଳ ସଂପ୍ରଦାୟର କଥା ଆଲୋଚନା କରାଯାଇଅଛି ।

ଏଠାରେ ଏକା ଉଲ୍ଲେଖଯୋଗ୍ୟ, ଯେ ସମଗ୍ର ଭାରତ ବର୍ଷ ତଥା ଓଡ଼ିଶାର ଆଦିବାସୀମାନଙ୍କ ମଧ୍ୟରେ ସାନ୍ତାଳ ଏକ ପ୍ରମୁଖ ସମ୍ପ୍ରଦାୟ । ଜାତୀୟ ସ୍ତରରେ ଏହି ସମ୍ପ୍ରଦାୟ ତୃତୀୟ ବୃହତ୍ ଆଦିବାସୀ ସମ୍ପ୍ରଦାୟର ମାନ୍ୟତା ଲାଭ କରିଅଛି । କେବଳ ସଂଖ୍ୟା ଦୃଷ୍ଟିରୁ ଏମାନେ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ନୁହଁନ୍ତି, ଏହି ସମ୍ପ୍ରଦାୟରେ ମଧ୍ୟ ପ୍ରାଚୀନତା ତଥା ସାଂସ୍କୃତିକ ସମୃଦ୍ଧତା କ୍ଷେତ୍ରରେ ମଧ୍ୟ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ଅଟନ୍ତି । ବିଶିଷ୍ଟ ଗବେଷକ ଏନ୍.ଏନ୍. ହେମ୍ବ୍ରମ୍ ମତାନୁସାରେ ଏହିମାନଙ୍କ ଦ୍ୱାରା ହିଁ ହରପ୍ପା ଓ ମହେଞ୍ଜୋଦାରୋ ଠାରେ ଏକ ଏକ ଉନ୍ନତ ସଭ୍ୟତା ଗଢ଼ି ଉଠିଥିଲା । ଅବଶ୍ୟ ତାଙ୍କ ପୂର୍ବରୁ ବହୁ ଗବେଷକ ଏହାକୁ ଆଶା ତଥା ହିନ୍ଦୁ ସଭ୍ୟତାର ପ୍ରାଚୀନ ନିଦର୍ଶନ ବୋଲି ମତବ୍ୟକ୍ତ କରି ଅଛନ୍ତି । ତେଣୁ ଏହି ଦିଗରେ ଅଧିକ ଅନୁସନ୍ଧାନ, ତଥା ପର୍ଯ୍ୟାଲୋଚନା କରାଯିବାର ଆବଶ୍ୟକତା ରହିଛି, କିନ୍ତୁ ଏହା ଯାହା ହେଉନା କାହିଁକି, ସାନ୍ତାଳ ସମ୍ପ୍ରଦାୟ ଯେ ଏକ ପ୍ରାଚୀନ ସମ୍ପ୍ରଦାୟ ଏବଂ ଏମାନଙ୍କର ଏକ ସମୃଦ୍ଧ ସାଂସ୍କୃତିକ ପରଂପରା ରହିଅଛି, ଏଥିରେ ଦ୍ୱିମତ ହେବାର ନାହିଁ । ଏହି ସମ୍ପ୍ରଦାୟର ବିଭିନ୍ନ କ୍ଷେତ୍ରରେ ସ୍ୱାତନ୍ତ୍ର୍ୟ ରହିବା ପରି ବେଶ ପରିପାଟୀ କ୍ଷେତ୍ରରେ ମଧ୍ୟ ସ୍ୱାତନ୍ତ୍ର୍ୟତା ରହିଅଛି । ଏମାନେ ସ୍ୱତନ୍ତ୍ର ଧରଣର ତନ୍ତବୁଣା ମୋଟାଲୁଗା ପରିଧାନ କରନ୍ତି । ପୁରୁଷ ଓ ନାରୀମାନଙ୍କ ସକାଶେ ଯଥାକ୍ରମେ ଦେଢ଼ହାତ ଓସାର ଓ ପ  ହାତି ଲମ୍ବ ବିଶିଷ୍ଟ କାଚ ଓ ଦେଢ଼ହାତ ଓସାର ଏବଂ ବାରହାତ ଲମ୍ବ ବିଶିଷ୍ଟ ଝାଲାଃ ପ୍ରସ୍ତୁତ କରାଯାଇଥାଏ । ସେହିପରି ନାରୀମାନଙ୍କ ସୁନା, ରୂପା ଓ ତମ୍ବାର ସ୍ୱତନ୍ତ୍ର ଧରଣର ଅଳଙ୍କାରମାନ ସେହି ଅ  ଳର ସୁନାରୀମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥାଏ । ନିଜକୁ ବେଶ ବିମଣ୍ଡିତ କରିବା ସକାଶେ ସାନ୍ତାଳ ରମଣୀ କେବଳ ଏତିକିରେ ସନ୍ତୁଷ୍ଟ ହୋଇ ନଥାଏ । ସେ ଶାରୀରିକ କଷ୍ଟକୁ ଆପଣାଇ ନେଇ ନିଜ ଦେହରେ ଚିତା କୁଟାଇ ଥାଏ । ଅବଶ୍ୟ ଏହା କେବଳ ତାହା ଦେହର ସୌନ୍ଦର୍ଯ୍ୟ ବୃଦ୍ଧି ମଧ୍ୟରେ ସୀମିତ ନରହି ସଂସ୍କୃତି କ୍ଷେତ୍ରରେ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବହନ କରି ଆସୁଅଛି । ଏହାକୁ ନିମ୍ନ ପ୍ରକାର ଆଲୋଚନା କରାଯାଇପାରେ ।

ପ୍ରାଚୀନତା : ଆଦିବାସୀ ସାନ୍ତାଳ ସମାଜରେ ଏହାର ପ୍ରଚଳନ କେବେ ପାଖରୁ ରହି ଆସିଅଛି, ସେମିତି ସ୍ପଷ୍ଟ ଭାବରେ କିଛି କୁହାଯାଇ ନ ପାରିଲେ ମଧ୍ୟ, ଏହା ବହୁ ପ୍ରାଚୀନ କାଳରୁ ରହି ଆସିଥିବା କଥା କୁହାଯାଇପାରେ । Rev. screfsrced ଙ୍କ ଦ୍ୱାରା ଗୁରୁ କାଲ୍ୟାନଙ୍କ କହିବା ଅନୁସାରେ ଲିପିବଦ୍ଧ କରାଯାଇଥିବା "ହଲ୍ କରେନ୍ ମାରେ ହାପ୍କାମ୍ କରେୟାଃ କାଥା' (୧୮୮୭) ରେ ମଧ୍ୟ ଏହା ଉଲ୍ଲେଖ କରାଯାଇଅଛି । ଏଥିରେ ଗୁରୁ କାଲ୍ୟାନ୍ ସ୍ପଷ୍ଟ ଭାବରେ କହିଅଛନ୍ତି ସାନ୍ତାଳ ରମଣୀମାନେ ପାପୁଲିର ପଶ୍ଚାଦ୍ ଭାଗ ଏବଂ ବାହୁ, ବୃକ୍ଷ ଆଦି ସ୍ଥାନମାନଙ୍କରେ ଚିତାକୁଟାଇବାର ପରମ୍ପରା ବହୁ ପ୍ରାଚୀନ କାଳରୁ ରହି ଆସିଥିବା କଥା ସେ ତାଙ୍କ ପୂର୍ବସୂରୀ

ମାନଙ୍କ ପାଖକୁ ଶୁଣି ଅଛନ୍ତି ।

କାରଣ :- ମନୁଷ୍ୟମାନେ ବିଶେଷତଃ ଆଦିବାସୀ ସାନ୍ତାଳ ସମାଜରେ ଯେଉଁଟିକୁ ପ୍ରଥା ଏବ ପରମ୍ପରାମାନ ରହି ଆସିଅଛି, ପ୍ରତ୍ୟେକଟି ସକାଶେ ଏକ ବା ଏକାଧିକ କାରଣମାନ ରହିଥିବା କଥା ଜଣାଯାଇଥାଏ । ତେଣୁ ଆଲୋଚ୍ୟ ଚିତାଧାରଣ ପରମ୍ପରାର ମଧ କାରଣ ରହିବା ସ୍ୱାଭାବିକ ଏହାର କାରଣ ଗୁଡ଼ିକ ହେଲା:-

(କ) ମନୁଷ୍ୟ ଯେତେବେଳେ ଜନ୍ମ ଗ୍ରହଣ କଲେ, ସେତେବେଳେ ସେ ରିକ୍ତ ହସ୍ତରେ ଏହି ଧରାପୃଷ୍ଠକୁ ଆଗମନ କରିଥାଏ । ଠିକ୍ ସେହିପରି ଜୀବନର ଅନ୍ତିମ ପର୍ଯ୍ୟାୟରେ ଯେତେବେଳେ ସେ ଇହଲୀଳା ସମ୍ବରଣ କଲେ ସେତେବେଳେ ମଧ ସେ ସେମିତିକା ଶୂନ୍ୟ ହସ୍ତରେ ହିଁ ପ୍ରତ୍ୟାବ ିନ କଲେ । ଯାହାକୁ ସାନ୍ତାଳମାନେ ପସନ୍ଦ କରିନାହାନ୍ତି । ସେମାନଙ୍କ ବିଚାରରେ ଏହି ମ ପୁରକୁ ଆସିବା ପରେ ଏଠାରୁ କିଛି ନେଇ ନପାରିଲେ ମଧ ଖୁବ୍ କମ୍‌ରେ ଏକ ଚିହ୍ନକୁ ମଧ ନିଜ ସହିତ ନିଆଯାଇପାରେ । ତେଣୁ ସେମାନେ କିଶୋରରୁ ଯୌବନର ପ୍ରଥମ ପାହାଚରେ ପାଦ ଥାପିବା ଅବସରରେ ପ୍ରତ୍ୟେକ ରମଣୀ ଡାହାଣ ହାତ ପାପୁଲୀର ଅପର ପାର୍ଶ୍ୱରେ ଚିତା କୁଟାଇବା ଉଚିତ୍ ବୋଲି ଗ୍ରହଣ କରି ଆସିଅଛନ୍ତି । ସେହିପରି ପୁରୁଷ ଲୋକମାନେ ବାମ ହାତର ଉପରି ଭାଗରେ ପୋଡ଼ା ଚିହ୍ନ ଧାରଣ କରିଥାନ୍ତି । ଏମାନଙ୍କ ବିଶ୍ୱାସ, ଏହି ଚିହ୍ନ ଏହି ଦେହ ସହିତ ଅନ୍ତିମ ଯାତ୍ରା ବେଳକୁ ମଧ ଯିବାରେ ସେମିତି କିଛି ପ୍ରତିବନ୍ଧନ ନାହିଁ । ଯାହାକୁ ସେମାନେ ଅନ୍ୟ ଲୋକରେ ମ ୍ୟଲୋକର ଚିହ୍ନ ସ୍ୱରୂପ ପ୍ରଦର୍ଶନ କରିପାରିବେ ।

(ଖ) ଦ୍ୱିତୀୟ କାରଣ ସ୍ୱରୂପ କୁହାଯାଇଥାଏ, ମୃତ୍ୟୁ ଅନ୍ତେ ମନୁଷ୍ୟ ଅନ୍ୟଲୋକରେ ବାସ କରେ ଯାହାକୁ ଦେବଲୋକ ବୋଲି ମଧ କୁହାଯାଇପାରେ । ତେଣୁ ସେଠାକୁ ପହ ୍ବା ପରେ ତାଙ୍କୁ ପୂର୍ବସୂରୀ ତଥା ପିତାମାତା ଏହି ଚିହ୍ନକୁ ଦେଖି ହିଁ ଚିହ୍ନିଥାନ୍ତି । ତେଣୁ କୁହାଯାଇଥାଏ, ପିତାମାତା ଜୀବିତାବସ୍ଥାରେ ଥିବା ମଧରେ ହିଁ ଏହାକୁ ଧାରଣ କଲେ ପରବ ୀ ପର୍ଯ୍ୟାୟରେ ଏହା ଅଧିକ ଫଳଦାୟକ ହୋଇଥାଏ ।

(ଗ) ପ୍ରାଚୀନ ଯୁଗରେ ଅନେକ ସମ୍ପ୍ରଦାୟ ମଧରେ ନରବଳି ପ୍ରଥା ପ୍ରଚଳିତ ଥିବାର ଜଣାଯାଇଥାଏ । କେତେଦିନ ଅବା କେତେବର୍ଷ ବ୍ୟବଧାନରେ ଏକ ନରବଳିର ଆବଶ୍ୟକ ହୋଇଥାଏ । ଅନେକ ସମୟରେ ଏହି ଧରଣର ବଳି ସକାଶେ ବଳପୂର୍ବକ ମଧ ଲୋକଙ୍କୁ ଅଣାଯାଇଥାଏ । ଅଣାଯାଇଥିବା ଲୋକଟିକୁ ବଳିଦେବା ପୂର୍ବରୁ ତାହାର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟେକଙ୍କୁ ମୂରବୀ ଶ୍ରେଣୀର ଲୋକମାନେ ଯତ୍ନର ସହିତ ଅବଲୋକନ କରନ୍ତି । ଏତେବେଳକୁ ଯଦି ସେମାନେ ସେହି ଲୋକଟିର ଦେହରେ କୌଣସି ଦାଗ ବା ଚିହ୍ନ ଦେଖିଲେ ସେ ବଳି ପାଇଁ ଅନୁପୋଯୁକ୍ତ ବୋଲି ଘୋଷଣା କରିଥାନ୍ତି ଏବଂ ତାହାକୁ ଛାଡ଼ି ଦିଆଯାଇଥାଏ । ତେଣୁ ସାନ୍ତାଳମାନେ ଏହି ଧରଣର ସମ୍ଭାବ୍ୟ ଆପଦରୁ ନିଜକୁ ମୁକ୍ତ କରିବା ସକାଶେ କେଉଁ ଆବହମାନ କାଳରୁ ନାରୀମାନେ ଚିତା ଏବଂ ପୁରୁଷମାନେ ଶିଖା (ପୋଡ଼ାଚିହ୍ନ) ଧାରଣ କରି ଆସିଅଛନ୍ତି ।

(ଘ) ସାନ୍ତାଳ ସମାଜରେ ଲୋକ ବିଶ୍ୱାସ ରହିଛି ପୂର୍ବୋକ୍ତ ଚିହ୍ନକୁ ଯେଉଁମାନେ ଧାରଣ କରନ୍ତି ନାହିଁ, ମୃତ୍ୟୁ ଅନ୍ତେ ସେମାନଙ୍କ ସହିତ ମାଦଳ ଆକୃତିର ପୋକକୁ ଶୁଖାଇ ଦିଆଯାଏ ପରେ ପୋକଟି ତାହାକୁ ବାରମ୍ବାର କାମୁଡ଼ି କାମୁଡ଼ି ଯନ୍ତ୍ରଣା ପ୍ରଦାନ କରିଥାଏ । ତେଣୁ ଏହି ପୋକ ଦାଉରୁ ନିଜକୁ ରକ୍ଷା କରିବା ସକାଶେ ନାରୀମାନେ ଚିତାକୁଟାଇବା ପରି ପୁରୁଷମାନେ ଶିଖା (ପୋଡ଼ା ଚିହ୍ନ) ହସ୍ତରେ ଧାରଣ କରିଥାନ୍ତି ।

(ଙ) ଏହାକୁ ସାନ୍ତାଳ ସମାଜର ଲୋକମାନେ ନିଜ ଜାତିର ସନ୍ତକ ଭାବେ ଗ୍ରହଣ କରିଥାନ୍ତି । କୌଣସି

ଅପରିଚିତ ସ୍ଥାନକୁ ଯିବା ଅବସରରେ ଏବଂ ଅପରିଚିତ ବ୍ୟକ୍ତିଙ୍କ ଗହଣରେ ସେ ସାନ୍ତାଳ ସମ୍ପ୍ରଦାୟର ବୋଲି ଏହି ଚିହ୍ନ (ଚିତା /ଶିଖା) ହିଁ ସୂଚାଇ ଦେଇଥାଏ । ତେଣୁ ଏହା ହେଉଛି ସେମାନଙ୍କ ଜାତିର ପରିଚୟ ।

(ଚ) ଏହି ଚିହ୍ନକୁ ସାନ୍ତାଳମାନେ କୈଶୋରାବସ୍ଥାରେ ଧାରଣ କରିଥାନ୍ତି କୁହାଯାଇଥାଏ ମନୁଷ୍ୟ ତାର ଜୀବନକାଳ ମଧ୍ୟରେ ବହୁ ଦୁଃଖ ଓ କଷ୍ଟ ମଧ୍ୟ ଦେଇ ଗତି କରିଥାଏ । ତେଣୁ ଏହିସବୁକୁ ଅତିକ୍ରମ କରିବା ସକାଶେ ସହନ ଶକ୍ତିର ଆବଶ୍ୟକତା ରହିଛି । ଏହାକୁ ଶିକ୍ଷା କରିବା ହିଁ ଏହି ପ୍ରଥାର ପ୍ରଚଳନ ରହିଥିବା କଥା ମଧ୍ୟ କୁହାଯାଇଥାଏ । କାରଣ ଚିତା / ଶିଖା ଧାରଣ କରିବା ଅବସରରେ ଏମାନଙ୍କୁ ବହୁ କଷ୍ଟ ସହ୍ୟ କରିବାକୁ ପଡ଼ିଥାଏ । ଏହା ସେମାନଙ୍କୁ ସହନଶୀଳତା ଗୁଣ ଶିକ୍ଷା ପ୍ରଦାନ କରିଥାଏ । ଯାହା ପରବ ୀ ପର୍ଯ୍ୟାୟରେ ସାଂସରୀକ ଜୀବନରେ ସେମାନଙ୍କୁ ବହୁ କ୍ଷେତ୍ରରେ ସହାୟକ ହୋଇଥାଏ ।

ଏଠାରେ ଏକଥା ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶାର କଳାହାଣ୍ଡି ପରି କେତେକ ଆଦିବାସୀ ବହୁଳ ଜିଲ୍ଲାମାନଙ୍କରେ, ଅନ୍ୟ ଗୋଷ୍ଠିର ଆଦିବାସୀଙ୍କର ମଧ୍ୟ ଚିତାକୁଟାର ପରମ୍ପରା ରହି ଆସିଅଛି । ହେଲେ ସେମାନଙ୍କର ଏହି ପରଂପରା ସମ୍ବନ୍ଧରେ ଜାଣିବାକୁ ମିଳେ : ସେଠାକାର ରାଜାଙ୍କ ଲୋଲୁପ ଦୃଷ୍ଟିରୁ ନିଜକୁ ବ ାଇବା ସକାଶେ ସେମାନେ ନିଜର ମୁଖ ତଥା ଶରୀରର ଅନ୍ୟ ସ୍ଥାନମାନଙ୍କରେ ଚିତା କୁଟାଇଥିଲେ । ଯେପରି ସେମାନେ କୁତ୍ସିତ ଦେଖାଯିବେ ସେଥି ସକାଶେ ଏହି ପନ୍ଥାକୁ ଆପଣାଇ ନେଇଥିଲେ । ପରବ ୀ ପର୍ଯ୍ୟାୟରେ ଏହା ଅବଶ୍ୟ ସେମାନଙ୍କ ପରଂପରାରେ ପରିଣତ ହୋଇଅଛି । ସାନ୍ତାଳମାନଙ୍କ କ୍ଷେତ୍ରରେ ଏହା ଆତ୍ମରକ୍ଷାର କବଚ ହୋଇଥିବା କଥା ଜଣାଯାଇନାହିଁ । ଏହାହିଁ ସୂଚାଇଦିଏ ସାନ୍ତାଳରମଣୀମାନଙ୍କ ଉପରେ ଲୋଲୁପ ଦୃଷ୍ଟି କୌଣସି ପ୍ରଶାସକ କେବେ ହେଲେ ମଧ୍ୟ ପକାଇବାକୁ ସାହସ କରି ନାହାନ୍ତି । ଏଥିରୁ ଏକଥା ସ୍ପଷ୍ଟ ହୋଉଉଠେ ସାନ୍ତାଳ ଆଦିବାସୀ ଏକ ବୀର ଜାତିଭାବେ ଗର୍ବ ଓ ଗୌରବର ସହ କେଉଁ ଆବହମାନ କାଳରୁ ରହିଆସିଅଛି ।

ଚିତାର ଚିତ୍ର :- ଚିତା ମଧ୍ୟ ଏକ ପ୍ରକାର ଚିତ୍ର । ଏହା ଦେହର ଚର୍ମ ଉପରେ ସବୁଦିନ ସକାଶେ ସ୍ଥାୟୀ ହୋଇ ରହେ । ପ୍ରତ୍ୟେକ ଚିତ୍ର ଯେପରି ଏକ ଏକ ବା ୀ ପ୍ରଦାନ କରେ ଠିକ୍ ସେହିପରି ଚିତାର ଚିତ୍ର ମଧ୍ୟ ବା ୀ ବହନ କରିବା ସ୍ୱାଭାବିକ । ସାନ୍ତାଳ ରମଣୀମାନେ ଏହି ଚିତ୍ର କରାଇବା ସକାଶେ ଅଭିଜ୍ଞ ବାଜିକର ମହିଳାମାନଙ୍କ ଦ୍ୱାରା ଏହି କାର୍ଯ୍ୟ କରାଇଥାନ୍ତି । ସେମାନେ ଛୁ ୍ ପରିକା ଏକ ଲୌହଦଣ୍ଡ ସାହାଯ୍ୟରେ ଦେହର ଚର୍ମକୁ ଅରିଅରି ଛିଦ୍ର କରି ଏକ ଏକ ଆକୃତି ବା ଚିତ୍ର କରିଥାନ୍ତି । ଏତେ ବେଳକୁ କଜଳ କଳା ସେଥିରେ ପ୍ରବେଶ କରାଇଥାନ୍ତି । ପରେ ତାହାକୁ ସଫାକରି ହଳଦୀ ଲେପନ କରାଯାଇଥାଏ । ଏହି ହଳଦୀକୁ ମଧ୍ୟ କେତେ ସମୟ ବ୍ୟବଧାନରେ ଧୋଇ ସଫା କରାଯାଇଥାଏ । ପରେ ଯେଉଁ କଳା ରେଖାର ଚିତ୍ର ଆଙ୍କି ହୋଇ ଯାଇଥାଏ ତାହା ସବୁଦିନ ସକାଶେ ସ୍ଥାୟୀ ହୋଇ ରହିଯାଏ । ଏହି ଚିତାର ଚିତ୍ର ଭାବେ ସୂର୍ଯ୍ୟଦେବତା, ମୟୂର ଓ ଅନ୍ୟାନ୍ୟ ପକ୍ଷୀ, ବିଭିନ୍ନ ପୁଷ୍ପ, ବିଭିନ୍ନ ରେଖାଚିତ୍ର ଆଦି ଅଙ୍କନ କରାଯାଇଥାଏ । ଏହି ଚିତ୍ର ମାଧମରେ ସେହି ସନ୍ଦେଶ ପ୍ରଦାନ କରିବା ସକାଶେ ଲକ୍ଷ୍ୟ ରଖାଯାଇଥିବା ପରି ମନେ ହୁଏ, ସୂର୍ଯ୍ୟ ହେଉଛନ୍ତି ସକଳ ଶକ୍ତିର ଆଧାର । ପ୍ରକୃତି ଓ ପ୍ରାଣୀ ଅର୍ଥାତ୍ ସମଗ୍ର ସୃଷ୍ଟିର କେନ୍ଦ୍ରବିନ୍ଦୁ ହେଉଛନ୍ତି ସୂର୍ଯ୍ୟଦେବତା । ସୂର୍ଯ୍ୟଙ୍କୁ ଛାଡ଼ି ଏହି ସୃଷ୍ଟିର କଥା କଳ୍ପନା ସୁଦ୍ଧା କରାଯାଇନପାରେ । ସୂର୍ଯ୍ୟଙ୍କ ଏହି ଧରଣର ଶକ୍ତିକୁ ମାନ୍ୟତା ଦେବାକୁ ଯାଇ ସାନ୍ତାଳ ରମଣୀ କେବଳ ଚିତା ଚିତ୍ରରେ ନୁହେଁ ସେ ମଧ୍ୟ ସୂର୍ଯ୍ୟୋଦୟ ପୂର୍ବରୁ ନିଜ ଘରର ମୁଖ୍ୟ ଦ୍ୱାରଦେଶରେ ଗୋମୟ ଜଳରେ ତାହାଙ୍କ ପ୍ରତିରୂପ ଅଙ୍କନ କରନ୍ତି । ସେହିପରି ବିଭିନ୍ନ ପୂଜା ଆଦିମାନଙ୍କରେ ପୂଜକ ମଧ୍ୟ ତଦ୍‌ଅନୁରୂପ୍ ଅଙ୍କନ କରିଥାନ୍ତି । ତେଣୁ ସାନ୍ତାଳ ସମାଜର ଧର୍ମ ବିଶ୍ୱାସ କ୍ଷେତ୍ରରେ ସୂର୍ଯ୍ୟଙ୍କର ସ୍ୱତନ୍ତ୍ର ସ୍ଥାନ ରହିଛି । ସେମାନେ ତାଙ୍କୁ ଚାନ୍ଦବଙ୍ଗା (ସୂର୍ଯ୍ୟଦେବତା) ରୂପରେ

ପୂଜାର୍ଚ୍ଚନା କରିଥାନ୍ତି । ତେଣୁ ସାନ୍ତାଳ ରମଣୀ ଚିତାକୁଟାଇବା ଅବସରରେ ସେହି ମହାନ୍‌ଶକ୍ତିର ବିଗ୍ରହ ଅଙ୍କନ କରି ତାଙ୍କୁ କେବଳ ମାନ୍ୟତା ପ୍ରଦାନ କରୁ ନାହାନ୍ତି, ନିଜେ ମଧ୍ୟ ଏହା ଦ୍ୱାରା ସୁରକ୍ଷିତ ମଣିଥାନ୍ତି । ସର୍ବୋପରି ସାନ୍ତାଳ ସମାଜର ଏହି ଚିତାକୁଟା ପରଂପରା ସେମାନଙ୍କ କଳାପ୍ରେମୀ ତାର ବା ର୍ତ୍ତା ସମଗ୍ର ମାନବ ସମାଜ ସମ୍ମୁଖରେ ଦୃଢ଼ଦାବୀ ଉପସ୍ଥାପନ କରେ ଏଥିରେ ତିଳେମାତ୍ର ଅତ୍ୟୁକ୍ତି ନାହିଁ ।

**ସାମ୍ପ୍ରତିକ ସମୟରେ ଚିତାକୁଟାର ଭୂମିକା :-**

ଆଧୁନିକ ଶିକ୍ଷା ତଥା ସହରୀ ସଭ୍ୟତାର ପରି ପ୍ରସାର ଘଟିବା ଦ୍ୱାରା ଅନେକ ପ୍ରାଚୀନ ପରପଂରା ଓ ରୀତିନୀତି ଅବକ୍ଷୟ ହେବାକୁ ଆରମ୍ଭ କରିଛି । ବିଶେଷତଃ ବିଭିନ୍ନ ଆଦିବାସୀ ଗୋଷ୍ଠିଙ୍କ ମଧ୍ୟରେ ପ୍ରଚଳିତ ବହୁ ପ୍ରାଚୀନ ସଂସ୍କୃତି ଆଜିର ଏହି ଜଗତୀକରଣ ସଭ୍ୟତାର ଲେଲୀହାନ ଶିଖାରେ ପତଙ୍ଗ ସମ ଗୋଟାକ ପରେ ଗୋଟାଏ ଭସ୍ମୀଭୂତ ହେବାରେ ଲାଗିଛି । ତେଣୁ ଆଜି ସମଗ୍ର ମାନବ ସମାଜରେ ସେହି ଗୋଟିଏ ଛାପ ସ୍ପଷ୍ଟ ହୋଇ ପ୍ରସ୍ଫୁଟିତ ହେବାରେ ଲାଗିଛି, ତାହା ହେଉଛି ସହରୀ କରଣର ଛାପ । ଯେଉଁଠି ସବୁ କିଛି ଅସ୍ପଷ୍ଟ, ଅବୁଝା ଏବଂ ଧୂଆଁଳିଆ । ସବୁ ମଣିଷ ଏକାପରି ଦେଖାଯାନ୍ତି ଅଥଚ ସେମାନେ ଏକ ନୁହଁନ୍ତି । ସାନ୍ତାଳ ଆଦିବାସୀ ମଧ୍ୟ ଏହି ସଂକ୍ରମଣରୁ ବାଦ ପଡ଼ିନାହିଁ ବରଂ ଅନ୍ୟ କେତେ ଗୋଷ୍ଠିର ଆଦିବାସୀଙ୍କ ତୁଳନାରେ ଏହା ମାତ୍ରାଧିକ ସଂକ୍ରମିତ । ଯାହାର ପରିଣାମ ସ୍ୱରୂପ ତାହାର ସାଂସ୍କୃତିକ ପରିବ ର୍ତ୍ତନ ବହୁ କ୍ଷେତ୍ରରେ କ୍ଷିପ୍ରଗତିରେ ଗତିଶୀଳ । ପରିତାପର ବିଷୟ ଏଥିପାଇଁ ହିଁ ଆଜି ଅନେକ ପ୍ରାଚୀନ ପରପଂରା ତଥା ଚଳଣୀ ଇତିହାସ ପୃଷ୍ଠାକୁ ମଣ୍ଡନ କରିବାକୁ ଯାଉଛନ୍ତି । ଏହି ତାଲିକାରେ ଚିତାକୁଟା ମଧ୍ୟ ନିଜକୁ ସାମିଲ କରି ସାରିଥିବା ପରି ମନେ ହୁଏ । ବ ର୍ତ୍ତମାନର ନବ କିଶୋରୀଗଣ ଡ଼ାହାଣ ହାତ ପାପୁଲୀର ପଶ୍ଚାତ୍ ଭାଗରେ ଅବା କୌଣସି ସ୍ଥାନରେ ଚିତା କୁଟାଇବାକୁ ଉଚିତ୍ ମଣୁ ନାହାନ୍ତି । କେବଳ ସେମାନେ ନୁହଁନ୍ତି ସେମାନଙ୍କ ଅଭିଭାବକମାନେ ମଧ୍ୟ ଏଥିରେ ଆଗ୍ରହ ପ୍ରକାଶ କରୁନାହାନ୍ତି । ବିଶେଷତଃ ଯେଉଁମାନେ ବିଦ୍ୟାଳୟ, ମହାବିଦ୍ୟାଳମାନଙ୍କରେ ଅଧ୍ୟୟନରତ ସେମାନେ ଏହା ପାଖରୁ ବହୁ ଦୂରରେ ରହିଲେଣି । ତେଣୁ ଏହା ଖୁବ୍‌ଶୀଘ୍ର ଇତିହାସ ମଧ୍ୟରେ ସୀମିତ ହୋଇ ରହିବାର ପ୍ରକ୍ରିୟାରୁ ବାଦ ଦିଆଯାଇ ନପାରେ ।

ଏତବ୍ ଗବେଷଣାରୁ ଜାଣିବାରୁ ମିଳିଲାଣି ଯେ, ମନୁଷ୍ୟର ନାସିକା ଏବଂ କର୍ଣ୍ଣ ସହିତ ଯୌନ ଉ ଚନାର ସମ୍ବନ୍ଧ ରହିଛି । ତେଣୁ ଏହାକୁ ଛିଦ୍ର କରିବା ଦ୍ୱାରା ତାହା ଅନେକାଂଶରେ ନିୟନ୍ତ୍ରଣାଧିନ ହୋଇଥାଏ । ଅର୍ଥାତ୍ ଏହା ରମଣୀମାନଙ୍କୁ ସଂଯୋଗୀ ଜୀବନଯାପନ କରିବା କ୍ଷେତ୍ରରେ ଅନେକାଂଶରେ ସହାୟକ ହୋଇଥାଏ । ଯାହା ଉଭୟ ଦେଶ ଓ ସମାଜ ସକାଶେ ମଙ୍ଗଳ ଦାୟକ ଅଟେ । ଏହି ପ୍ରକାରେ ଚିତାକୁଟାଇବା ଦ୍ୱାରା ଦେହ ତଥା ଶରୀର ସକାଶେ, ତାହା ନିଶ୍ଚୟ କୌଣସି ନା କୌଣସି ଦିଗରୁ ହିତକାରକ ହୋଇଥିବା କଥାକୁ ଏଡ଼ାଇ ଦିଆଯାଇନପାରେ । ଏହା ଅବଶ୍ୟ ଗବେଷଣା ସାପେକ୍ଷ । ତେଣୁ ଏ ଦିଗରେ ଖୁବ୍ ଶୀଘ୍ର ଗବେଷଣା କରାଯିବା ଆବଶ୍ୟକ ବୋଲି ମନେ ହୁଏ । ଏହା କରାଯାଇପାରିଲେ ଏକ ଅବକ୍ଷୟମୁଖି ପରଂପରାର ପୁନରୁଦ୍ଧାର ତଥା ଏକ ଜାତିର ସଂସ୍କୃତିକୁ ବଜାୟ ରଖିବାରେ ଅନେକାଂଶରେ ସହାୟକ ହେବା କଥାକୁ ଅସ୍ୱୀକାର କରାଯାଇନପାରେ ।

ଅଧ୍ୟାପକ,
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର, ବୁର୍ଲା - ୭୬୮୦୧୯

# ଚିତାକୁଟା ବା ବାନା ଗୋଦନା

ହେମଲତା ମାଝୀ

ଚିତାକୁଟା ବା ବାନା ଗୋଦେଇ ଏପରି ଏକ ଚିତ୍ର କଳା ଯାହା ଚାରୁ କଳାର ଏକ ଅଂଶବିଶେଷ । ବିଶେଷଜ୍ଞମାନଙ୍କ ମତରେ ଚିତା କହିଲେ ପିଠୋଉ ବାଟଣରେ କାନ୍ଥରେ ବା ଭୂମିରେ ଚିତା ଲେଖିବା ବୁଝାଏ । ଅତଏବ ଚିତା କହିଲେ ଚିତ୍ରାଙ୍କନ ବା ଛବି ବନେଇବା ବୁଝେଇଥାଏ । ଚିତା ଅନେକ ପ୍ରକାରର ଏବଂ ବିଭିନ୍ନ ସ୍ଥାନ ଅର୍ଥାତ୍ ମାଟି, କାନ୍ଥ, ବାଲି, କାଠ, ପଥର, କାଗଜ, କନା, ଧାତୁ ଇତ୍ୟାଦିରେ ଅଙ୍କା ଯାଇପାରେ । କିନ୍ତୁ ଚିତାକୁଟାର ବିଶେଷତା ଏଇ ଯେ ମଣିଷର ଚେହେରାରେ ଚର୍ମ ଉପରେ ଏହା ଚିତ୍ରିତ ହୋଇପାରେ । ତେଣୁ ଚିତାକୁଟାର ଆତ୍ମପ୍ରକାଶ ହୁଏ ମଣିଷର ଶରୀରରେ । ଏହାର ସୃଷ୍ଟି ଏବଂ ପ୍ରଚଳନର ଇତିହାସ ଯଦିଚ ଏବେବି ଲୁକ୍କାୟିତ ଏହା ଯେ ଅତି ପ୍ରାଚୀନକଳା ଏବଂ ଆଦିବାସୀ ପରଂପରାର ଏକ ବଳିଷ୍ଠ ଅଂଶ ଏଥିରେ ଦ୍ୱିମତ ନାହିଁ । ଆମର ଅବିଭକ୍ତ କୋରାପୁଟ ଜିଲ୍ଲା, ପଡ଼ୋଶୀ କଳାହାଣ୍ଡି ଜିଲ୍ଲା ଏବଂ କେ-ବି-କେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏଇ ଚିତାକୁଟାକୁ ବାନା ଗୋଦନା, ବାନା ଗୋଦେଇ ବା ବାନା ଗୋଦା ଭାବରେ ଜାଣନ୍ତି । ବାନା ବା ବନା ଅର୍ଥ ଛବି ବା ଚିତ୍ର ଏବଂ ଗୋଦନା ବା ଗୋଦେଇ ଅର୍ଥ କୁଟେଇ ହେବା ବା ଫୋଡ଼ି ହେବା ।

ବାନା ଗୋଦେଇ ପଦ୍ଧତି ସ୍ଥଳ ବିଶେଷରେ ଭିନ୍ନ ଭିନ୍ନ ହୋଇଥାଏ । କେତେକ ଜାଗାରେ ବାନା ଗୋଦେଇ ପାଇଁ ପ୍ରଥମେ ମାଟି ଦିପାଳୀରେ ଜଡ଼ା ତେଲ ସଳିତା ଦେଇ ଜଳେଇ ଗୋଟିଏ ବାଟିଆ, କଂସା, ବା ଆଟିକାରେ ରଖି ଥାଳି ବା ଘୋଡ଼ଣିଟିଏ ଅଳ୍ପ ଫାଙ୍କା ଦେଇ ଘୋଡ଼େଇ ଦିଅନ୍ତି । ତେଲ ସରିଯିବା ବେଳକୁ ଥାଳିର ତଳପଟେ ବହଳ କଳା ଜମି ଯାଇଥାଏ । ସେଇ କଳାକୁ ପାଣିରେ କିମ୍ବା ଜଡ଼ା ତେଲରେ ଗୋଳି ଘୋଳ ପ୍ରସ୍ତୁତ କରାଯାଏ । କେତୋଟି ନିର୍ଦ୍ଦିଷ୍ଟ ଆକାରର ଛୋଟ ଛୋଟ ବାଉଁଶ କାଠି ସାହାଯ୍ୟରେ ଶରୀରର ପସନ୍ଦ ସ୍ଥାନରେ ଇଚ୍ଛା ଅନୁସାରେ ଚିତ୍ରିତ କଲା ପରେ କୁଟେଇ ବା ଗୋଦେଇ କାମ କରଯାଏ । ଏ ପ୍ରକାରର କୁଟେଇ ବିଶେଷ କରି କଳାହାଣ୍ଡିରେ ଦେଖାଯାଏ । ଅନ୍ୟ ଏକ ପଦ୍ଧତି ଯାହାକି କୋରାପୁଟର କେତେକ ଅ  ଳ ଏବଂ ନବରଂଗପୁରରେ ପରିଲକ୍ଷିତ ହୁଏ ତାହା ହେଲା ମାଟି ଏବଂ ପତ୍ରର ମିଶ୍ରଣ । ପୁରୁଣା ହାଣ୍ଡି ଖପରା ଯାହା ପୁରୁଣା ହୋଇ ପୋଡ଼ି ଯାଇ ଥିବ ତାକୁ ଗୁଣ୍ଡ କରାଯାଏ । କଦଳି ପତ୍ର ପୋଡ଼ି ତାର କଳା ଗୁଣ୍ଡ, ମାଟି ଖପରା ଗୁଣ୍ଡ ଏବଂ ଜଡ଼ା ତେଲ ମିଶାଇ ଘୋଳ ତିଆରି କରାଯାଏ । ତା'ପରେ କୁକୁଡ଼ା ପର ଯେଉଁଥିରେ ଛୋଟ ଛିଦ୍ର ଥାଏ ଏବଂ ରିଫିଲ୍ ଭଳି କାମ କରେ ତାକୁ ନେଇ ଉକ୍ତ ଘୋଳରେ ବୁଡ଼େଇ ମନ ପସନ୍ଦ ବାନା ଲେଖି ତା ଉପରେ ଫୋଡ଼ନ୍ତି ବା ଗୋଡ଼େଇ ହୁଅନ୍ତି । ଗୋଦେଇବା ପାଇଁ ତିନୋଟି ଛୋଟ ଛୁ ୍ର ଉପର ପଟେ ସୁତାରେ ବନ୍ଧାଯାଏ ନଚେତ ଜଉରେ ଲଗେଇ ଦିଆଯାଏ । ତା'ପରେ ବାରମ୍ବାର ଫୋଡ଼ା ଯାଏ । ଦୁଇ ତିନି ଥର ଉକ୍ତ ଚିତ୍ରରେ ଫୋଡ଼ିବା ଯୋଗୁଁ ରକ୍ତ ସ୍ରାବ ହେଲେ ସଫ କନାରେ ଚାପି ବନ୍ଦ କରାଯାଏ ଏବଂ ଏହାଦ୍ୱାରା କଳା ରଙ୍ଗ ତଳ ଚର୍ମକୁ ଚାଲିଯାଏ ଏବଂ ସବୁ ଦିନ ପାଇଁ କଳା ଏବଂ ଅଲିଭା ହୋଇ ରହିଯାଏ । କୋରାପୁଟ ନବରଙ୍ଗପୁରରେ ସହଜଲଭ୍ୟ କୋରାପୁଟିଆ ବୁଟା (ଛୋଟ ବୁଦା ଗଛ) ଯାହା ତୁଳସୀ ଭଳି ଦିଶେ କିନ୍ତୁ ଟିକେ ବଡ଼ ଥାଏ ତା'ର ପତ୍ରକୁ ମକଚି ବାଟି ରକ୍ତ ସ୍ରାବ ବନ୍ଦ ଏବଂ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଲେପନ ଦେଇଥାନ୍ତି । କେତେକ ସ୍ଥାନରେ ହଳଦି ଓ ଜଡ଼ା ତେଲର ପ୍ରୟୋଗ କରାଯାଇଥାଏ । ଗଞ୍ଜାମ ଏବଂ ଗଜପତି ଜିଲ୍ଲାର ଯେଉଁ ପତ୍ରର ରସରେ ଘୋଳ ତିଆରି ହୁଏ ତାକୁ

ଦୁଧଖରା ବା ଝୁଟିଖୁ । କୁହାଯାଏ । କଳାହାଣ୍ଡି ଆଡ଼େ କେସନ୍ଦରା ନାମକ ଗଛର ପତ୍ରକୁ ବ୍ୟବହାର କରାଯାଏ । ବାନା ଗୋଦନାର ପ୍ରାୟ ସପ୍ତାହକ ପରେ ଉକୁଟି ଉଠେ ଚିତା କୁଟେଇର ସୁନ୍ଦର ଛବି । ଏଇ କଳା ପାଟବତାରେ ଯେଉଁମାନେ ନିପୁଣା ସେମାନଙ୍କୁ କଳାହାଣ୍ଡିରେ **ଘୋଗେନ୍‌** ଏବଂ ସେଠିକାର କୁଟିଆ ଆଦିବାସୀମାନେ **ଡୁବେଇ** ବୋଲି କହନ୍ତି । କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଏବଂ ମାଲ୍‌କାନ୍‌ଗିରି ଜିଲ୍ଲାଗୁଡ଼ିକରେ ଏମାନେ **ଗୋଦନି** ବା **ଗୋଦନିଆ** ଭାବେ ପରିଚିତ ଯେଉଁମାନେ କି ସ୍ୱଳ୍ପ ପାରିଶ୍ରାମିକ ଏବଂ ଛ । ବଦଳରେ ଆଙ୍କି ଦେଇଥାନ୍ତି ବିଭିନ୍ନ ରକମର ଅଲିଭା ଚିତ୍ର ।

ତେବେ ମନରେ ପ୍ରଶ୍ନ ଉଙ୍କି ମାରେ ଯେ ମଣିଷ କାହିଁକି ବା କେମିତି ଏଇ ଅଲିଭା ଚିତ୍ରକୁ ସ୍ଥାୟୀ ରୂପରେ ଦେହରେ ଆଙ୍କି ଦେବା ପାଇଁ ଆଗ୍ରହୀ ହେଲା । ମତ ଭେଦରେ ଏହାର ସମ୍ଭାବ୍ୟ ଚାରୋଟି କାରଣକୁ ସ୍ୱୀକାର କରାଯାଇପାରେ । ସେଗୁଡ଼ିକ ହେଲା (୧) ପରମ୍ପରାଗତ, (୨) ସୌନ୍ଦର୍ଯ୍ୟଭି ିକ, (୩) ସ୍ୱାସ୍ଥ୍ୟଗତ, (୪) ସୁରକ୍ଷା ସମ୍ବନ୍ଧିତ । ପରଂପରାଗତ - ବିଶ୍ୱାସ, ଅନୁଶାସନ ଏବଂ ଭୟର ଅନ୍ୟନାମ ହେଲା ଧର୍ମ । ଏଇ ଧର୍ମ ଭିତରେ ସଂଶ୍ଲିଷ୍ଟ ରହିଛି ଅନେକ ରୀତି ନୀତି, ପ୍ରଥା ପରମ୍ପରା ବିଶ୍ୱାସ ଏବଂ କିଛି ଅନ୍ଧ ବିଶ୍ୱାସ । ଆଦିବାସୀଙ୍କ ଚିତାକୁଟା ପଛରେ ଯେଉଁ ରହସ୍ୟ ଆଚ୍ଛାଦିତ ତାହା ହେଲା 'ଡୁମା' ବା ପ୍ରେତ ପ୍ରତି ଥିବା ତାଙ୍କର ଅଗାଧ ବିଶ୍ୱାସ । ବାନା ଗୋଦେଇରେ ନିଜ ପିତୃପୁରୁଷ ସହ ପ୍ରେତ ପୁରୀରେ ସ୍ଥାନ ମିଳେ ନାହିଁ ବୋଲି କେତେକଙ୍କର ବିଶ୍ୱାସ ଥିବା ବେଳେ ଆଉ କେତେକ ଯମ ଦଣ୍ଡରୁ ମୁକ୍ତି ମିଳିବା ପାଇଁ ଏହା ଅନିବାର୍ଯ୍ୟ ବୋଲି ଭାବନ୍ତି । ଅବିଭକ୍ତ କୋରାପୁଟ ଜିଲ୍ଲାର ପରଜା, ଗୋଣ୍ଡ, ଭତରା, ଭୂମିଆ ଆଦି ଦେଶିଆ ଲୋକଙ୍କର ଧାରଣା - ମରି ଗଲା ପରେ ଯମପୁରୀରେ ଯେତେବେଳେ ଯମ ପଚାରିବେ ମ ୍ୟ ପୁରରୁ କଣ ନେଇ ଆସିଲ, ସେତେବେଳେ ଗୋଦନା ଆଣିଛୁ ବୋଲି ଦେଖାଇ ତାଙ୍କୁ ସମ୍ମାନ ଦେବା ସହ ନିଜେ ଆତ୍ମ ସନ୍ତୋଷ ଲାଭ କରିବେ । ଏବେ କୋହଳ ମନୋଭାବ ଦେଖାଇଲେ ମଧ ଆଦିବାସୀ କୁଳରେ ବାହା ପୂର୍ବରୁ ଝିଅମାନଙ୍କର ଗୋଦେଇ ବାଧ ବାଧକତା ରୂପେ କରାଯାଇଥିଲା । କଳାହାଣ୍ଡି ଜିଲ୍ଲାରେ ଏହାର ପ୍ରାଧାନ୍ୟତା ଏବେବି ଅନ୍ୟ ଜିଲ୍ଲାମାନଙ୍କ ତୁଳନାରେ ବେଶୀ । କନ୍ଧମାନଙ୍କର ଆଶଙ୍କା ଝିଅ ଗୋଦେଇ ନ ହୋଇ ବାହା ହେଲେ ସେ କେବେ ପାଲଟା ବାଘ ହୋଇ ଯାଇପାରେ । ତେବେ ଆଦିବାସୀ ରମଣୀମାନଙ୍କ ମଧରେ ବିଧିବଦ୍ଧ ପ୍ରଥା ଭାବେ ଗୋଦନା ପ୍ରଚଳିତ । କିନ୍ତୁ ଅନ୍ୟମାନଙ୍କ ପାଇଁ ଏହା ଐଚ୍ଛିକ ।

ନବରଂଗପୁର ଆଦିବାସୀମାନଙ୍କର ଚିନ୍ତାଧାରା ଟିକିଏ ଅଲଗା । ଡୁମା ଓ ଯମ ଦ୍ୱାରର ଉପରୋକ୍ତ ବିଶ୍ୱାସ ସହ ସେମାନଙ୍କର ମତ - ଗୋଦେଇ ହୋଇ ମରିଗଲା ପରେ ତାହା ଯମଙ୍କୁ ଦେଖେଇ ଆମେ ଆମର ଧର୍ମ ପରଂପରା ଆଦି ବଜାୟ ରଖି ଥିଲୁ ବୋଲି ପ୍ରମାଣ କରିପାରିବୁ । ନୁନିମାନଙ୍କର ବିଭିନ୍ନ ବାନା ଛଡ଼ା ନୁନାମାନେ ମଧ ଅଳ୍ପ ପରିମାଣରେ ଗୋଦେଇ ହୋଇଥାନ୍ତି । ଧାଙ୍ଗଡ଼ାମାନେ ସେମାନଙ୍କର ଶରୀରରେ ବିଭିନ୍ନ ଆଧ୍ୟାତ୍ମିକ ଚିହ୍ନ ଯଥା ହନୁମାନ, ରାମନାମ, ହରି ନାମ ଓଁ, ତ୍ରୀଶୂଳ, ଶିବଲିଙ୍ଗ, ହନୁମାନ ଏବଂ କୌଳିକ ଚିହ୍ନ ଯଥା :- ଖଣ୍ଡା, ତୀର, ଧନୁ, ବର୍ଚ୍ଛା, ଟାଙ୍ଗିଆ ଆଦି ଗୋଦେଇ ହେବାକୁ ପସନ୍ଦ କରିବା ସହ ଏହାକୁ ପୌରୁଷତ୍ୱ ବୋଲି ମନେ କରନ୍ତି । ତା' ଛଡ଼ା ଶରୀରର କୌଣସି ଅଙ୍ଗରେ ଗୋଦନା ରଖି ଆମେ ଆଦିବାସୀ ବୋଲି ପରିଚିତ ହେବାକୁ ମଧ ଇଚ୍ଛା କରନ୍ତି । ନିଜ ଜାତି ଏବଂ ପରମ୍ପରା ପ୍ରତି ସେମାନଙ୍କର କେତେ ପ୍ରଗାଢ଼ ଏବଂ ଆତ୍ମୀୟ ମନୋଭାବ ସତେ ।

ଦ୍ୱିତୀୟ ଏବଂ ବହୁମତ ବିଶିଷ୍ଟ ଦିଗଟି ହେଲା ସୌନ୍ଦର୍ଯ୍ୟ ଭି ିକ । ମଣିଷ ସୌନ୍ଦର୍ଯ୍ୟର ଉପାସକ । ବଣ ପାହାଡ଼ ଭିତରେ ବଢ଼ି ଆସିଥିବା ଏଇ ବନ ବାସିନୀ କନିଆ ହୁଏତ କେବେ ଶ୍ରାବଣରେ ଇନ୍ଦ୍ରଧନୁର ସପ୍ତ ରଙ୍ଗ, ନୃତ୍ୟରତ କେକିର ବର୍ଣ୍ଣାଳୀ ପୁଚ୍ଛ, ବସନ୍ତରେ ଭଳିକି ଭଳି ପ୍ରଜାପତିର ରଙ୍ଗ ବେରଙ୍ଗ ଡେଣା, କଜଳପାତିର ମସୃଣ କଳାରଙ୍ଗ, ଚ ଳ ମୃଗିଣୀ ଦେହରେ ଛିଟା ଦେଖି ବିମୁଗ୍ଧ ଚି ରେ ଭାବି ଥିବ । ନିଜକୁ ସ୍ଥାୟୀ ରୂପରେ ଆକର୍ଷିତ କରିପାରିବାର ଅଭିନବ ଉପାୟ ଚିନ୍ତା କରିଥିବ ଏବଂ ଶିଖିଥିବ ଏଇ ଗୋଦନା କଳା କୌଶଳର ପ୍ରାଚୁର୍ଯ୍ୟ ।।

କେଉଁ ଆବହମାନ କାଳରୁ ଆଜି ପର୍ଯ୍ୟନ୍ତ ଆଦିବାସୀ ଲଳନା ଆପଣେଇ ନେଇଛି ଗୋଦନା । ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି ସକାଶେ ମୁଖ୍ୟତଃ ଦୁଇ ପ୍ରକାରର ସାଜ ସଜ୍ଜା ଚଳି ଆସିଛି । ତାହା ହେଲା ଅସ୍ଥାୟୀ ଏବଂ ସ୍ଥାୟୀ । ଅସ୍ଥାୟୀ ସୌନ୍ଦର୍ଯ୍ୟ ପାଇଁ ଭେଦନା, ଭେଦା, ଭେଦେଇବା ବା କାନ ନାକ ଆଦି ଫୋଡ଼ି ହୋଇ ସୁନା ରୂପା ଆଦି ବିଭିନ୍ନ ଗହଣା ଏବଂ ଅଳଙ୍କାର ପିନ୍ଧାଯାଏ । ଶରୀରର ବିଭିନ୍ନ ଅଂଶକୁ ଅସ୍ଥାୟୀ ଭାବେ ସଜାଇବା ପାଇଁ କେଶ ବିନ୍ୟାସ ବାଦ୍ ଅନେକ ପ୍ରକାରର ଅଳଙ୍କାର ପିନ୍ଧାଯାଏ । କାନରେ ଲଲାକୁଲୁ, ଟାମକୁଲୁ, କାନଫୁଲି, ନାଙ୍ଗୁଲ, ଫୁଲି, କୋଳି, ଝୁମୁକା, ଫାସିଆ, ଝୁଲକିଆ, ବେଟଲା, ଚେଢ଼ିଆ, ବାଲିମୁଦି, ବାରୀ, ପାତି, ଝିକା, ତରକି, ବାଲା, ଖିଲୁଆ, ନାକରେ ଲବଙ୍ଗକଢ଼ି, ନେଥୁ, ବେସରି, ନୋଥ, ଦଣ୍ଡି, ଗୁନା, ଚିଡ଼ିଆ, ଖୁଟୁଆ, ତାର, ନାକଫୁଲି; ବେକରେ ଚାପ୍ ସରି, ନାନୁ, ଖାସୁମାଲି, ଧାନ ମାଲି, ସୋରିଷମାଲି, ଚିପମାଲି, ଦାମଡ଼ି ସୁରା, ଗିନିମାଲି, ଚିନିମାଲି, ଖାଗଲା, କିଆପତ୍ରି, କରଲାକଣ୍ଠି, ରୂପାସ୍ୱତମାଲି, କଣ୍ଠିମାଲି, ଦୁଧମାଲି, କାଲାମାଲି, ପେଗଡ଼ମାଲି, ପହଳାମାଲି, ଗୁରିଆମାଲି; ଅ ।ରେ ଅ ।ସୂତା, ଶିକୁଳି, କଡ୍ ଧନ; ବାହୁରେ ବାହାଟା, ଚନ୍ଦର୍, ବିଦ୍, ତାଡ୍, ବଲା, ଦଶଆଙ୍ଗୁଳିରେ ପଇସା ପଇସା ମୁଦି, ଅଇଁଠି, ପଇଁଚି, ହାତଖଡୁ; ଗୋଡ଼ରେ ଝୁ ଆ, ବିଛା, କଇଁରି, ଗୋଡ଼ ଖଡୁ; ଖୋସାରେ ବାଲିଛପା (ବାଲଚପା) ଫୁଲ୍ କା ।, ଚିପ୍ନା ଆଦି ସୁନା, ରୂପା, ପି ଳ, ତମ୍ବା, ରସ, ଏବଂ ଅନ୍ୟ ଧାତୁ ଦ୍ୱାରା ତିଆରି ଛୋଟ ବଡ଼ ଆଭୂଷଣ ନିଜର ପସନ୍ଦ ଏବଂ କ୍ଷମତା ଅନୁସାରେ ପିନ୍ଧିବାକୁ ଭଲ ପାଆନ୍ତି ଆମ ଆଦିବାସୀ ସ୍ତ୍ରୀମାନେ । ନାରୀର ସୌନ୍ଦର୍ଯ୍ୟ ପିପାସୁ ମନରେ ତଥାପି ଛପି ରହି ଯାଇଥିବ ଅପୂର୍ଣ୍ଣ ଆଶା । ତେଣୁ ହୁଏତ ଅଲିଭା ଅଛପା ହଜି ନ ଯିବା ମନପସନ୍ଦ ଚିତ୍ରାଦିରେ ତନୁର ଲାଳିତ୍ୟ ଏବଂ ଶୋଭାମଣ୍ଡନ ସକାଶେ ଜାଗିଥିବା ଜିଜ୍ଞାସାରୁ ଜାତ ହୋଇଥିବ ଏଇ ଚିତାକୁଟା ବା ବାନା ଗୋଦନା ଯାହାକୁ କି ସ୍ଥାୟୀ ସୌନ୍ଦର୍ଯ୍ୟର ଅନ୍ତର୍ଭୁକ୍ତ କରାଯାଇପାରେ ।

ତୃତୀୟ ଏବଂ ଗୁରୁତ୍ୱପୂର୍ଣ୍ଣ କାରଣ ହେଲା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟ । ଆମର ପୂର୍ବଜ ଏବଂ ମୁନଋଷିମାନେ ବହୁ କଷ୍ଟ ସ୍ୱୀକାର ପୂର୍ବକ ଗବେଷଣାତ୍ମକ ଏବଂ ପ୍ରୟୋଗାତ୍ମକ ଭାବେ ସଫଳ ହୋଇ ମାନବ ସମାଜର ମଙ୍ଗଳ ଏବଂ ସମୃଦ୍ଧ ସ୍ୱାସ୍ଥ୍ୟ ନିମନ୍ତେ ଅନେକ ଶାସ୍ତ୍ର ସଂହିତା ମାଧମରେ ଯେଉଁ ପ୍ରେରଣା ଏବଂ ଶିକ୍ଷା ଦେଇଛନ୍ତି ତନ୍ମଧ୍ୟରୁ ଅଧିକାଂଶ ଆମର ପରମ୍ପରା ସହିତ ଜଡ଼ିତ । ବିଶ୍ୱ ଦରବାରରେ ପ୍ରାଚୀନ ଭାରତର ଅବଦାନ ଅତୁଳନୀୟ । ଜଡ଼ିବୁଟି ଆୟୁର୍ବେଦ ଚିକିତ୍ସା । ପ୍ରଣାଳୀର ବିଶ୍ଳେଷଣ କଲେ ଜଣାଯାଏ ଯେ ଆୟୁର୍ବେଦାଚାର୍ଯ୍ୟ ମହାମନିଷୀ ସୁଶୃତଙ୍କର ସ୍ୱର୍ଣ ଚିକି ର ଅଂଶ ବିଶେଷ ହେଲା ଏଇ ଚିତା କୁଟେଇ ବା ବାନା ଗୋଦନା । ଆଜି ଆକ୍ୟୁପ ର ବା ସୁଚିବିଦ୍ଧ ଚିକିତ୍ସା । ପ୍ରଣାଳୀରେ ପ୍ରସିଦ୍ଧି ଲାଭ କରିଥିବା ଚୀନ ଦେଶକୁ ଯେ ସୁଶ୍ରୁତପ୍ରଣୀତ ସ୍ୱର୍ଣ ଚିକି । ଭାରତକୁ ଯାଇ ବ୍ୟାପକ ହୋଇପାରିଛି ଏହାର ପ୍ରମାଣ ଇତିହାସ ପୃଷ୍ଠାରେ ଉପଲବ୍ଧ । ଏଣୁ ସୁଚିବିଦ୍ଧ ଚିକିତ୍ସା । ଯେ ଚୀନକୁ ଭାରତରୁ ପ୍ରତିଦାନ ଏହା କହିବା ଅତିରଞ୍ଜିତ ହେବ ନାହିଁ । ଶରୀରବିତ୍‌ମାନଙ୍କ ମତରେ ଆମ ଦେହରେ କେତେକ ନିର୍ଦ୍ଧିଷ୍ଟ ସ୍ଥାନରେ ଚୁମ୍ବକୀୟ କ୍ଷେତ୍ର ଥାଏ । ଏଇ ଚୁମ୍ବକୀୟ କ୍ଷେତ୍ରକୁ ଚାପ ଦେବା ଦ୍ୱାରା (ଆକ୍ୟୁପ୍ରେସର) ସୁଚିବଦ୍ଧ (ଆକ୍ୟୁପ ର) କରିବା ଦ୍ୱାରା ସୂକ୍ଷ୍ମ ନାଡ଼ି କେନ୍ଦ୍ର ଉଦ୍ଦୀପିତ ହୋଇ ଶରୀରର କ୍ରୀୟାଶୀଳତା, ସକ୍ଷମତା, ନୀରୋଗତା

ଏବଂ ସ୍ମୃତି ପ୍ରଖରତା ବଢ଼ାଇବା ଯୋଗୁଁ ଉଭୟ ସ୍ତ୍ରୀ ପୁରୁଷଙ୍କ ଦ୍ୱାରା ଭେଦା ବା ଭେଦନା, ଚିତାକୁଟା ଏବଂ ବାନା ଗୋଦେଇ ଭାବେ ଲୋକାଦୃତ ହୋଇ ଆସୁଥିବା ଆଶା କରାଯାଏ । ସ୍ତ୍ରୀମାନଙ୍କର ଋତୁକାଳୀନ ସମସ୍ୟା, ଅ । ବ୍ୟଥା, ଆଣ୍ଠୁଗଣ୍ଠି ବ୍ୟଥା ଏବଂ ନାନା ପ୍ରକାରର ସମସ୍ୟା ସମାଧାନରେ ଏଇ ବାନା ଗୋଦେଇ ବିଶେଷ ସହାୟକ, ଫଳପ୍ରଦ ଏବଂ ଅଙ୍ଗ ସୌଷ୍ଠବ୍ୟ ଓ ସୌନ୍ଦର୍ଯ୍ୟ ମାପକାଠି ହୋଇଥିବାରୁ ଏହାର ଆଦର ନାରୀ ମହଲରେ ବ୍ୟାପକ ।

ଚତୁର୍ଥରେ, ସ୍ତ୍ରୀ ମାନଙ୍କର ସୁରକ୍ଷା ପାଇଁ ଚିତାକୁଟାର ପ୍ରଚଳନ ହୋଇଥିଲା ବୋଲି କେତେ ଜଣ ମତବ୍ୟକ୍ତ କରନ୍ତି । ମରହଟ୍ଟା ଏବଂ ମୋଗଲ ଶାସନ କାଳରେ ବିଦେଶୀମାନଙ୍କ ମନ୍ଦ ଦୃଷ୍ଟି ଏବଂ ଆକ୍ରମଣରୁ ଆମ ଦେଶର ମାଁ ଭଉଣୀମାନଙ୍କର ଇଜ୍ଜତ ରକ୍ଷା ପାଇଁ ସେମାନଙ୍କର ସୁନ୍ଦର ଚେହେରା, ମୁହଁ, ହାତ, ଗୋଡ଼,କୁ ଚିତା କୁଟା ଦ୍ୱାରା କଳା ଦାଗ କରି ନିଷ୍ପ୍ରଭ, ବିକୃତ ଏବଂ ବିବର୍ଣ୍ଣ କରିବାକୁ ଚେଷ୍ଟା କରୁଥିଲେ । ଏହା ଯଦିଚ ସମର୍ଥିତ ଯୁକ୍ତି ନୁହେଁ, ଏହାକୁ ପୁରା ପୁରି ଭି ି ହୀନ କହି ଏଡ଼ାଇ ଦିଆଯାଇନପାରେ କାରଣ ଅଦ୍ୟାବିଧି ବିଭିନ୍ନ ସ୍ଥାନରେ ଏପରିକି ରାଷ୍ଟ୍ରଗୁଡ଼ିକର କେତେକ ଆଦିବାସୀମାନେ ଶିକାରୀମାନଙ୍କର ମନ୍ଦଦୃଷ୍ଟି, ବଳାତ୍କାର ଇତ୍ୟାଦି ଭୟରୁ ରକ୍ଷା ପାଇବା ପାଇଁ ସ୍ତ୍ରୀମାନଙ୍କର ଦିହ ସାରା ବିଭିନ୍ନ ଭାବେ ଚିତା କୁଟେଇ ଥାଆନ୍ତି । ଯାହା ହେଉ ଏଇ ଜ୍ଞାତ ଅଜ୍ଞାତ ଏବଂ ଘାତ ପ୍ରତିଘାତ ତଥ୍ୟ ଭିତରେ ବ ୍ ଆସିଛି ବାନା ଗୋଦେଇ ବାର ପରମ୍ପରା ଅତି ନିଆରା । ଆଦିବାସୀ ଝିଅମାନଙ୍କୁ ଦଶ ବାର ବର୍ଷ ହେଲେ ବାନା ଗୋଦେଇବାକୁ ପଡୁଥିଲା । ମୋଟ ଉପରେ ବାନା ଗୋଦେଇର ଚିତ୍ର ସମୂହକୁ ନିମ୍ନ ପ୍ରକାରେ ଶ୍ରେଣୀଭୁକ୍ତ କରାଯାଇପାରେ ।

ଶରୀରର ଯେଉଁ ସ୍ଥାନରେ ବାନା ଗୋଦେଇ ହୁଏ ତାର ସଂକ୍ଷିପ୍ତ ବିବରଣୀ ନିମ୍ନ ପ୍ରକାରର ।

ମୁହଁ – କପାଳ, ଭ୍ରୁଲତା ଉପର ଅଂଶ, ନାକ, ଥୋଡ଼ି ।

ବାହୁ – କହୁଣିରୁ କାନ୍ଧ, କହୁଣିରୁ ମଣିବନ୍ଧ, ମଣିବନ୍ଧରୁ ଆଙ୍ଗୁଠି, ପାପୁଲିର କିଛି ଅଂଶ ।

ବେକ – ବେକର ଆଗପଟେ ଅର୍ଦ୍ଧଚନ୍ଦ୍ର ମାଳି ପରି, ବେକର ତଳ, ଛାତି ।

ପିଠି – ପିଠିପଟ, ବେକ ତଳ, ଅ । ।

ଗୋଡ଼ – ଆଣ୍ଠୁ ତଳକୁ ଗୋଇଠି ପର୍ଯ୍ୟନ୍ତ ଏବଂ ଗୋଇଠିରୁ ପାଦ ପର୍ଯ୍ୟନ୍ତ ।

ନିଜ ନିଜର ରୁଚି, ପରମ୍ପରା ଏବଂ ବିଶ୍ୱାସ ଅନୁଯାୟୀ ଯେଉଁ ପ୍ରକାରର ବାନା ଗୋଦେଇ ପରିଲକ୍ଷିତ ହୁଏ ତାକୁ ନିମ୍ନମତେ ଶ୍ରେଣୀଭୁକ୍ତ କରାଯାଇପାରେ ।

୧– ଗଛ, ଲତା, ଫୁଲ, ପତ୍ର, ଫଳ, ୨-ପକ୍ଷୀ, ମୟୂର, ପାରା, ଚଟିଆ, ୩-କେତେକ ଶୁଭ ଓ ଆଧାତ୍ମିକ ସଂକେତ – ଲକ୍ଷ୍ମୀପାଦ, ଶିବଲିଙ୍ଗ, ଶଙ୍ଖ, ତ୍ରିଶୂଳ, ନାଗସାପ, ୪-ନିଜର ରାଶି ମୀନ କୁମ୍ଭ ଆଦି, ୫-ନିଜର ନାମ କିମ୍ବା ପ୍ରିୟତମ ବା ପ୍ରିୟତମାର ନାମ, ରାମ ହରି ଓଁ ଆଦିର ନାମ, ୬-ଆୟତାକାର କିମ୍ବା ବର୍ଗାକାର ଚିତ୍ର, ୭-ବିନ୍ଦୁ ଯୋଗ ଚିତ୍ର, ଯୋଗ ଚିତ୍ର, ୮-ବୃ ।କାର ଛବି, ୯-ଯୋଗ ଚିତ୍ର, ୧୦-ଗୁଣନ ଚିତ୍ର, ୧୧-ଠିକିରି, ୧୨-ରେଖାଚିତ୍ର, ୧୩-ଝରା, ୧୪-ମୁକୁଟାକାର ଓ ତ୍ରିକୋଣ ବିଶିଷ୍ଟ ଚିତ୍ର, ୧୫-କୁରାଢ଼ୀ ବର୍ଚ୍ଛା, ଧନୁତୀର ଲଙ୍ଗଳ ଆଦି, ୧୬-ମଣିଷ ଚିତ୍ର ୧୬-ରାମ କୃଷ୍ଣ ଶିବ ଭଗବାନଙ୍କ ଚିତ୍ର ବାନା ଗୋଦେଇର ଯନ୍ତ୍ରଣା ଉପଶମ ସକାଶେ କେତେବେଳେ ଗୋଦନି, ଘୋଗେନ୍ ମାନଙ୍କର ହସ ମୁହଁରେ ଝରିପଡ଼େ ଗୀତର ଝର ତ କେତେ ବେଳେ ଧାଙ୍ଗଡ଼ା ଦଳ ମନ କଥା ପଦେ ପଦେ କହି ଦିଅନ୍ତି । କେବେ ଧାଙ୍ଗଡ଼ି ପୁଞ୍ଜା (ଯୁବତୀ ଦଳ) ମଧ ଫୁଲେଇ ହୋଇ ବାନା

ଗୋଦେଇଦେଖେଇ ଢଗ ମାରନ୍ତି । ବାନା ଗୋଦେଇର ଚିତ୍ର ମନରେ ଆଙ୍କି ଦିଏ କେତେ ଭାବନା ଯାହା ଶବ୍ଦରେ ଛନ୍ଦି ହୋଇ ଗୀତର ରୂପ ନିଏ ।

ତନ୍ମଧ୍ୟରୁ କିଛିଟା ଏହି ପ୍ରକାରର -

ଗୋଦନି ଡାକେ - କଲିଆ ଗାଗଡ଼େ, ପଣ୍ଡି ଗାଗଡ଼େ, ବାନା ଲେକେଇବାକେ ଆଶା ଜଡ଼ା ଚିକନ୍ କେ ମୁଣ୍ଡେ ଲଗଡ଼ି ବାନ୍ଧୁବେ ଆଲଟି ଖୋସା

ସାଙ୍ଗ ମାନେ ଡକା ଡକି ହୋଇ ଗାଆନ୍ତି -

କଲିଆ ଗାଗଡ଼େ ବାନା ଗୋଟେକ୍ ଶହେ ଟକିଆ

ଫୁଣ୍ଡି ଗାଗଡ଼େ ବାନା ଗଦୁଆ ନା କଉଁଆ

ଆଲେ ରେ ଯୁ ବାଜାରେ ବାନା ଲେକାଉ ହାତେରେ

ମାଁ ମାଉଁସି ଏବଂ ବୁଢ଼ି ମାନେ ବୁଝାଇ କହନ୍ତି -

ପାଦେ ହାତେ ଲେକାଇଲିଚି କେତେକ୍ କେତେକ୍ ବାନା

ଏନ୍ତାରି ନନୀ ଲେକାଇ ଦେବି ବାଜାରେ ଯୁ କିନା,

କଥାରେ ଅଛି - କାଲିକେ ସୁନା, ଗୋରୀ କେ ବାନା

ଧାଙ୍ଗଡ଼ା ଝୁରେ -

ତୋର ଚିତାକୁଟା ଗାଗରେ ଧନୀ ଝରା ମଧୁ ରସ

ମୋର୍ ମନ ଭଁଅରା ଭରମୀ ଯାଏରେ ଛନେ ପାଶେ ଆସ

ଅଲିଭା ବାନା ଦେଖି ନୁନି ଫୁଲେଇ ହୁଏ -

ମୋଟି ତ ମୋଟି ମୋଟି ବିଜାକେ

ହିଟାଇ ଦେଲେ ଆନେକ୍ ପଇସା ଦେଟି ।

ତେବେ ବାନା ଗୋଦେଇ ସିନା ମଲା ଯାଏଁ ଅଲିଭା ରହେ ଅବା ସେ ପାରିକୁ ବି ଯାଇପାରେ । ସମୟ ସୁଅରେ କିନ୍ତୁ ଏହାର ରଙ୍ଗ ଫିକା ପଡ଼ିବାରେ ଲାଗିଛି । ସମୟାନୁକ୍ରମେ ପରିବ ର୍ତ୍ତନଶୀଳ ଦୁନିଆରେ ସବୁ କିଛି ବଦଳେ । ଆଧୁନିକତାର ସ୍ପର୍ଶରେ ସୌନ୍ଦର୍ଯ୍ୟ ପ୍ରସାଧନର ଅନେକ ସହଜ ସୁଲଭ କଷ୍ଟ ବିହୀନ କୌଶଳ ହାତ ପାହାନ୍ତାରେ ଉପଲବ୍ଧ ହେବା ଦ୍ୱାରା ବ ର୍ତ୍ତମାନ ଗାଁ ଗହଳରେ ଆଦିବାସୀ ପରମ୍ପରାରେ ଗୋଦନା ନାମ ମାତ୍ର ଚାଲିଛି । ଦିନ ଥିଲା ଦେଶିଆ ସ୍ତ୍ରୀମାନେ ବ୍ଲାଉଜ ସାୟା ବ୍ୟବହାର କରୁନଥିଲେ ଏବଂ ଆ ଣ୍ଠୁ ଯାଏଁ ଲୁଗାପିନ୍ଧି ବିଲ ବାଡ଼ି କାମ ଧନ୍ଦାରେ ରହୁଥିଲେ । ଏବେ ପାଠ ପଢ଼ିବା ଝିଅମାନେ ଚିତାକୁଟାକୁ ଅତ୍ୟାବଶ୍ୟକ ମନେ କରୁନାହାନ୍ତି । ମଞ୍ଜୁଆତି, ଅଳତା, ନଖ ରଙ୍ଗ ଆଦିରେ ଗୋଡ଼ ହାତ ରଙ୍ଗେଇବା ଯେତିକି ସରଳ ସେତିକି ଶସ୍ତା । ଗାଁ ଗହଳରେ ଆଗ ପରି ଘୋଗେନ୍, ଗୋଦନି ଏବଂ ଗୋଦନାମାନଙ୍କର ଦେଖା ବି ମିଳୁନାହିଁ । ଅନ୍ୟ ପକ୍ଷରେ ଏହା ଦ୍ୱାରା ଏଡ୍ସ ରୋଗର ଭୟାବହତା ଏଡ଼ାଇ ଦିଆଯାଇନ ପାରେ । ବ୍ୟବହୃତ ଛୁ ି ଏବଂ ଗୋବର ଆଦିରେ ଗାଁ ଗହଳରେ

ଅଶିକ୍ଷିତ ଲୋକଙ୍କ ମଧ୍ୟରେ ସହଜରେ ଏଡ଼୍ସ ଏବଂ ଧନୁଷ୍ଟଙ୍କାର ରୋଗ ବ୍ୟାପୀ ଯିବାର ଯଥେଷ୍ଟ ସମ୍ଭାବନା ଥିବାରୁ ଏଣିକି ବାନା ଗୋଦେଇ ପଲ୍ଲୀ ଅ ଳରେ କାଁ ଭାଁ ହିଁ ଦେଖିବାକୁ ମିଳୁଛି ।

ଗୋଟିଏ ପଟେ ବାନା ଗୋଦେଇର ପ୍ରଚଳନ ସଙ୍କୁଚିତ ହେବାବେଳକୁ ଏହାର ରୂପାନ୍ତର ସାଁବାଳୁଆରୁ ପ୍ରଜାପତି ପ୍ରାୟ ହୋଇ ଲୋକପ୍ରିୟ ଏବଂ ବ୍ୟାପକ ଭାବେ ଟାଟୁ ନାମକ ଏକ ନୂଆଁ ନାମରେ ସାରା ଦୁନିଆରେ ବେଶ୍ ପରିଚିତ । ଏଇ ଟାଟୁ ଚିତାକୁଟାଇ ବା ବାନା ଗୋଦେଇର ଏକ ସୁରକ୍ଷିତ ରକ୍ଷାକବଚ ଭଳି ମନେ ହୁଏ କାରଣ ଗତକାଲିର ଚିତାକୁଟି ଆଉ ଆଜିର ଟାଟୁ ମଧ୍ୟରେ ଲୋକଙ୍କ ମଧ୍ୟରେ ଆବଦ୍ଧ ଥିବା ବେଳେ ଟାଟୁ ଉଭୟ ସ୍ତ୍ରୀ ପୁରୁଷଙ୍କର ପସନ୍ଦ ହେବାରେ ଲାଗିଛି । ଗୋଦନାରେ ରୋଗ ବ୍ୟାପିବାର ସମ୍ଭାବନା ବେଶୀ ଥିବାବେଳେ ଟାଟୁରେ ସତର୍କତା ବେଶୀ । ଗୋଦନାରେ କେବଳ କଳା ରଙ୍ଗ ସୀମିତ ଥିବା ବେଳେ ଟାଟୁ ରଙ୍ଗ ବେରଙ୍ଗ ହୋଇପାରେ । ଗୋଦନା ସ୍ଥାୟୀ ରୂପରେ ରହି ଆଉ ଲିଭେନା କିନ୍ତୁ ଟାଟୁ ସ୍ଥାୟୀ ଏବଂ ଅସ୍ଥାୟୀ ରୂପରେ ବ୍ୟବହାର ହୋଇପାରେ । ଗୋଦନା ଧର୍ମ ପରମ୍ପରା ଏବଂ ସୁରକ୍ଷାର ଭି ିଭୂମି ଉପରେ ତିଷ୍ଠି ରହିଥିବା ବେଳେ ଟାଟୁର ପରିସର ଅତି ବ୍ୟାପକ ।

ଟାଟୁ କେବଳ ସୌନ୍ଦର୍ଯ୍ୟର ମାଧ୍ୟମ ହିଁ ନୁହେଁ । କିଏ ପୌରୁଷ ଦେଖାଇବା ପାଇଁ ଟାଟୁ ଚାହେଁତ କିଏ ତା ଦ୍ୱାରା ଜାତୀୟତା ଦେଖାଇବା ପାଇଁ ବ୍ୟଗ୍ର । କାହା ପାଇଁ ଏହା ରୋଜଗାର ପନ୍ଥା ହୋଇ ସାରିଲାଣି ତ କାହା ପାଇଁ କଳା କୌଶଳର ନିଶା । କିଏ ଟାଟୁ ଦ୍ୱାରା ଇତିହାସ ପୃଷ୍ଠାରେ ଲିପିବଦ୍ଧ ହେବାକୁ ଚେଷ୍ଟିତ ତ କିଏ ଗିନିସ୍ ବୁକ୍ ଅଫ୍ ରେକର୍ଡରେ ରହି ଶ୍ରେଷ୍ଠତା ହାସଲ ପାଇଁ ପ୍ରୟାସ କରୁଛି । କିଏ ଅନ୍ତରାଷ୍ଟ୍ରୀୟ ସ୍ତରରେ ଟାଟୁ ମାଧ୍ୟମରେ ବିଶେଷ ମାନ୍ୟତା ପ୍ରାପ୍ତିର ଆଶା ରଖେ ତ କିଏ ପ୍ରଦର୍ଶନୀରେ ସମ୍ମାନର ଅଧିକାରୀ ହେବା ପାଇଁ ଇଚ୍ଛୁକ । କେବେ ବଲିଉଡ଼ର ତାରକାଗଣ ତ କିଏ ପ୍ରଦର୍ଶନୀରେ ସମ୍ମାନର ଅଧିକାରୀ ହେବା ପାଇଁ ଇଚ୍ଛୁକ । କେବେ ବଲିଉଡ଼ର ତାରକାଗଣ ନିଜ ନିଜର ସ୍ୱାତନ୍ତ୍ର୍ୟତା ଦେଖାଇବା ପାଇଁ ଟାଟୁ ପ୍ରୟୋଗ କରୁଛନ୍ତି ତ କେବେ ବିଜ୍ଞାପନ ପ୍ରସାରଣରେ ଟାଟୁର ସାହାଯ୍ୟ ନିଆଯାଉଛି । ଶରୀରର ପ୍ରାୟ ସମସ୍ତ ଅଙ୍ଗ ଏପରିକି ଦାନ୍ତ ଏବଂ ଜିଭରେ ମଧ୍ୟ ଟାଟୁ କରି ଲୋକେ ଖୁସି ହେଉଛନ୍ତି । ଏପରି କି ଇଜିପ୍ଟ ସଭ୍ୟତାରେ ଦୁଇ ତିନି ହଜାର ବର୍ଷରୁ ସଂରକ୍ଷିତ ହୋଇ ରହିଥିବା 'ମମି' ଅନୁରୂପ ଟାଟୁ ନିର୍ମିତ ଅଙ୍ଗକୁ ମୃତ୍ୟୁ ପରେ ଅମର ରଖିବାକୁ ମଧ୍ୟ ପ୍ରୟାସ କରାଯାଉଛି ।

ଏଣୁ ବାହ୍ୟିକ ଦୃଷ୍ଟିରୁ ଅଲଗା ଅଲଗା ମନେ ହେଲେ ବି ମୌଳିକ ଭାବେ ଚିତାକୁଟା ବା ବାନା ଗୋଦନା ଏବଂ ଟାଟୁ ଏକ ପ୍ରକାରର । ଗୋଦନାରୁ ହିଁ ଟାଟୁର ଉତ୍ପ ି । ଚିତାକୁଟା ବିନା ଟାଟୁ ଅସ୍ତିତ୍ୱହୀନ । ଟାଟୁ ଗୋଦନାର କ୍ରମ ବିକାଶ ରୂପାନ୍ତର ମାତ୍ର । ଟାଟୁ ଚିତାକୁଟାର ହିଁ ନବ କଳେବର । ଏଣୁ ଟାଟୁକୁ ଗାଉଁଲି ମାଁର ସହାରୀ ଝିଅ କହିଲେ ଅତ୍ୟୁକ୍ତି ହେବ ନାହିଁ । ଟାଟୁର ଚାହିଦା ଯେମିତି ବଢ଼ିବାରେ ଲାଗିଛି ପୁନଃ ଆଦିବାସୀ ସମାଜ ଏବଂ ଗ୍ରାମବାସୀ ସ୍ୱକୀୟ ବାନା ଗୋଦେଇ କଳା ଏବଂ ପରମ୍ପରାର ମର୍ଯ୍ୟାଦା ରକ୍ଷା ପାଇଁ ଯେ ଟାଟୁ ପ୍ରତି ଢଳିଥିବା ଯୁବ ପିଢ଼ିଙ୍କ ଦ୍ୱାରା ପ୍ରେରିତ ଏବଂ ପ୍ରଭାବିତ ହେବେ ଏହା ଅବଶମ୍ଭାବୀ । ବ ର୍ମାନ ପରିସ୍ଥିତିରେ ବିଲୋପ ପ୍ରାୟ ଚିତାକୁଟାର କଳା କୃତି ଏବଂ ପାରମ୍ପରିକ ଗୌରବକୁ ସୁସ୍ଥ ଏବଂ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆଧୁନିକତା ଏବଂ ସଭ୍ୟତାର ଆହ୍ୱାନରେ ଉପନୀତ ନବାଗତ ଟାଟୁକୁ ସ୍ୱାଗତ କରିବା ବୁଦ୍ଧିମ ାର ପରିଚୟ ହେବ । ଆଜି ଅବକ୍ଷୟମୁଖୀ ଏବଂ ଅନିଶ୍ଚିତ ବାନା ଗୋଦେଇ ବା ଚିତାକୁଟା ପରମ୍ପରା ବିଲୁପ୍ତ ହେବାର ଆଶଙ୍କା ଥିବାବେଳେ ପୁରପଲ୍ଲୀ ସହର ବଜାର ଦେଶ ବିଦେଶ, ଶିକ୍ଷିତ ଅଶିକ୍ଷିତ, କଳା ଗୋରା, ପୁଅ ଝିଅ, ଧନୀ ଗରିବଙ୍କ ଭିତରେ ଟାଟୁ ପ୍ରତି ଯେଉଁ ଆଗ୍ରହ ବଢ଼ିଚାଲିଛି ତାହାକୁ ନାକାରାତ୍ମକ ଦୃଷ୍ଟିରେ ଚିନ୍ତା କରିବା ଅପେକ୍ଷା ଚିତାକୁଟାର ପରିପୂରକ, ସହାୟକ

କିମ୍ବା ରୂପାନ୍ତରିତ ସଂଜ୍ଞା ଏବଂ ଅସ୍ତିତ୍ୱ ଭାବେ ଗ୍ରହଣ କରିବା ସମିଚୀନ ମନେ ହୁଏ କାରଣ ଏହି କଳା ପଲ୍ଲୀରୁ ଦିଲ୍ଲୀ ଯାଏଁ ଘନୀଭୂତ ଭାବେ ଚିତ୍ରିତ ହୋଇ ବିଦେଶରେ ଟାଟୁର ରଙ୍ଗିନ ପରିପାଟୀରେ ପ୍ରତିଫଳିତ ।

ତେବେ ତୁଳନାତ୍ମକ ଭାବେ ଗାଁ ଗହଳରେ ଆଦିବାସୀମାନଙ୍କ ମଧ୍ୟରେ ମାନ୍ଦା ପଡ଼ିଯାଇଥିବା ବାନା ଗୋଦନା କିପରି ପୁନଃ ଉପଯୋଗୀ ଏବଂ ଜନାଦୃତ ହୋଇପାରିବ ଚିନ୍ତା କରିବାର ଉପଯୁକ୍ତ ଅବକାଶ ଏବେ ଆସିଛି । ଏହା ଅତ୍ୟାବଶ୍ୟକ ନୁହେଁ ଯେ ପୁରୁଣା କାଳିଆ ଢଙ୍ଗରେ ଶରୀରର ଚାରି ଆଡ଼େ କୁଟେଇ ହେବା ଦରକାର । ସ୍ୱଳ୍ପତାରେ ମଧ୍ୟ କଳାର ନିଖୁଣତା, ନିପୁଣତା ଏବଂ ସୌନ୍ଦର୍ଯ୍ୟକୁ ପ୍ରସ୍ଫୁଟିତ କରାଯାଇପାରେ । ଘରର ଶାଗ ପଖାଳର ସୁଆଦ ଆଉ ସନ୍ତୋଷ କଣ ପରର ଖିରି ପୁରୀରେ ମିଳିପାରେ ।

ଆମର ଐତିହ୍ୟ, କଳା, ସଂସ୍କୃତି ଏବଂ ପରମ୍ପରାକୁ ବାନା ଗୋଦେଇର ଯେଉଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ତାର ସୁରକ୍ଷା ସଂରକ୍ଷଣ ଏବଂ ଲୋକ ସଚେତନତା ପାଇଁ ଯେଉଁ ଉଦ୍ୟମ ଏବଂ ପ୍ରଶାସନିକ ପଦକ୍ଷେପର ଆବଶ୍ୟକତା ରହିଛି ସେଗୁଡ଼ିକ ହେଲା ଆଲୋଚନା, ଗବେଷଣା, ପ୍ରତିଯୋଗିତା, ସାହିତ୍ୟ, ପ୍ରଶାସନର ପୃଷ୍ଠପୋଷକତା, ପ୍ରୋତ୍ସାହନ ତଥା ପ୍ରଶିକ୍ଷଣ, ଆଦିବାସୀ ସଙ୍ଗଠନର ସ୍ୱତନ୍ତ୍ର ପ୍ରଚେଷ୍ଟା, ଧନ୍ଦାମୂଳକ ମାନ୍ୟତା, ବେତାର ଓ ମିଡ଼ିଆ ମାଧ୍ୟମରେ ପ୍ରଚାର ପ୍ରସାର ଏବଂ ଗୀତ ନାଟ ମାଧ୍ୟମରେ ପ୍ରଭାବ ଇତ୍ୟାଦି ।

ସୌନ୍ଦର୍ଯ୍ୟ ପ୍ରସାଧନ ରୂପେ ସ୍ୱୀକୃତି ପାଇଥିବା ଏଇ ସ୍ୱତନ୍ତ୍ର କଳା ଚିତାକୁଟା ବା ବାନା ଗୋଦେଇର ବିଜ୍ଞାନ ସମ୍ମତ ଉପଯୋଗୀତା, ସ୍ୱାସ୍ଥ୍ୟ ଏବଂ ମନସ୍ତ୍ୱ ପ୍ରତି ତାର ଅନୁକୂଳ ପ୍ରଭାବ ଇତ୍ୟାଦି ବିଷୟରେ ଯଦି ଅଧିକତର ଗବେଷଣା ପାଇଁ ଧ୍ୟାନ ଦିଆଯାଇଥାନ୍ତା, ତେବେ ତାହା ସତେଜ ଏବଂ ଲୋକପ୍ରିୟ ହେବା ସଙ୍ଗେ ସଙ୍ଗେ ଜନହିତକାରୀ ଭାବେ ଯେ ନିଜ ଦେଶର ସ୍ୱାଭିମାନ ଏବଂ ମହାନତା ଅକ୍ଷୁର୍ଣ୍ଣ ରଖି ବିଦେଶରେ ମଧ୍ୟ ଗୌରବାନ୍ୱିତ ହୋଇପାରନ୍ତା ଏଥିରେ ସନ୍ଦେହର ଅବକାଶ ନାହିଁ ।

# Tattoos-A cultural tradition among the tribes of Odisha

*Dr. Kedarnath Dash*

**Abstract:**

Tattoos are great cultural phenomenon in the tribal societies of Odisha. Tattoo art is simply not a custom but entire tribal life is influenced with its power. The tattoos, the tribals used to wear on their body not only decorated them beautifully but also protect their health and spirit. Some Tattoos are self motivated expressions of freedom and uniqueness. Tattoos mark a person as a member or non member of the tribal group or express religious, magical or spiritual beliefs and personal convictions. The tattoos in the tribal societies are also used to serve as a rite of passage. Many tribal tattoos use more heavy lines to craft the desired image. All the tattoos are typically black. The tattoo enthusiasts and modern world should conserve the conventional tribal elements of tattoo as it has begun to appeal to the people from every walk of life. The popularity of tattoos attests to their power as vehicles for self expression, commemoration, community building and social commentary.

Keywords: rite of passage, cultural, magical, self-expression, conserve etc.

**Introduction:**

Odisha has 62 tribes. The tribal communities constitute about 23 percent of the state population. Almost all the districts of Odisha comprises of some tribal population. The culture of the tribals of Odisha is affluent with their own folk songs and dances, their tattoos. Tattoos are very popular in tribal Odisha. The word tattoo has been derived from Tahitian word 'tattu' which means to 'mark something' or from the Polynesian word 'ta' which means 'striking something'. It was first mentioned in the records of explorer James Cook's expedition on 1769 to south pacific. Tattooing dates back to ancient African, Indian, Persian, Mesopotamian, Bedouin, Maori and Moorish tribes.

Tribal tattoos are commonly affiliated with solid black ink formed in continuous lines or design that is made by the insertion of indelible ink into the epidermis layer of skin. Tattooing is fairly common with Odisha Tribes. The aspect of tattoos in tribal societies is very powerful and beautiful. Tattoo art is simply not a custom but entire tribal life is influenced by its power. Tattooing is the

major charm for tribals. According to cultural tradition of tribe, tattoos are a sign of status and religion, love and emotion, protection and punishment. The use of tattoo in tribal society speaks a lot in terms of the origin and the social hierarchy of a person who wears it. The design of the tattoo would be an expression of the social standing. The ornate, intricate and large the design, the higher the individual's standing in the society. As per the tribal rituals, tattoos describe the age and sex of the individual. Tattooing is the integral part of their culture. It's even a form of beautification and adornment used by both men and women in tribal societies. Some tattoos are self motivated expressions of personal freedom and uniqueness. Tattoos mark a person as a member or non member of the tribal group or express religious, magical or spiritual beliefs and personal convictions. To the tribals the men's tattoos symbolized something different from women's. While the tattoos on the women are a sign of beauty, on the men they symbolized virility and fierceness. Tattoos serve a variety of purpose depending on location; gender and the state of inter- tribal relation. Tattoos in the tribal society have been associated closely to social status, achievements and identification. They appreciate and practice the art of tattoo in all walks of life. The tattoo has enjoyed immense popularity in the tribal culture of Odisha.

**Beliefs behind the tattoos:**

Various tribes have different tattooing rules and regulations regarding use and prohibition of them. The beliefs regarding tattoo varies from one tribal community to another in Odisha. Among major tribes such as Bonda, Kandhas, Binjhal, Gadabas, Koyas, Souras, Parojas,Gonds, Baiga, Birhor etc of Odisha, the tattoos are very popular and signifies different meaning to them. There are many interpretations and beliefs as far as tattoo art is considered.

The tribals believe that the supernatural powers will protect them if they apply tattoo in their body. Tattoo is used for expressing religion or spiritual beliefs. It has magico-religious significance. They use it to ward off evil. Among the Kutia Kondh the women have small tattoos on faces and wear many ornaments. They are well known for the tattoos on their faces which as per their belief identifies them after death with their own relatives. The Gonds believe that every material thing is left here in this world, but the only thing that goes with them is their tattoo mark and is seen as the ornament of the spirit which goes with the supreme one.

Tattoo is the core traditional decorative drawing among the tribals of Odisha. Tattoos are of decorative value. Tattooing is the most accepted way amongst tribes to decorate their bodies. Artistic skills are expressed through tattooing and painting their bodies. Gonds consider the tattoos as decoration of the body that remains throughout life. Tattoos are even a form of beautification and adornment used by both men and women in Gond society. The Binjhals draw tattoos for decoration.

Tribal tattoo is used for a symbol of identity dealing a certain tribe. Tattoos are done to identify dealing a certain tribe. Tattoos are done to identify different clans of tribe. Clan images are depicted through these tattoos also. Among Desia Kondh, clan identity was expressed through tattooing. The women of Desia Kondh are readily identifiable by their geometric facial tattoos that on close observation bear striking resemblance to tiger's whiskers. These identifying marks ensure they will recognize each other in the spirit world. Tribe members would often get a tattoo to serve as a physical marker.

Baruah (2010) says that in past beautiful tribal women were captured and abducted by raiding from neighboring tribal communities and to get rid of this problem the tribals make themselves look unattractive by tattooing the face of women in their society. Sometimes the beautiful girls were abducted by feudal kings by their agents in the past which forced the tribals to tattoo the face of women to make them look ugly to avoid such situations.

Among the Gonds the motif which are tattooed on the female body are meant for the purpose of exciting the sexual instinct in them. The motifs of the scorpion, honeybee, cock and hen, horse and mare and a deer couple are the motifs of fertility and are believed to stimulate the sexual instinct. It is a means of attracting the lover and arousing the love feeling in the heart of latter.

The tattoos are probably applied for therapeutic reasons such as treatment of arthritis. Tattoos are also used to ward away illness and disease by placing the tattoos around the fingers and on wrists. Among the Mali tribe who are known as gardener tribe, the tattoos are related to healing. Foot or ankle tattoos are popular among them and they draw it with a motif to act as armor to protect the feet from getting hurt.

The tattoos are also used to serve as a rite of passage. It could be the markings that a child had reached maturity and is now seen as an adult. It was also used in

women to prove that she could handle pain and therefore was suitable for child birth. Kutia Kondh enjoys experiencing a rite of passage and the present generation has grown to embrace the custom of tattoo. A dark black tattoo is stenciled upon every married Kutia female's face. Among them, the flowers and the zigzag motifs are quite popular. Similarly tattooing is popular among Bathudi girls. It is called as 'Khada'. According to their traditions before marriage an adolescent Bathudi girl's tattoos one or two floral designs on forehead or arm.

In order to develop the resistance of the body, the tribals depict the tattoos on their bodies. They regard tattoos as a sign of strength, courage and virility because of pain associated with it. For the Gond tribe, tattoo is a matter of prestige to them. They do it to flaunt their status. Simple lines, dots, circles and triangles produce several simple and decorative forms. They consider the tattoos are symbol of fortune in their life.

For some tribes tattoos are used for self protection to camouflage themselves in the woods. On view of the continuous rivalry and conflict between the tribes, tattoos are depicted for the purpose of concealing themselves or not to be identified immediately.

**Tribal tattoo designs:**

Tattoos are among the most old and most popular in all tribal cultures. Many tattoo artists have their own perception of tribal art, but truth be told, there are many varieties of tribal design. Tattoos are great cultural phenomenon and its roots are firmly stored in symbolism and superstitions prevalent in a particular culture. Therefore tattoos have been used as symbols of self expression or belonging since the dawn of humanity.

Tattoos in tribal societies of Odisha can be found on almost any part of the body. Most often they are on the back and arms. The women of the Gonds, Baigas and Bhumias get their bodies tattooed excessively but tattooing on hips and the waist is forbidden among them. Bonda women are neatly segmented by tattoos. The Paroja women are tattooed on the face whereas the Saoras have tattoo marks in their forehead with different designs; The Birhors are tattooed on the wrist, biceps and ankles. Among the Malis the ankle tattoos can include top of the foot, sides of the ankles, toes and the lower portion of the leg. Some tribes like Orans make tattoos that are more refined and it has a systematic layout with symmetry

and order. These are more skilful and more rigid in their style. Some based on few dots and small lines with leaf like patterns. The designs that are created are symmetrical and tend to flow over the areas of the body that they are placed.

The tattoos in the tribal societies of Odisha came in the shape of plants, animals, spirits, natural objects and ancestry. Many tribal tattoos use more heavy lines to craft the desired image. All the patterns are typically black. The tribal tattoos are an aboriginal design of intersecting, jagged or smooth lines that can form a variety of images. Specific animal tattoos can carry with them certain meanings, both generic and personal. Tribal tattoos can be abstract designs. It consists of thick lines and sharp finishes. The patterns looks swirling as the shapes and lines of the tattoos are interconnected. Traditionally, tribal tattoos are mostly made of various shades of black. Some of the most popular includes sun, butterflies, flames, angular style tattoos, animals and birds etc. Tattoos in the tribal societies have symmetrical shapes and look spectacular. Designs of tattoos are very complex and hence require a lot of creative skills to make them properly. Tattoos designs in tribal societies are important tradition of the ancestors. Tattoo artists always were greatly honored and tattoo designs themselves were privilege of priests and chiefs. The art of tattoo design has come down from generations through songs, ceremonies or legends.

**Conclusion:**

Tattooing is fairly common and a cultural tradition among the tribes of Odisha. Tattoos among the tribes are quite original and representational with distinctive characteristics. Wwith the limited means of locally developed technical processes, tribals have developed a high degree of physio-visual art. The practice of tattooing has changed to become more stylish turning into a form of art. Tribal tattoo designs have immense look with their monochromatic characteristics. The tattoo enthusiasts and modern world should conserve the conventional tribal elements of tattoo as appeal to the people from every walk of life and due to realization of potentiality and intrinsic value as a form of self expression in a society.

**References:**

1 Baruah, S. 2010. Tattoos- A Tribal Heritage, Times Of India crest, Jan 14, 2010, p-8

2 Blackburn, Mark. 1999. Tattoo from paradise: Traditional Polynesian patterns, Atglen, IA : Schiffer Publishing Ltd.

3 DeMello, M . 2000. Bodies of inscription, London, Duke University press.

4 Krutak, Lars. 2007. The tattooing arts of tribal women, London, Brunet and Blown, pp-288

5 Kuwahara, Makiko. 2005. Tattoo: An Anthropology, New York, Berg, pp-268

6 Thurston, Edgar. 1896. "Toda Tattoo Marks" in "Anthropology of the Todas and Kotas of the Nilgiri Hills", Bulletin No-4 Madras Government Museum.



*Reader in Anthropology*
*B.B. Mahavidyalaya, Chandikhole*
*Dist. Jajpur, Odisha-755044*

# TATTOING - The Core of Tribal Art

***Dr. A. K. Patnaik,*** *M. A.,*

In India, there are 437 Scheduled tribes with different Socio-Economic spectrum. Out of them 62 live in Odisha. Tribal constitute nearly 24% of the total population. There is considerable lack of awareness of the rich potentialities of creative research in this field.

Tribals played an important role in the Socio-Cultural history of Odisha. While discussing Tattooing of Tribes, We must have to explain the meaning and definition of Tribe. The term "Tribe" is derived from the Latin word " TRIBUS". Earlier Romans used this term to designate the division in society. Later on the term was used to mean poor people.[1]

G.S. Ghurye opines tribe-called them "Backward Tribes". In India tribes are called Scheduled Tribes after 1950. A scheduled tribe is he who has been mentioned in the scheduled list of Indian Constitution under Articles 342 (I) and 342 (II).

In the Indian context, we do not have a precise definition of the term tribe. It has been defined in different ways. According to the Oxford Dictionary, "a tribe is a group of people in a primitive or barbarous stage of development acknowledging the authority of a chief and usually regarding themselves as having a common ancestor."

Dictionary of Anthropology defines tribe as "a social group, usually with a definite area dialect, cultural homogeneity and unifying social organisation."

Andre Beteille writes, "a tribe is a society with a political, linguistic and a definite cultural boundary. Further it is a society based upon kinship where social stratification is absent."

Theodorson defines tribe as "a community occupying a common geographic area and having a similar language and culture or belief and practices.

According to S.F. Nadel a tribe is “a society with a linguistic, cultural and political boundary.”[1]

After discussing the meaning and definition of tribe we should explain the meaning of Folklore.

**FOLKLORE :**

Folklore is the oral literature of the simpler, societies and is perpetuated by oral traditions. There is usually no technique of teaching, certainly no formal technique connected with the making and singing of songs; they are learnt by the ear and transmitted in this fashion from generation to generation. Nor is there a conscious awareness of forms or construction on the part of the folk-singer or folk-teller; there is no aesthetic or analytic theory in his mind.[2]

In the tribal community tattooism is considered as an important role. In my paper I have discussed the Tattoo of Paraja, Kondh, Gond and Gadaba communities of Odisha.

**TATTOOING :**

One of the means of becoming attractive permanent decoration among the Parajas is Tattooing. It is customary among the women folk which is carried out in the weekly markets and more often when big Fairs are held. Some women who are experts may also do it. Every unmarried girl must bear a tattoo mark in blue on the chin and may have other tattoo designs, of a flower, bird or a scorpion. The male may also have his arms tattooed with various designs. But the Male Tattooing is disappearing. The girls are Tattooed after they attain the age of ten years.

The Parajas believe that tattooing takes them to heaven, because they believe a person, discards everything when he / she dies but carries only these permanent marks of the body. Another believe is that by tattooing their faces the girls keep themselves away from the evil eyes. But tattooing is regarded by Parajas as a means of decoration of bodies and look beautiful. Before marriage a girl must Tattoo her face.

At first the lady specialist smears Kusum Oil or Mustard Oil on the portion of the body. She collects black powder from the cooked pots and mixes a few drops of Mustard Oil in it to make it paste like, with this pastes she makes some

drawings on the portion fixed to be Tattooed. Then with the help of three needles she pierces on the drawing portions blood comes out of the entire portions. The concerned person cries in pain. To relieve the pain the person is smeared with Turmeric paste and castor oil. After two or three days the turmeric paste is dried. The black scratching remain permanently. But now-a-days in plain areas and in villages near any urban center, the girls do not tattoo their face or body. During my field study I observed it. But in interior Paraja villages still it is in vogue. However this practice is decreasing day by day.[3]

The decoration of the body is another aspect of Tribal attempt to beautify a person. Kutia Khond or Khond community pays much importance for Tattooing.

The Kutia Kandha female tattoo on their body. They do not believe in any reason or superstition for tattooing. They do it only for beautification. The tattooing (Tikanga) is done only on the face and arms of the female. The unmarried girls tattoo on both the arms. The Kutia Kandha male do no tattoo. The tattooing is done by the Pano women (Scheduled Caste), who go from village to village for this purpose. The tattooing is done by the help of a niddle. After punching the cheeks and arms by the needles, turmeric paste, castor oil and black paste meant for the eyes (Kajal) are applied on the wound. Within a week or fortnight the wounds are healed, leaving the tattoo mark on the skin surface.

Kandha used call tattoo as Tikanga.[4]

**GOND :**

To decorate their body and to attract others the Gonds make tattoo in different parts of their body. Tattoo is being considered as a respective art of the tribals. Both male and female of Gond community are doing tattoo in different organs of their body. This art is prevalent since time immemorial. There is some psychological and social causes behind this art. Gond male used to do tattoo in their shoulder and hands. Gond females used to tattoo in different parts of their body such as chick, chin, forehead, hands, chest and breast portion. Generally, the tattoos are circle, semi circles, lines and dots. Tattoos are generally symbolic. The figures like Star, God, Goddess, Headgear, Water, Pots, Peacock, Cow, Fire, River, Moon and Sun. Generally, the totemic animals are not drawn because they are sacred.

Normally, the virgin girls used tattooing in their body. To relax pain at the time of tattooing the Gonds used to folklore such as :-

" Ayya Ayya Mooke Bana Gadbaichhee.
Got Got Kari Sai Sai Taka Darbaichhee".

In Gond society a social group of people are doing tattoo they are popularly known as "Ojjia". In Bastar area they are known as "Godni" or "Bodni".

While writing the importance of Tattooism of tribal's the socio and psychological concept played an important role.[5]

**GADABA:**


In Gadaba community tattooing is also being seen. It is the mark for beautification of female bodies.

In the tribal art tattooing is being considered as noble and sacred. In the present period this art is decaying day by day. So we have to protect this and popularise this art, in order to save tribal culture.

## REFERENCES:


1. Mohanty, R. N., Indian Society, P. 119, Kitab Mahal, Cuttack
2. Vidyarthi, L.P. andRai, V.K., The Tribal Culture of India, P.315, New Delhi, 1976
3. Patnaik, Asit Kumar Socio – Religious Political and Economic Life of Parajas of Koraput, U. G. C.Major Reasearch Project, New Delhi, 2004, P. 56
4. SC/ST Research Training Institute, Bhubaneswar The Kandha of Orissa, P.297, Bhubaneswar
5. Personal Interview taken with Sri Sukdev Gond of Raighar, who has given the concept of Gond art specially Tattooing.


********


ବନଜା
BANAJA 2013
(ଶରୀର ଚିତ୍ରକଳା)
Academy of Tribal Languages & Culture
ST & SC Development Department
Bhubaneswar